# ପଲ୍ଲିବାଳା



ପ୍ରକାଶକ— ଶ୍ରୀ କୃଷ୍ଣଚରଣ ସାହୁ

# ପଲ୍ଲୀବାଳା

—(୦)—

ଲେଖକ

ଶ୍ରୀ ତ୍ରୈଲୋକ୍ୟ ନାଥ ନାୟକ

ସାଃ ପୋଢ଼ାଡ଼ଙ୍ଗ,

ପୋଃ ଅଃ ଅଲଣଗାଳ, ଭୁୟା ଭଦ୍ରକ

ଜିଃ ବାଲେଶ୍ୱର

ପ୍ରକାଶକ—

ଶ୍ରୀ କୃଷ୍ଣଚରଣ ସାହୁ

ପୁରୁଣାବଜାର

ପୋଃ ଅଃ ଭଦ୍ରକ

ଜିଃ ବାଲେଶ୍ୱର

ମୁଦ୍ରାକର—
ଶ୍ରୀ ଗୋପାଳଚରଣ ସାହୁ
ଅନ୍ନପୂର୍ଣ୍ଣେଶ୍ୱର ପ୍ରେସ, ପୁରୁଣାବଜାର
ଭଦ୍ରକ

ପ୍ରଥମ ମୁଦ୍ରଣ ୧୦୦୦—୧୯୫୪

ମୂଲ୍ୟ— ଛଅସିଉଙ୍କା

# ପ୍ରଥମ ଅଭିନୟ ରଜନୀ

ସ୍ଥାନ—ଭଦ୍ରକ, ( ଗହ୍ମାପୂର୍ଣ୍ଣିମା )

## ପାତ୍ରଗଣ —

| | | |
|---|---|---|
| ର୍ଜୟସିଂହ | ଅଯୋଧ୍ୟା ନୃପତି | ଶ୍ରୀମାନ ଯଶୋବନ୍ତ ବାରିକ |
| ର୍ମତି | ଅଯୋଧ୍ୟା ମନ୍ତ୍ରୀ | „ ରାମଚନ୍ଦ୍ର ଲେଙ୍କା |
| ତାପ | ମନ୍ତ୍ରୀପୁତ୍ର | „ ନିତ୍ୟାନନ୍ଦ ପରିଡ଼ା |
| ଦୟ | ଯୁବରାଜ | „ ଦୀନବନ୍ଧୁ ମହାନ୍ତି |
| ାନସିଂହ | ମାଳକଗଡ଼ର ଶବରରାଜା | „ ଧନେଶ୍ୱର ପରିଡ଼ା |
| ମସିଂହ | ସର୍ଦ୍ଦାର | „ ଶୁକାରାମ ସାହୁ |
| ାରାୟଣ | ଶବରବାଳକ | „ ନିଶାକର ମହୁରି |
| ଗଲଙ୍ଗୁ | ରାଜଭୃତ୍ୟ | „ ନିତ୍ୟାନନ୍ଦ ପ୍ରଧାନ |
| ନର | ରାଜଭୃତ୍ୟ | „ ନିତ୍ୟାନନ୍ଦ ପ୍ରଧାନ |
| ଷି | ଋଷିପୁତ୍ର | „ ପ୍ରାଣେଶ୍ୱର ଓଡ଼ା |

ସାନ୍ତ୍ରୀ, ମଦନ, ଶବରଗଣ, ବଣୁଆସେନା ରାଜପାଇକ, ଇତ୍ୟାଦି)

## ପାତ୍ରୀଗଣ —

| | | |
|---|---|---|
| ଙ୍ଗିଲା | ମାନସିଂହର ମାଆ | ଶ୍ରୀମାନ ଧୀରେନ୍ଦ୍ର ପରିଡ଼ା |
| ମା | ରାଜକନ୍ୟା | „ ବାବାଜୀ ସେଠୀ |
| ବତୀ | ମନ୍ତ୍ରୀକନ୍ୟା | „ ଉପେନ୍ଦ୍ର ନାୟକ |
| ଇମାଆ | ରାଜବଂଶୀୟା ନାରୀ | „ ଭାସ୍କରଚନ୍ଦ୍ର ପରିଡ଼ା |
| ଖା | ମଦନ ସ୍ତ୍ରୀ | „ ନିଶାକର ମହୁରି |

( ଶବରୁଣୀଗଣ, ବଣାବୋଉ ଇତ୍ୟାଦି )

ମ୍ୟାନେଜର— ଶ୍ରୀଯୁକ୍ତ ବାବୁ ଭିକାରୀଚରଣ ବାରିକ

ସ୍କୁଲଜର୍ଡ ସହକାରୀଶିକ୍ଷକ— ଶ୍ରୀ ରାମକୃଷ୍ଣ ରାଉତ

# ପୂଜାଭେଟି

ଭାଗ୍ୟବାନ ଶ୍ରୀଲ ଶ୍ରୀଯୁକ୍ତ ହରିଚରଣଙ୍କ

କରକମଳରେ

କାହିଁକି ଆପଣଙ୍କ କଥା ଶୁଣିଲେ ମନରେ ମୋର ଗୋଟି ଆନନ୍ଦର ଢେଉ ଖେଳିଯାଇ ଛାତି ଫୁଲିଉଠେ । ମୁଁ ଅପଲକ ନେତ୍ରେ ଦେଖୁଥାଏ ଆପଣଙ୍କ କାମ । ଆପଣ ଯେ କେତେ ଅଭାବ ପୀଡ଼ି ଜୀବନ୍ତ ବନ୍ଧୁ ମାନଙ୍କୁ ଋଣ ବନ୍ଧନରୁ ମୁକ୍ତ •ଦେଇଛନ୍ତି ଆପଙ୍କଣ ହାଁ ଓ ଲକ୍ଷ ଦେଇ, ତାହା ଅକଥନୀୟ । ମୁଁ ଆଜି ସେହି ଭୃତଗ୍ରସ୍ତ ବ ମଧ୍ୟରେ ଜଣେ । ମୁଁ ଅଭାବ ଭୋଗିନାହିଁ ମୋର ପାରିବାରି ପରିଚାଳନାରେ, ଭୋଗିଛି ମୋର ଲେଖନୀର ରୂପଦଆ ଛାଁ ଦେଶରେ ଦେଖାଇବା ପାଇଁ ।

ମୁଁ କପଣ ଦେଇ ଆପଣଙ୍କପରି ଭାଗ୍ୟବାନ ମାନବ ଦୟାନୁରାଗୀ ହେବ ? ଦେଉଛି ମୋର ଏହି କ୍ଷୁଦ୍ରପଲ୍ଲୀବାଳା ନାଟକ ପୂଜାଭେଟି ରୂପରେ ଆପଣଙ୍କ କରକମଳରେ ।

ସ୍ନେହାଶ୍ରିତ

ଲେଖକ

# ପଲ୍ଲୀବାଳା

## —ପ୍ରଥମ ଅଙ୍କ—

### ପ୍ରଥମ ଦୃଶ୍ୟ

( ଜଙ୍ଗଲ )

( ଜଙ୍ଗଲପଥେ ରାଜା ଓ ଚାକର ( ଜଗବନ୍ଧୁ )
ଏବଂ ଅନ୍ୟାନ୍ୟ ସୈନିକଗଣ )

ରାଜା—କେତେ ବାଟ ଚାଲିଲେ ଏ ଜଙ୍ଗଲପଥ ଶେଷ ହେବ, ବଡ଼ ଅବଶ ବୋଧ ହେଲାଣି । ଜଗବନ୍ଧୁ ! ତୁମେ ଯାଇ ମୁନ୍ଦାଏ ଜଳ କେଉଁଠୁ ଆଣି ପାରିବ କି ?

ଜଗବନ୍ଧୁ—ଜଳ କେଉଁଠୁ ମିଳିବ ? ନଦୀ କି ପୁଷ୍କରିଣୀ ନିକଟରେ ନାହିଁ, କେବଳ ଘୋର ଜଙ୍ଗଲ ।

ରାଜା—ତେବେ କଅଣ କରିବା । ପ୍ରାଣ କଣ ବାହାରି ଯିବ ? ଲକ୍ଷ୍ମୀ-ନାରାୟଣ ! ତୁମ୍ଭର କି ମାୟା କିଛି ବୁଝି ହେଉନାହିଁ । ମାୟାଧର ! ବାଟରେ ରକ୍ଷା କର ।

( ନାରାୟଣ ନାମକ ଶବର ପିଲାର ପ୍ରବେଶ ଓ ଗାନ )

ନିବିଡ଼ ଘୋର ଜଙ୍ଗଲେ ଜଙ୍ଗଲିଆ
ବାଟ ହୁଡ଼ିଲୁ ଏ ଣ ଆ ଆ । ଘୋଷା ।

ଜଗବନ୍ଧୁ—ଏ ବଣ ଭିତରେ ଗୋଟିଏ ପିଲା ମଧୁର ସ୍ୱରରେ ଗୀତଟିଏ ଗାଇ ଗାଇ ବୋଧହୁଏ ଆମ୍ଭ ଆଡ଼କୁ ଆସୁଛି ।

ନାରାୟଣ—(ଗାନ) ଅବୁଝା ହେଲେ ତୁହି, 'ବୃନ୍ଦାବନ କେ କହିଁ
ପଥନାହିଁ ସେ ଦିଗେ ନ ଯାଅ ନ ଯାଅ । ୧ ।

ବହୁତ ଦୂରେ ତୁ ଅଛୁ, ଯାହାକୁ ଖୋଜି ବୁଲୁଛୁ
ନିଆଳୀ ଗାଳି ନଗରେ ଯା' ଯା' ଯା' ନା' । ୨ ।

ରାଜା—କିଏରେ ପିଲା ! କଣ ନେଉଛୁ ? ଜଳ ନା କଣ ?

ନାରାୟଣ—ମୋର ତ ଦୁଧ, ଜଳ କାହିଁକି ହେବ ମ ?

( ପ୍ରହରୀ ଦୁଇଜଣ ଦୁଧ ଛଡ଼ାଇ ନେଇ ପଳାୟନ କରିବା )

ନାରାୟଣ—ମଲି, ମଲି, ମୋର ଦୁଧତକ ନେଇ ପଳାଇଲେ ଏଗୁଡ଼ାକ ଠକ ନା କଣ ? ମୁଁ କଣ କରିବି ? ଇଁ ଇଁ ଇଁ ଇଁ

( କାନ୍ଦିବା

ରାଣୀ—ହଇରେ ପିଲା ତୁ କାନ୍ଦୁଛୁ କାହିଁକି ?

ନାରାୟଣ—ତମେ ଗୁଡ଼ାକ ଠକ । ତମେ ଏଠାକୁ ଡକାୟତି କରିବାକୁ ଆସିଛ ନା କଣ ?

ରାଜା—ନା, ନା, ଆମ୍ଭେ ଡକାୟତ ନୋହୁଁ । ଶୋଷରେ ଆମ୍ଭ ମାନଙ୍କର ପ୍ରାଣ ଯାଉଥିଲା । ତମ ଦୁଧତକ ନେଇ ଆମ୍ଭ ପ୍ରାଣ ବଞ୍ଚାଇଲୁଁ, ତମର ଷତି କଣ ହେଲା ? ତମ ଘର କେଉଁଠିରେ ପିଲା ?

ନାରାୟଣ—ଆମ ଘର ଏହି ବଣ ଭିତରେ ।

ରାଜା—ତମେ କା ଘରର ପିଲା ?

ନାରାୟଣ—ମୁଁ ଶବର ଘରର ପିଲା ?

ରାଜା—ତମ ନାଁ କଣ ?

ନାରାୟଣ—ମୋ ନାଁ ନାରଣ ?

ରାଜା—ଆଚ୍ଛା, ତମ ବଣ ଭିତରେ ଯେଉଁ ଲକ୍ଷ୍ମୀନାରାୟଣ ଦେବତା ଅଛନ୍ତି ତାହା ଏଠାରୁ କେତେ ଦୂର ?

ନାରାୟଣ—ତାହା ଏଠାରୁ ଅନେକ ଦୂର । ତମେ ସେଠାକୁ ଯାଇ ପାରିବ ନା ? କେତେ ବଣ ପାହାଡ଼ ପାର ହେବାକୁ ପଡ଼ିବ । ତୁମେ ସେଠାକୁ କାହିଁକି ଯିବ ?

ରାଜା—ସେହି ଦେବତା ମୋତେ ସ୍ୱପ୍ନରେ କହିଛନ୍ତି ସେ ଆସିବେ । ଆମ୍ଭ ରାଜପୁରରେ ଗୋଟିଏ ମନ୍ଦିର ବହୁଦିନ ହେଲା ତୋଳା ହୋଇ ରହିଛି । ତହିଁରେ ସେ ରହିବେ ।

ନାରାୟଣ—ସେ ତ ଅସବର୍ଣ୍ଣ ଜାତିର ଦେବତା । ତାଙ୍କୁ ଅସବର୍ଣ୍ଣ ଜାତି ଯେ କୋହ୍ଲ, କନ୍ଧ, ସାନ୍ତାଳ ଜାତିର ଲୋକେ ପୂଜା କରନ୍ତି । ତାଙ୍କୁ ତୁମେ ନେବ କପରି ? ସେ ଦେବତାଙ୍କୁ କଣ ତୁମେ ପୂଜା କରିବ ?

ରାଜା—ନାଁରେ ପିଲା, ଦେବତାଙ୍କର ଅସବର୍ଣ୍ଣ ଓ ସବର୍ଣ୍ଣ ନାହିଁ । ତାଙ୍କୁ ସମସ୍ତେ ପୂଜା କରି ପାରନ୍ତି । ସେ ସମସ୍ତଙ୍କର ।

ନାରାୟଣ—ତୁମ କ୍ଷତ୍ରିୟ ଜାତିଙ୍କର ବ୍ରାହ୍ମଣ ଥାଏ ପରା ? ସେ ପରା ଅସବର୍ଣ୍ଣ ଜାତିଙ୍କୁ ମନ୍ଦିରରେ ପୂରାଇ ଦିଅନ୍ତି ନାହିଁ ? ତୁମେ ଏମିତି କହୁଛ କପରି ?

—୩—

ରାଜା—ସେଟା ଲୋକଙ୍କର ଭୁଲ୍ ଧାରଣା । ମଣିଷ ଦେହ ସେ ଟିଏ କାଠ । ଆଚ୍ଛା କହ ତୁମେ ସେ ସ୍ଥାନକୁ ଆମ୍ଭଙ୍କୁ ନେଇ ଯାଇ ପାରିବ କି ?

ନାରାୟଣ—ହଁ ନେଇ ଯାଇ ପାରନ୍ତି କିନ୍ତୁ—

ରାଜା—କିନ୍ତୁ କଣ ? ଚୁପ୍ ହେଲ କାହିଁକି ?

ନାରାୟଣ—ମୋର ମା ଗାଳି ଦେବେ ।

ରାଜା—ଆଚ୍ଛା ଚାଲ ଆମ୍ଭେ ତମ ମା ପାଖରେ କହି ନେଇଯିବୁ ।

ନାରାୟଣ—ତୁମକୁ ଦେଖିଲେ ମା ଆଦୌ ଛାଡ଼ିବେ ନାହିଁ । ସେ ସ୍ଥାନଟି ବଡ଼ ଦୁର୍ଗମ ସ୍ଥାନ । ସେ ସ୍ଥାନକୁ କେହି ଯାଆନ୍ତି ନାହିଁ । ମାନସିଂହ ସେ ଦେବତାଙ୍କୁ ପୂଜା କରନ୍ତି ।

ରାଜା—ତେବେ ଆମ୍ଭେ କିପରି ସେ ସ୍ଥାନକୁ ଯିବା ?

ନାରାୟଣ—କେହି ବିଦେଶୀ ଲୋକ ସେ ସ୍ଥାନକୁ ଯାଆନ୍ତି ନାହିଁ । ଆପଣ ଯଦି ମାନସିଂହଙ୍କୁ ସାକ୍ଷାତ କରି ଲକ୍ଷ୍ମୀନାରାୟଣଙ୍କ ନେବା ସମ୍ବନ୍ଧେ ଅନୁମତି ନେଇ ପାରନ୍ତି; କେଜାଣି ନେଇ ପାରିବେ । ଉଁ ହୁଁ—ତେବେ ହେଲେ ମୋ ମନକୁ ପାଉ-ନାହିଁ । ସତେ କଣ ସେ ଲକ୍ଷ୍ମୀନାରାୟଣଙ୍କୁ ଦେବେ ?

ରାଜା—ହଇରେ ପିଲା, ତେବେ କି ଉପାୟ କଲେ ଲକ୍ଷ୍ମୀନାରାୟଣଙ୍କୁ ପାଇ ପାରିବା ?

ନାରାୟଣ—କଣ ମୋତେ ସବୁରି କଥା ପଚାରୁଛ ? ମୁଁ ପିଲାଲୋକ ଏତେ କଥା କହି ପାରିବି ନାହିଁ ।

ରାଜା—ରେ ପିଲା, ମୁଁ ଜାଣୁଛି ତମେ ବୁଢ଼ା ଲୋକ ଭଳି ସବୁ କଥା ଜାଣ ।

ନାରାୟଣ—ହଁ ମୁଁ ସିନା ଉକଟେଇ କଥା କହିଲି ବୋଲି ତୁମେ ଏମିତି କଥା କହୁଛ ମୁଁ ସୁରୁଖା । ମୁଁ କିଛି ନ କହି ଚାଲି ଯାଇଥିଲେ ତମେ ମୋତେ ପଠାଉଥାନ୍ତ କାହିଁକି ?

ରଜା—ମୋର ବାପାଠା, ଏଠି ଯା ଅମ୍ଭେ କାହାକୁ ଚିହ୍ନିନାହୁଁ । କାହାକୁ ପଚାରିବୁଁ ? ତମେ ନ କହି ଦେଲେ ଅମ୍ଭଙ୍କୁ କିଏ କହି ଦେବ ? କହନ୍ତି ବାପା କିପରି ଲକ୍ଷ୍ମୀନାରାୟଣ ଦେବତାଙ୍କୁ ପାଇବୁଁ ।

ନାରାୟଣ—ତୁମେ ଏହି ନିକଟରେ ଶବର ପଲ୍ଲୀକୁ ଚାଲି ଯାଉନାହଁ ? ମାନସିଂହଙ୍କର ଘର ଏହି ନିକଟରେ । ଏହି ପଲ୍ଲୀକୁ ଗଲେ ସବୁ ଖବର ମିଳିବ । କିନ୍ତୁ ସାବଧାନ, ହଠାତ୍ ଲକ୍ଷ୍ମୀ-ନାରାୟଣଙ୍କୁ ନେବା କଥା କହିବ ନାହିଁ । ତାହା କହିଲେ ତୁମ ଜୀବନ ତୁମର ନୁହେଁ ।

ରଜା—ସେ କଣ ମୋତେ ପାରିବେ ? ମୁଁ ଜଣେ ରଜା, ମୋର କ୍ଷମତା ବହୁତ ବେଶି ।

ନାରାୟଣ—ନା, ନା, ସେମାନେ ଲକ୍ଷ୍ମୀନାରାୟଣଙ୍କୁ ପୂଜା କରି ବହୁ ବଳବାନ ହୋଇଛନ୍ତି । ତାଙ୍କର ଭାରି ଭକ୍ତି ଓ ଭାରି ଶକ୍ତି । ତୁମେ କଣ ରାଜା ଦେଖାଉଛ, ଲକ୍ଷ୍ମୀନାରାୟଣ ପରା ନିଜେ ଆସି ତୁମ ଆମ ପରି ତାଙ୍କ ଲାଗି ଲଢ଼ାଇ କରିବେ, କିନ୍ତୁ ମାନସିଂହଙ୍କୁ ହାତ କରି ନେଲେ କାମ ଶେଷ ।

ରଜା—ସେ କଣ କମ କଥା, ମାନସିଂହ ଅୟତ୍ତ ହେବ କିପରି ?

ନାରାୟଣ—ସବୁ କଥା ମୁଁ କହୁଥିବି ନା ? ମୁଁ ଯାଉଛି ମୋ ମା ଡାକୁଥିବ । ( ଖଣ୍ଡେ ଦୂର ଚାଲିଯିବା )

—※—

ରାଜା—ରହ ରହ ପିଲା; ଏତିକ କଥା କହି ଦେଇ ଯାଅ ।

ନାରାୟଣ—ତୁମେ ମାନସିଂହଙ୍କୁ ଆଗେ ସାକ୍ଷାତ କରାଇ ନେଇ ପରେ ଲକ୍ଷ୍ମୀନାରାୟଣଙ୍କୁ ମାଗିବ । ସେ ଭାରି ସରୁଆ ଲୋକ, ଯେମିତିକା ରାମଚନ୍ଦ୍ର । ମାନସିଂହ ଯେ ଏ ବଣାଟାର ରାଜା; ତାଙ୍କର କୋଟି କୋଟି ଅସ୍ପବର୍ଣ୍ଣ ସେନା ଅଛନ୍ତି । ସେମାନେ ଭାରି ଲଢୁଆ । ସେ ଯାହା କହିଥିବେ ସେଇଆ କରିବେ ।

ରାଜା—ଆଚ୍ଛା ମାନସିଂହଙ୍କୁ ମୋତେ ଟିକିଏ ସାକ୍ଷାତ କରାଇ ଦେବନି ? ମାନସିଂହର ଅଛି କିଏ ?

ନାରାୟଣ—କିଏ ନାହିଁ ? ଅଛି ତାଙ୍କର ବାପା, ମା, ଗୋଟିଏ ଜ୍ୟେଷ୍ଠ ପୁଅ । ସେତ ଈଶ୍ୱର ଭକ୍ତ, ଈଶ୍ୱର ତାଙ୍କୁ ଖୁବ୍ ସୁଖରେ ରଖିଛନ୍ତି । ଖୁବ୍ ବୁଦ୍ଧିବଳ ଦେଇଛନ୍ତି, ଆସ ମୋ ସାଥିରେ । ଏହି ବଣରେ ବାଟ ଭୁଲିବ ନାହିଁ । ମୋହର ପଛେ ପଛେ ଚାଲିଥିବ ।

[ କିଛି ଦୂର ଯାଇ ନାରାୟଣର ଅନ୍ତର୍ଦ୍ଧାନ । ]

ରାଜା—ପିଲାଟା ଆଗେ ଆଗେ ଯାଉଥିଲା, କାହିଁ, କେଣିକି ଚାଲିଗଲା । ବୋଧହୁଏ ବଣରେ ଲୁଚି ଯାଇଛି । ନାରଣ, ନାରଣ; ନାରଣ ( ଡାକିବା ) କାହିଁ ତ ଶୁଣୁନାହିଁ, କଣ କରିବା ?

( ମାନସିଂହର ପ୍ରବେଶ )

ମାନସିଂହ—ନମସ୍କାର, ଆପଣ କିଏ ? ଆପଣଙ୍କ ଘର କେଉଁ ସ୍ଥାନରେ ?

ରାଜା—ଆମ୍ଭ ଘର ବହୁ ଦୂରରେ—ଆମ୍ଭେ ବିଦେଶୀ ଲୋକ ।

ମାନ—ତେବେ ଏ ବସ୍ତୀ ଭିତରକୁ ଆସିଛନ୍ତି କାହିଁକି ?

ରାଜା—ମାନସିଂହଙ୍କୁ ସାକ୍ଷାତ କରିବାକୁ ଆସିଛୁ । ମାନସିଂହଙ୍କ ବାସସ୍ଥାନ କେତେ ଦୂରରେ ?

ମାନ—ଆପଣଙ୍କର ପୂର୍ବ ପରିଚୟ ଦରକାର ।

ରାଜା—ମୋର ପରିଚୟ, ଶୁଣନ୍ତୁ; ମୁଁ ଅଯୋଧ୍ୟା ଦେଶର ରାଜା, ମୋର ନାମ ଧରସିଂହ । ଆଜକୁ ବହୁଦିନ ହେଲା ମାନସିଂହଙ୍କ ଦର୍ଶନ ନିମିତ୍ତ ଚାଲୁଛୁଁ ।

ମାନ—ମାନସିଂହଙ୍କ ନିକଟରେ ଆପଣଙ୍କର କି କାର୍ଯ୍ୟ ଅଛି ?

ରାଜା—କାହିଁକି ଆପଣ କିଏ ?

ମାନ—ମୁଁ ମାନସିଂହ । ଆପଣ ଯଦି ମୋ ପୁରକୁ ଗମନ କରିଛନ୍ତି ତେବେ କି ଅଭ୍ୟର୍ଥନା ଦେବି ? ମୁଁ ତ ଜଣେ ଅସବର୍ଣ୍ଣ ଜାତିର ଲୋକ, ବୋଧହୁଏ ଆପଣ କ୍ଷତ୍ରିୟ ରାଜା । ଆପଣ ମୋ ହାତରୁ ଜଳ ସ୍ପର୍ଶ କରିବେ କି ନା ସନ୍ଦେହ ।

ରାଜା—ସନ୍ଦେହ କରନ୍ତୁ ନାହିଁ । କି ଅଭ୍ୟର୍ଥନା ଦେବେ ଦିଅନ୍ତୁ । ଆମ୍ଭେ ତାହା ସାଦରେ ଗ୍ରହଣ କରିବୁଁ । ଆଗେ ଆମ୍ଭମାନଙ୍କର ଖାଦ୍ୟପେୟର ବନ୍ଦୋବସ୍ତ କରନ୍ତୁ ।

ମାନ—ତେବେ ଆସନ୍ତୁ ଏ ଗରିବ ପଲ୍ଲୀକୁ ।

ରାଜା—ଚାଲନ୍ତୁ ।

( ସମସ୍ତଙ୍କର ପ୍ରସ୍ଥାନ )

## —ଦ୍ୱିତୀୟ ଦୃଶ୍ୟ—

(ଜଙ୍ଗଲ ମଧ୍ୟରେ ଥିବା ମାନସିଂହଙ୍କର ପଲ୍ଲୀରେ ଥାଇ ମାନସିଂହ ଓ ରାଜାର କଥୋପକଥନ)

ମାନସିଂହ—ଆପଣଙ୍କର ମୋ ନିକଟକୁ ଆସିବାର କାରଣ କଣ?

ରାଜା—ଆପଣ ସତ୍ୟ ନ କଲେ ମୁଁ କୌଣସି କଥାରେ ପ୍ରାର୍ଥୀ ହେବ ନାହିଁ।

ମାନ—ବୋଧହୁଏ ତୁମ୍ଭେ ମୋଠାରୁ କୌଣସି ଦ୍ରବ୍ୟ ପାଇବାର ଆଶା କରିଛନ୍ତି?

ରାଜା—ହଁ ମୁଁ ଗୋଟିଏ ଦ୍ରବ୍ୟ ମାଗିବାକୁ ଆସିଛି।

ମାନ—କି ଦ୍ରବ୍ୟ କହୁ ନାହାନ୍ତି?

ରାଜା—ତୁମ୍ଭେ ସତ୍ୟ ନ କଲେ ମୁଁ କିଛି ମାଗିବ ନାହିଁ।

ମାନ—ହଁ ମୁଁ ସତ୍ୟ କଲି କୁହନ୍ତୁ ଆପଣ କଣ ମୋଠାରୁ ପାଇବାର ଆଶା କରିଛନ୍ତି?

ରାଜା—ଅନୁରୋଧ କରୁଛି ତମେ ଦୟା କରି ତମର ଆଶ୍ରୟ ଦେବତା ଲକ୍ଷ୍ମୀନାରାୟଣଙ୍କୁ ପ୍ରଦାନ କରନ୍ତୁ।

ମାନ—କଣ କହୁଛନ୍ତି, ଲକ୍ଷ୍ମୀନାରାୟଣଙ୍କୁ ଦେବୁ? ଲକ୍ଷ୍ମୀନାରାୟଣ ତ ମୋର ଏକାକୀ ନୁହନ୍ତି, ସାରା ଅସବର୍ଣ୍ଣ ଜାତିଙ୍କ ପୂଜ୍ୟ। ଆପଣ ଆଉ ସେ କଥା କହନ୍ତୁ ନାହିଁ। ଏ କଥା ଶୁଣିଲାମାତ୍ରେ ସେମାନେ ଆପଣଙ୍କ ବିରୁଦ୍ଧେ ଯୁଦ୍ଧ ଘୋଷଣା କରିବେ। ଆପଣ ପ୍ରାଣ ନେଇ ପଳାଇ ଯିବାକୁ ବାଧ୍ୟ ହେବେ।

ରାଜା—ତେବେ ତୁମେ ତୁମ ସତ୍ୟ ଭଗ୍ନ କର ମୁଁ ଫେରିଯିବି ।

ମାନ—ମାନୁଷ ଜବାବ୍ ଗୋଟେ । ସେ କେବେ ତାର ଜବାବ୍ ରକ୍ଷା କରିବାରେ ଡରିଲେ ମାନ କ୍ଷୁଣ୍ଣ ହୋଇବ ନାହିଁ । ଆପଣ କପଟ ଲକ୍ଷ୍ମୀନାରାୟଣଙ୍କୁ ନେଇ ଜୀବନ ଯେମିତି ପଳାଇବେ ତାହା ସ୍ଥିର କରନ୍ତୁ । ତେବେ ଆସନ୍ତୁ ନାରାୟଣଙ୍କ ମନ୍ଦିରକୁ ।

( ପ୍ରସ୍ଥାନ )

## —ତୃତୀୟ ଦୃଶ୍ୟ—

( ରାଜା ଅସ୍ତ୍ରଦାୟଗ୍ରସ୍ତ ହୋଇ ପଳାୟନ ସମୟେ ତୁଳସୀର ପ୍ରବେଶ ଏବଂ ଯୁଦ୍ଧ କରିବାକୁ ଉଦ୍ୟତ )

ତୁଳସୀ—ଖୁବ୍ ନିକଟରେ ତୋର ପ୍ରାଣ ନେବାକୁ ମୁଁ ପ୍ରସ୍ତୁତ ଅଛି ରାଜା ! ଯେ ସାମାନ୍ୟ ବାଳୁଆ ପିଲା ସଙ୍ଗେ ଯୁଦ୍ଧ କରି ବାରମ୍ବାର ପରାସ୍ତ ହେଉଛି, ତୋ ପରି ଦୁର୍ବଳ ରାଜା କ୍ଷତ୍ରିୟ କୁଳରେ ରହିବା ଅସୁନ୍ଦର । ସାହସ ଧର, ପୁଣି ଯୁଦ୍ଧ କର ।

ରାଜା—ତୋ ସଙ୍ଗେ ଯୁଦ୍ଧ କରିବାକୁ ମନ ବଳୁନାହିଁ । ସାମାନ୍ୟ ବାଳକ ତୁହି—ପୁଣି ମୋର ସୈନ୍ୟ ମାନସିଂହର ପୁତ୍ର ।

ତୁଳସୀ—ଦୁର୍ବଳତାର ପରିଚୟ ଏହା । ଯୁଦ୍ଧରେ କି ଥାଏ ଓଳଟପାଲଟ, ସୈନ୍ୟ ବୋଲି କହୁଛ କାହାକୁ ? କରିଛ ତାର ସର୍ବନାଶ,

ଅକସ୍ମାତ୍ ଉପସ୍ଥିତ ହୋଇ କରାଇଲ ସତ୍ୟ ତାଙ୍କୁ । ଦେବ ତାର ଆରାଧ୍ୟ ଦେବତା—ଶ୍ରୀଲକ୍ଷ୍ମୀନାରାୟଣଙ୍କୁ । ସେତେବେଳେଁ ପିତା ମୋର ହେଲେଣି ପାଗଲ । ମହାପାପ ଅର୍ଜିଲି ଏ ସ୍ଥାନେ । ଏ ସମ୍ବାଦ ପାଇଲ ମାତ୍ରକେ, ଅସିବେ ଏକ୍ଷଣି କୋଟି କୋଟି ସୈନ୍ୟ; ତପର ଅସବର୍ଣ୍ଣ ଜାତ ହେଲେ, ଠିକ ଠିକ କରଣ ତୁମ୍ଭଙ୍କୁ ଧୂଳିରେ ମିଶାଇ ଦେବେ । କରନ୍ତୁ ତୁମ୍ଭେ, ତାଙ୍କ ରାଜାଙ୍କୁ ପାଗଲ ।

( ଯୁଦ୍ଧ କହୁଁ କହୁଁ ପ୍ରସ୍ଥାନ )

ମାନସିଂହ—କଣ କରିବି ? ସତ୍ୟ ଲଙ୍ଘିବି । ନା, ନା, ମହାପାପ । ଯଦି ସତ୍ୟ ପାଳନ କରି ଲକ୍ଷ୍ମୀନାରାୟଣଙ୍କୁ ରାଜାଙ୍କୁ ଦେଇ, ତେବେ କି ଘଟଣା ଘଟିବ ତାର କଳନା ନାହିଁ । ମୋର ପୁତ୍ର ତୁଳସୀ, ରାଜା କଣ, ରାଜପୁର ମୁଣ୍ଡା ଧ୍ୱଂସ କରିବ । ବଜ୍ର ପରି ଶକ୍ତ ତାର—ଅର୍ଜୁନ ପରି ବୀର ସେ । ତାର ପଛକୁ ଅଛନ୍ତି ଅସବର୍ଣ୍ଣ ଜାତର କୋଟି କୋଟି ସେନା—ତୀକ୍ଷ୍ଣମନା ଧାରଧାରୀ । ଏଥିରୁ ରାଜା ରକ୍ଷା ପାଇବାର ଉପାୟ ନାହିଁ । ରାଜାଙ୍କୁ ବାହୁଡ଼ାଇ ଦେଲେ ସତ୍ୟ ଭାଙ୍ଗିବ । ତାହା ହେବନାହିଁ । ସତ୍ୟକୁ ବଜାୟ ରଖିବାକୁ ହେବ । ହେ ପ୍ରଭୁ, ଲକ୍ଷ୍ମୀନାରାୟଣ ! ମୋତେ ସୁବୁଦ୍ଧି ଦିଅ । ଏ ବିଷମ ସଙ୍କଟରୁ ରକ୍ଷା କର ।

( ଲକ୍ଷ୍ମୀନାରାୟଣଙ୍କୁ ଧ୍ୟାନ କରିବା )

( ଏହିସମୟରେ ତୁଳସୀ ଓ ରାଜା ଯୁଦ୍ଧ କରୁ କରୁ ପ୍ରବେଶ )

ମାନସିଂହ—ଯୁଦ୍ଧ ବନ୍ଦକର ତୁଳସୀ !

ତୁଳସୀ—କାହିଁକି ? ମୁଁ ବର୍ତ୍ତମାନ ରାଜାର ପ୍ରାଣ ନେବି ।

ମାନ—ମୋର ସତ୍ୟ ଭଗ୍ନ ହେବ । ମୁଁ ଶ୍ରୀ ଲକ୍ଷ୍ମୀନାରାୟଣଙ୍କୁ ଦେବି ।

ତୁଳସୀ—କଣ କହୁଛନ୍ତି ବାପା ! ଲକ୍ଷ୍ମୀନାରାୟଣଙ୍କୁ ଦେବେ ? ଆପଣ ତ ବର୍ତ୍ତମାନ ପାଗଳ, ଆପଣ ଭଲମନ୍ଦ କିଛି ବିଚାର କରି ପାରୁ ନାହାନ୍ତି । ରାଜାଙ୍କୁ ହତ୍ୟା କରିବାକୁ ବର୍ତ୍ତମାନ ଲକ୍ଷ ଲକ୍ଷ ଲୋକ ଉପସ୍ଥିତ ହେଲେଣି । ଆପଣ କାହାକୁ ସମ୍ଭାଳିବେ ? ଆପଣ ନିଜେ ନିଜକୁ ସମ୍ଭାଳନ୍ତୁ ।

(ଧାଇଁ ଆସି ଦୁଇଜଣ ବଣୁଆ ଲୋକ ମାନସିଂହକୁ ବନ୍ଦୀ କରିବା)

ଛାଠ—ବନ୍ଦୀ ହେଲୁ ମାନସିଂହ । ତୁମ୍ ଜାଣନା, ଆମାର ଦେଶ ଲୋକନା, ବିଦେଶୀ ରାଜା ଆମ୍ଭ ମୁଲକ ନେଇଁ ଚାଲିବେ ! ଆମାର ଦେବତା ନେଇଯିବେ ? ଆମ୍ଭ ତୋର ପ୍ରାଣ ନିବ । ତୁମ୍ ବନ୍ଦୀରେ ଥା । ଦେଖ ନା କି ହଉଚେ ?

ମାନ—ଓ ହୋଃ କି ଅଦ୍ଭୁତ ବ୍ୟାପାର ! ଏହି ତ ରାଜାର ପ୍ରାଣ ବିନାଶ ହେବ । ତୁଳସି ! ତୁଳସି ! ରକ୍ଷାକର, ରକ୍ଷାକର, ମୋର ସତ୍ୟ, ପିତାର ସତ୍ୟ ଭାଙ୍ଗନାହିଁ । ରାଜାଙ୍କୁ ହତ୍ୟା କରନାହିଁ ।

ତୁଳସୀ—ରାଜାର ହତ୍ୟା ସୁନିଶ୍ଚିତ । ଲକ୍ଷ୍ମୀନାରାୟଣଙ୍କୁ କଦାପି ଦେବାକୁ ହେବନାହିଁ । ଆପଣ ରାଜା ହେଲେ କଣ ହେବ ? ସମସ୍ତ ପ୍ରଜାଙ୍କର ଯହିଁରେ ଅନିଚ୍ଛା—ତହିଁରେ ଆପଣ ବାଧା ଦିଅନ୍ତୁ ନାହିଁ । ମୁଁ ପ୍ରଜାଙ୍କ ସମ୍ମତିକ୍ରମେ ବିଦେଶୀ ରାଜାଙ୍କୁ ହତ୍ୟା କରିବ ।

ମାନ—ନା, ନା ତୁଳସି ! ତାହା ଭଲ କାମ ନୁହେଁ । ସେ ଜଣେ ବିଦେଶୀ ରାଜା, ତାର ସୈନ୍ୟ ସାମନ୍ତ ନାହାନ୍ତି; ତୁମ୍ଭେ-ମାନେ ସମସ୍ତେ ବେଢ଼ି ତାଙ୍କୁ ହତ୍ୟା କରିବା ମହାପାପ । ତାହା ଧର୍ମ ସମ୍ଭବ ନାହିଁ । ପୁଣି ସତ୍ୟଭଙ୍ଗ ହେଲେ ସେ ତୁମ୍ଭର ପତନ ହେବ ।

ତୁଳସୀ—ତୁମ୍ଭର ପିତା ! ସେ ରାଜା ନୁହେଁ—ଠକ, ଡକାୟତ । ସେ ଯେ ସାରା ଅସବର୍ଣ୍ଣ ଜାତିକୁ ପତନ ଆଡ଼କୁ ନେଉଛି । ଜାତିର ଗୌରବ ଶ୍ରୀ ଲକ୍ଷ୍ମୀନାରାୟଣଙ୍କୁ ନେଇ ଯାଉଛି । ତାଙ୍କୁ ଛାଡ଼ିବାର କଥା ନୁହେଁ । ରାଜା ! ଯୁଦ୍ଧ କର ।

( ଯୁଦ୍ଧ କରୁ କରୁ ପ୍ରସ୍ଥାନ )

ମାନ—ପ୍ରଭୁ ! ପ୍ରଭୁ ! ଲକ୍ଷ୍ମୀନାରାୟଣ ! ତୁମ୍ଭ ସାକ୍ଷୀ । ତୁଳସି ! ମୋତେ ଖୋଲିଦିଅ । ତୋପରି ପୁଅକୁ ସଙ୍ଗେ ସଙ୍ଗେ ହତ୍ୟା କରନ୍ତୁ । ଉଃ, କଣ କରିବି ? ରାଜାକୁ ତ ହତ୍ୟା କରିବେ । ଦୟାମୟ ପ୍ରଭୁ ! ଲକ୍ଷ୍ମୀନାରାୟଣ ! ରାଜାଙ୍କୁ ରକ୍ଷା କର ।

ରାଜା—ଏଠି ତ ତୁଳସୀ ସହିତ ଅସଂଖ୍ୟ ସୈନ୍ୟ ଧାଇଁଛନ୍ତି । ଏକେ ତ ମୁଁ ନିରସ୍ତ୍ର, କଣ କରିବି ? ଏଥର ମୋର ପ୍ରାଣ ଗଲା । ଲକ୍ଷ୍ମୀନାରାୟଣ ପ୍ରଭୋ ! ତୁମ୍ଭପାଇଁ ପ୍ରାଣ ଗଲା । ରକ୍ଷାକର ପ୍ରଭୁ !

( ନାରାୟଣଙ୍କ ପ୍ରବେଶ )

ନାରାୟଣ—ନେ, ନେ ରାଜା ! ବାଣ ନେ, ଯୁଦ୍ଧ କର ।

ରାଜା—ତୁ କିଏରେ ?

ନାରାୟଣ—ମୁଁ ସେହି ନାରଣ—ଶବର ପିଲ !

ରାଜା—ତୁ କେଉଁଠି ଥିଲୁ ? ଏ ବେଳରେ ମୋତେ ଭରସା ହେଲୁ । ବାପା ! ତୁ ପଳାଇ ଯାଅ । ଏହିତ ତୁଳସୀ ଆସୁଛି — ଜାଣିଲେ ତୋର ମୁଣ୍ଡ କାଟି ପକାଇବ ।

ନାରାୟଣ—ମୋ କଥା ଚିନ୍ତା କରନାହିଁ, ତୁମ୍ଭେ ସାହସ ଧର ଯୁଦ୍ଧ କର ରାଜା ! ତୁମେ ଏ ଯୁଦ୍ଧରେ ଜୟୀ ହେବ । ଶ୍ରୀଲକ୍ଷ୍ମୀ-ନାରାୟଣଙ୍କୁ ପାଇବ ।                    ( ପ୍ରସ୍ଥାନ )

( ତୁଳସୀର ପ୍ରବେଶ )

ତୁଳସୀ—ଅବସର ଦେଉନାହିଁ ରାଜା ! ଏହି ଦେଖ ତୋର ପ୍ରାଣ ଗଲା । (ଯୁଦ୍ଧ କରୁ କରୁ ରାଜାଙ୍କୁ ମାଡବସି) କେ ରକ୍ଷା କରିବ ତୋତେ । କାହିଁ ତୋର ମାନସିଂହ ଡାକ ତାଙ୍କୁ । ଆସନ୍ତୁ ରଖିବେ ତୋତେ ମୋ ହାତ ମୂନରୁ ।

ମାନ—ଏବାର ରାଜାର ପତନ । ସର୍ବନାଶ ପ୍ରଭୁ ! କେତେବେଳ ପର୍ଯ୍ୟନ୍ତ ଅପେକ୍ଷା କରିଛନ୍ତି ?

ନାରାୟଣ—( ପ୍ରବେଶି ) ମାନସିଂହ ! ଏହି ତୋତେ ମୁକ୍ତ ଦେଲି ଯାଅ, ରାଜାଙ୍କୁ ରକ୍ଷାକର ।          ( ପ୍ରସ୍ଥାନ )

ମାନ—( ଶୀଘ୍ର ଯାଇ ତୁଳସୀକୁ ପିସ୍ତଲ କରିବା ଏବଂ ତୁଳସୀର ପତନ ) ଠିକ୍ ହୋଇଛି । ଏପରି କୁଳାଙ୍ଗାର ପୁତ୍ରର ମୃତ୍ୟୁ ହେବା ଶ୍ରେୟସ୍କର । ରାଜା ଏବେ ଚାଲ ।

( ଶ୍ରୀ ଲକ୍ଷ୍ମୀନାରାୟଣଙ୍କୁ ନେଇ ମାନସିଂହ ଓ ରାଜା ପ୍ରସ୍ଥାନ )

## —ଦ୍ୱିତୀୟ ଅଙ୍କ—

### —ପ୍ରଥମ ଦୃଶ୍ୟ—

( ରାଜପୁର )

( ମନ୍ତ୍ରୀ ଓ ଯୁବରାଜ ପ୍ରବେଶ )

ମନ୍ତ୍ରୀ—ଶୁଣିଲେଣି ଯୁବରାଜ ! ଜଣେ ଅସବର୍ଣ୍ଣ ଜାତିର ଲୋକ ଶ୍ରୀ ଲକ୍ଷ୍ମୀନାରାୟଣ ଦେବତାଙ୍କୁ ନେଇ ଆସୁଛନ୍ତି—ଅମ୍ଭ ମନ୍ଦିରରେ ପୂଜା କରିବା ପାଇଁ ।

ଯୁବରାଜ—ସମ୍ପୂର୍ଣ୍ଣ ଅସମ୍ଭବ । ମନ୍ଦିରରେ ତାର ସ୍ଥାନ ନାହିଁ । ଅସବର୍ଣ୍ଣ ଜାତି ଦେବତା ମନ୍ଦିରରେ ପ୍ରବେଶ କରି ପାରିବେ ନାହିଁ । ଶୀଘ୍ର ବନ୍ଦକର ସେ ଅନୁଷ୍ଠାନ ।

( ଏହି ସମୟରେ ମାନସିଂହ ଲକ୍ଷ୍ମୀନାରାୟଣଙ୍କୁ ମସ୍ତକରେ ଧରି ପ୍ରବେଶ )

ମନ୍ତ୍ରୀ—କ୍ଷାନ୍ତହୁଅ ନରମଣି ! ଅସବର୍ଣ୍ଣ ଜାତିର ଦେବତା ମନ୍ଦିରରେ ପ୍ରବେଶ କରିଛି ।

ଯୁବରାଜ—ବନ୍ଦକର ସେ ଅନୁଷ୍ଠାନ । ଅପବିତ୍ର ଦେବମୂର୍ତ୍ତି ପୂଜଣୀୟ ନୁହେଁ ।

ରାଜା—କି ଅଶ୍ରଦ୍ଧା କଥା କହୁଛ ତୁମ୍ଭେମାନେ । ଦେବତାଙ୍କୁ ତୁଚ୍ଛ-କରନାହିଁ । ସବୁଜାତିର ଦେବତା ଗୋଟିଏ । ସବୁଜାତିର ଆରାଧ୍ୟ ଦେବତା ଶ୍ରୀଲକ୍ଷ୍ମୀନାରାୟଣ । ଅପବିତ୍ର ନୁହନ୍ତି ଦେବତା; ଅପବିତ୍ର ତୁମ୍ଭ ମନ—ଅପବିତ୍ର ତୁମ୍ଭେମାନେ ।

ଦୈବବିଧାନରେ ନାହିଁ ଜାତିଭେଦ । ଜାତିଭେଦ ମାନବ ସର୍ଜନା । ଯଦି ତୁମ୍ଭମାନଙ୍କ ମନରେ ବିକାର ଜନ୍ମିଛି, ତେବେ ଶୁଦ୍ଧ ବ୍ରାହ୍ମଣଦ୍ୱାରା ଦେବମୂର୍ତ୍ତି ପ୍ରତିଷ୍ଠା କରି ମନ୍ଦିରରେ ପ୍ରବେଶ କରାଅ ।

ମନ୍ତ୍ରୀ—ବିଧାନରେ ନାହିଁ ତାହା—ଅସବର୍ଣ୍ଣ ଜାତିର ଦେବତା ମନ୍ଦିରରେ ସ୍ଥାନ ପାଇବ ?

ରାଜା—ବହୁ ପରିଶ୍ରମରେ ଜୀବନ ପର୍ଯ୍ୟନ୍ତ ବିସର୍ଜନ କରି ଶ୍ରୀଲକ୍ଷ୍ମୀ-ନାରାୟଣଙ୍କୁ ଆଣିଛି । ଆପଣମାନେ ବାଧା ଦିଅନ୍ତୁ ନାହିଁ ।

ଯୁବରାଜ—ପାଷାଣ ବିଗ୍ରହ ଉପରେ ଏତେ ଲୋଭ କାହିଁକି ପିତା ! ଆମ୍ଭେ ଶିଳ୍ପୀ ଡକାଇ ଏହି ମୂର୍ତ୍ତିଠାରୁ ଅତ୍ୟଧିକ ସୁନ୍ଦର ମୂର୍ତ୍ତି ତିଆରି କରିବା । ଦେବତା ନିର୍ଜୀବ—ତାର ବିନାଶରେ କ୍ଷତି କଣ ?

ରାଜା—କଣ ? ଦେବତା ନିର୍ଜୀବ ?

ଯୁବରାଜ—ହଁ ହଁ ଦେବତା ନିର୍ଜୀବ ।

ମାନସିଂହ—ଏଁ ଦେବତା ନିର୍ଜୀବ ? ମୋର ଲକ୍ଷ୍ମୀନାରାୟଣ ନିର୍ଜୀବ ? ନାଁ, ନା କଦାପି ନୁହେଁ—ମୋର ଦେବତା ସଜୀବ ।

ଯୁବରାଜ—ଚୁପ୍ କର । ତୁମ୍ଭ ଅସବର୍ଣ୍ଣ ଜାତିର ଦେବତା ସଜୀବ ? ବୃଥା କଳ୍ପନା ।

ମାନ—ଓଃ, ନାରାୟଣ ! ପ୍ରଭୋ ! ତୁମ୍ଭେ କଣ ନିର୍ଜୀବ ? ଏହି ଦେଖ ଦେବତା ସଜୀବ କି ନିର୍ଜୀବ ।

(ମୂର୍ତ୍ତି ଗାତ୍ରରେ ତରବାରି ଆଘାତ ଓ ରକ୍ତପାତ ହେବା)

ରାଜ.—ପ୍ରଭୋ ! ପ୍ରଭୋ ! ( ସମସ୍ତେ "ପ୍ରଭୋ" ଉଚ୍ଚାରଣ କରି ଦେବତା ପାଦରେ ପଡ଼ିବା ) ସମସ୍ତେ ଜୟଧ୍ୱନି କର ଶ୍ରୀ ଲକ୍ଷ୍ମୀନାରାୟଣଙ୍କୁ ଦେଖି ଗଲ । ( ଲକ୍ଷ୍ମୀନାରାୟଣ ନ ଉଠିବାରୁ ) କଣ କରାଯିବ ? ମା ନାସି ହୁ ! କୁହ କିପରି ଦେବତା ମନ୍ଦିରକୁ ଯିବେ ?

ସମବେତ ଗୀତ—

( ରାମ ବିଷ୍ଣୁ ଚିନ୍ତାମଣି—ବୃତ୍ତେ )

ଏତେ ବଡ଼ କଥା ଛୋଟ ମୁଖରେ,
ବଡ଼ବଡ଼ ହୋଇ ରହିଲ କିପାଇ
ମୁହଁରେ କି ଦାନ୍ତ ନାହିଁ ରେ ।
ଦୈବବଳ ଠାରୁ ବଳ କାର ବେଶୀ,
ଘୃତ ପୁଲଉ ହୋଇଥିଲ ତୁଷ୍ଟ;
ଦଣ୍ଡକରେ ତୁମ୍ଭ ଗର୍ବ ଭାଙ୍ଗିଗଲ
ଆଉ କିଛି କାହୁଁ ନାହିଁ ରେ । ୧ ।
ବ୍ରହ୍ମମୟ ଏହି ବ୍ରହ୍ମାଣ୍ଡ ଗୋଟିକ,
ରହିନାହିଁ କା'ର ବଡ ବଡ ଟେକ;
ନିକିତି ତଉଲେ ମାପ ହୋଇଛନ୍ତି
କେହି ବଡ଼ ସାନ ନାହିଁ ରେ । ୨ ।
ନିର୍ଜୀବ ସଜୀବ ମଣିଷ ବିକାର,
ଜାଣି ନେବେ ଦିନେ ସବୁ ଏକାକାର;
ତୁଚ୍ଛ ଜ୍ଞାନ ଯାହେ କରୁଥିବ ତାରେ
ତୁଚ୍ଛ ହେବୁ ଦିନେ ତୁହିରେ । ୩ ।

ମାନସିଂହ—ହେ, ବନ୍ଦା ଆଉ କାହାର ଶକ୍ତି ନାହିଁ ଲକ୍ଷ୍ମୀନାରାୟଣଙ୍କୁ ମନ୍ଦରକୁ ନେବ । ଯୁବରାଜ ! ଆପଣ ଯଦି କହୁଥିଲେ—ଲକ୍ଷ୍ମୀନାରାୟଣ ନାଗିବ, ତେବେ ଆପଣ ମନ୍ଦରକୁ ନେଇ ଯାଆନ୍ତୁ ।

ଯୁବରାଜ—ନା—ନା—ମୁଁ ଚେଷ୍ଟା କରନ୍ତି, ସାଧ୍ୟାୟତ୍ତ ନୁହେଁ ।

ରାଜା—ତେବେ କୁହ ମନ୍ତ୍ରୀ ! ମାନସିଂହ ମନ୍ଦରରେ ପ୍ରବେଶ କରିବ କି ନା ? ସେ ତ ଅଛୁତଜାତି, ସେ ଲକ୍ଷ୍ମୀନାରାୟଣଙ୍କୁ ମନ୍ଦରକୁ ନେବ କି ନା ?

ମନ୍ତ୍ରୀ—ଆପଣ ଯେଉଁଥି ଭଲ ମନେ କରନ୍ତି ତାହା କରନ୍ତୁ । ଦେବତାଙ୍କର ଇଚ୍ଛା—ଆଜ୍ଞା ଠିକ୍ ଜଣା ପଡ଼ୁଛି । ଅଛୁତ ଜାତ ମନ୍ଦରକୁ ନ ଗଲେ ସେ ଯିବେନାହିଁ । ମଣିଷର କି ପୁଣି ! ମାନସିଂହଙ୍କୁ ହୁକୁମ ଦିଅନ୍ତୁ ସେ ଲକ୍ଷ୍ମୀନାରାୟଣଙ୍କୁ ମନ୍ଦରକୁ ନେଇ ଯାଆନ୍ତୁ ।

( ଜୟଧ୍ୱନି କରି ମାନସିଂହ ଦେବତାଙ୍କୁ ମନ୍ଦରକୁ ନେଇଯିବା ଓ ସମସ୍ତଙ୍କର ପ୍ରସ୍ଥାନ )

## —ଦ୍ୱିତୀୟ ଦୃଶ୍ୟ—

( ମାନସିଂହ ଓ ରାଜା ପ୍ରବେଶ )

ରାଜା—ମାନସିଂହ ! ତୁମ୍ଭେ ମୋର ଯେଉଁ ଅମୂଲ୍ୟ ଉପକାର ସାଧନ କରିଛ—ତାହାର କି ପୁରସ୍କାର ନେବ ?

ମାନ—ପୁରସ୍କାର ଦେବେ ?

ରାଜା—ପୁରସ୍କାର ଦେବାକୁ ମୁଁ ପ୍ରସ୍ତୁତ । ଆପଣ ମୋ'ର ବହୁଦିନର ଅଭିଳାଷ ପୂର୍ଣ୍ଣ କରିଛନ୍ତି । ଅଧମ କଣ ଦେଇ ତାହା ପରିଶୋଧ କରିବ ?

ମାନ—ନୃପତି ! ଯଦି ଉପହାର ଦେବାକୁ ଇଚ୍ଛାନ୍ତି ତେବେ ସତ୍ୟ କରନ୍ତୁ ।

ରାଜା—ହଁ ସତ୍ୟ କଲି, ତୁମ୍ଭେ ଯାହା ମାଗିବ ତାହା ଦେବି । ତୁମ୍ଭେ ମୋ ପାଇଁ ପ୍ରାଣ ପର୍ଯ୍ୟନ୍ତ ଦେଇଛ—ମୋ ପାଇଁ ତୁମ୍ଭ ନିଜ ପୁଅକୁ ହତ୍ୟା କରିଛ । ସେ ଉପକାରର ପ୍ରତ୍ୟୁପକାର ନିମିତ୍ତ ମୁଁ ସତ୍ୟ କରୁଛି—ତୁମ୍ଭେ ଯାହା ମାଗିବ—ତାହା ଦେବି ।

ମାନ—ତେବେ ଆପଣ ଦିଅନ୍ତୁ, ଆପଣଙ୍କ କନ୍ୟା ରମାକୁ ।

ରାଜା—( ଗୁମାନ )

ମାନ—ଗୁମାନର ବେଳ ନାହିଁ—ସତ୍ୟ ରକ୍ଷା କରନ୍ତୁ । ଅନାଗରେ ରମାକୁ ପ୍ରଦାନ କରନ୍ତୁ ରାଜା !

ରାଜା—ରମାକୁ ନେଇ କଣ କରିବ ?

ମାନ—ଜାଣନ୍ତି, ମୋର ମାତା ବଡ଼ କଷ୍ଟରେ ଦିନ କଟାଉଛନ୍ତି । ରମା ତାଙ୍କର ପାଦ ସେବା କରିବ ।

( ମନ୍ତ୍ରୀ ଓ ଯୁବରାଜ ପ୍ରବେଶ )

ଯୁବରାଜ—ଅସବର୍ଣ୍ଣ ଜାତିର ପାଦସେବା କରିବ ରମା ? ରାଜ-କନ୍ୟା ରହିବ ମାନସିଂହ ପଲ୍ଲୀରେ ? ଚୁପ୍‌କର ମାନସିଂହ !

ଆଉ ସେପରି କଥା ପୁନର୍ବାର ପ୍ରକାଶ କରନା । ଶୀଘ୍ର ରାଜ-ପୁରରୁ ଅନ୍ତର ହୁଅ ।

ମାନ—ମାନସିଂହ ନୁହେଁ ତସ୍କର, ନୁହେଁ ପ୍ରବଞ୍ଚକ, ସେ ଚାହେଁ ଶାନ୍ତି, ଚାହେଁ ଅହିଂସା, ରାଜକନ୍ୟା ମାନସିଂହର ଯୋଗ୍ୟ ନୁହେଁ । ସେ ମାନସିଂହର କିଛି କାର୍ଯ୍ୟ କରିବ ନାହିଁ, କରିବ ଦେଶର କାର୍ଯ୍ୟ, କରିବ ଜାତିର ଉନ୍ନତି, ଧରିବ ଜାତିର ମହାବ୍ରତ—ବ୍ରାହ୍ମଣ ଠାରୁ ଚଣ୍ଡାଳ ପର୍ଯ୍ୟନ୍ତ ସମସ୍ତ ଜାତିର ସେବା କରିବ, ଦେଶକୁ ସଂସ୍କାର କରିବ ।

ଯୁବରାଜ—ତେବେ ରାଜକନ୍ୟା ତମାକୁ ବିଭାହେବ କିଏ ?

ମାନ—ବିଭା ହେବ ମାନସିଂହ ।

ମନ୍ତ୍ରୀ—ତୁମ୍ଭେ କି ଜାତିର ଲୋକ ?

ମାନ—ଈଶ୍ୱର ସୃଷ୍ଟିରେ ମୁଁ ମନୁଷ୍ୟ ଜାତି, କିନ୍ତୁ ସାମାଜିକ ଗଠନରେ ଅସବର୍ଣ୍ଣ ବଣୁଆ ଜାତି ।

ମନ୍ତ୍ରୀ—କିପରି ରାଜକନ୍ୟାକୁ ବିଭାହେବାପାଇଁ ଇଚ୍ଛା କଲ ? କିପରି ଏପରି କଥା କହିଲ ? ଯେଉଁ ରାଜକନ୍ୟା ମହା-ସୁଖରେ ଦିନ ନେଉଛନ୍ତି କେତେ କେତେ ଦାସୀ ପରିବାରୀ ତାଙ୍କର ପଦସେବା କରୁଛନ୍ତି, ସେ ପୁଣି ସେବା କରିବ ଅଚ୍ଛୁଆ ଜାତି ମାନସିଂହର ? ତାର ବାସସ୍ଥାନ ହେବ ଚାଣ୍ଡାଳ ପଲ୍ଲୀରେ ? ଭୋଜନ କରିବ ଅସିଝା ମାଂସ ଓ ବଣ ଫଳ ମୂଳ ? ପିନ୍ଧିବ ଗଛର ପତ୍ର—ଗଣା ହେବ ଅସଭ୍ୟ ଜାତିରେ ?

ମାନ—ମୋର କିଛି କହିବାର ନାହିଁ, ତୁମ୍ଭେ ଭବିଷ୍ୟତ ଆଡ଼କୁ ଦୃଷ୍ଟି ନିକ୍ଷେପ କରୁ ନାହିଁ, ଖୁବ୍ ପୂର୍ବ କଥା ଭାବ ଦେଖ—ଏ

ଦେଶରେ ଆଦମ ଜାତି ଥିଲେ କିଏ ? କିଏ ଥିଲ ଆଦି-
ବାସୀ ? ଆଦିବାସୀ ଥିଲେ—ସେହି ଅଚ୍ଛୁତ ଜାତି । ତୁମ୍ଭେ-
ମାନେ ଉଚ୍ଚ ଜାତି ବୋଲି ନେଇ ଆଜି ମଧ୍ୟ ଦେଖାଇ
ନିଜକୁ ଭାରି ବଡ଼ ମନେ କରୁଛ, ଗର୍ବରେ ଫୁଲି ଉଠୁଛ
ତାହାର କାରଣ ହେଉଛି—ସଂଖ୍ୟା ଲଘିଷ୍ଠ ଅଚ୍ଛୁତ ଜାତି
ସେଥିପାଇଁ ସେ ତୁମ୍ଭର ପଦ ଦଳିତ ହୋଇଛନ୍ତି । ଯେତେ-
ବେଳେ ଆସିବ ସେ ଯୁଗ, ସଂଖ୍ୟା ଲଘିଷ୍ଠ ହେବ ତୁମ୍ଭେ,
ଦେଖିବ ସେ କାଳରେ ଅଚ୍ଛୁତ ଜାତି ହେବ ତୁମ୍ଭେ । ତୁମ୍ଭେ
ଏହି ଅଚ୍ଛୁତ ଜାତିର ପଦ ଦଳିତ ହେବ । କିନ୍ତୁ ଗୋଟିଏ
କଥା—ସତ୍ୟ ଯେ କୋଟିଏ ମହାନ୍, ତୁମ୍ଭ ସଂଖ୍ୟା
ଭାଙ୍ଗୁଛ ତାର ଫଳ ଭଲ ନୁହେଁ । ମାନସିଂହ ସାମାନ୍ୟ
ନୁହେଁ, ମାନସିଂହ କହୁଛି—ସେ ରାଜକନ୍ୟାକୁ ନେବ—
ଅଚ୍ଛୁତ ଜାତିର ପାଦ ସେବା କରାଇବ ।

ଯୁବରାଜ—ମାନସିଂହ ! ତୁମ୍ଭର ଏଠାରେ କୌଣସି କଥା କହିବାର
ଅଧିକାର ନାହିଁ, ତୁମ୍ଭେ ଶୀଘ୍ର ଏ ସ୍ଥାନରୁ ଅନ୍ତର ହୁଅ ।
ତାହା ନ ହେଲେ ତୁମ୍ଭର ମୃତ୍ୟୁ ଖୁବ୍ ନିକଟରେ ।

ମାନ—ମନୁଷ୍ୟର ମୃତ୍ୟୁ ମନୁଷ୍ୟ ଜାଣି ପାରେ ନାହିଁ । ତୁମ୍ଭେ ଦେବ
ନୁହଁକି ଦୈବଜ୍ଞ ନୁହଁ ।

ଯୁବରାଜ—ପ୍ରହରୀ ! ଶୀଘ୍ର ମାନସିଂହକୁ ବନ୍ଦୀ କର ।

ନୃତ୍ୟ—ଗୀତ—( ବଡ଼ ବରଗଛ ବୃନ୍ତେ— )

ବଡ଼ ବରଗଛ ମୂଳତଳେ ବସି ଅଣ୍ଟ ଘଣ କରି ବାବୁ,
ଘର ପୁଅ ବୋଲି, ଟାଣ କର କହୁ;
ଭୁଲିଲେ ହରିକଥା ହେଲୁରେ

ଭୋର ଆଖିର ନାଲି, ଘୁଞ୍ଚି ଯିବରେ ଘୁଞ୍ଚି ଯିବ
ଘୁଞ୍ଚି ଯିବ ଦୁମୁ ଦୁମୁ ଗୁଳି । ୧ ॥
ଆଗ ପଛେ ସଙ୍ଗୀ ବାତୀ ଜାଳି ଗୁଳିକି,
ଘଞ୍ଚରେ ଓଢ଼ ଭ ଅନ୍ଧାର,
ମିଠେଇ ଶୋଇ ନିଦେ ଘଙ୍ଘଡ଼ା ମାରୁଛନ୍ତି
ଆସିବେ ଶତ୍ରୁର ସହର ରେ;
ଓପଞ୍ଜ ଗଣିକୁ ନଖାଲି, ସବୁ ନେବେରେ ସବୁନେବେ;
ସବୁ ନେବେ ପଡ଼ିଯିବ ଗାଳି ରେ । ୨ ॥

## —ତୃତୀୟ ଅଙ୍କ—

### —ପ୍ରଥମ ଦୃଶ୍ୟ—

(ରଙ୍ଗିଲ୍ ଓ ସର୍ଦ୍ଦାର ରାଜବାଟୀ ପଥେ ଗମନ ଓ କଥୋପକଥନ)

ରଙ୍ଗିଲ୍—ସର୍ଦ୍ଦାର ! ଶୁଣିଲଣି; ମାନସିଂହ ଖବରଟା ଶୁଣିଲ ! ସେହି ଯେଉଁ ଯାଜାଟା ନୈବେଦ୍ୟ ଦେଇଥିଲା ନା ଆମର ଦେବତାଙ୍କୁ । ମାନସିଂହ ତ ବୁଝିଲା ନାହିଁ, ସେହି ଯାଜାଟାର ବୁଦ୍ଧିରେ ଅଯଥା ପୂଜା କରି ନିଲା । ଏଥିଲାଗି ରାଜା ତାକୁ ବନ୍ଦୀ କରିଛନ୍ତିରେ ।

ସର୍ଦ୍ଦାର—ମାନସିଂହ ବନ୍ଦୀ ? ବୁକ୍ ଫାଟି ଯାଉଛିରେ ! ମାନସିଂହ କି କଲା କି ?

ରଙ୍ଗିଲା—ଆରେ, ତାର ବନ୍ଧୁଅଙ୍କୁ ମାଗିଲା। ରାଜା କହିଲେ ତମେ ତୁ ଯାହା ମାଗୁଛୁ ମାଗ୍ ସବୁ ଦେବି। ମାନସିଂହ କହିଲା, ତୋର ବନ୍ଧୁଅଙ୍କୁ ଦେ। ବନ୍ଧୁଅଙ୍କୁ ଦେଲାନାହିଁ ଯେ—

ସର୍ଦ୍ଦାର—ରାଜା ଚୁପ୍ ମନ ହେଲେ ନାହିଁ କି? କହିଲେ ଦେବି, କଥା କହିଥିଲେ; ବନ୍ଧୁଅଙ୍କୁ ଦେଲେନାହିଁ। ମାନସିଂହ କଣ ନ କରିଛି। ସେ ତାର ବନ୍ଧୁଅଙ୍କୁ ନେବାର କାମ୍ କରିଛି। ରାଜା ବନ୍ଦୀ କରିଛି ମାନସିଂହକୁ? ଆମକୁ ହୁକୁମ ଦେବେ, ରାଜାର ବୁକ୍ ଫାଡ଼ି ଦେବି।

ରଙ୍ଗିଲା—ଚାଲ୍ ରେ ଆମର ସାଥିରେ ଚାଲ୍ ରାଜା ଘରକୁ।

(ପ୍ରସ୍ଥାନ)

(ରାଜା, ମନ୍ତ୍ରୀ, ମନ୍ତ୍ରୀପୁତ୍ର ଓ ରାଜପୁତ୍ର ପ୍ରବେଶ)

ରାଜା—ମନ୍ତ୍ରୀ! ଘୋର ଆନ୍ଦୋଳନ ଉପସ୍ଥିତ ହେବ। ମାନସିଂହ ମୋ ପାଇଁ ଯେଉଁ ଅସାଧାରଣ କାମ କରିଛି ତାହା ମୁଁ ଭୁଲି ପାରୁନାହିଁ। ସେ ତାର ବୀରପୁତ୍ର ତୁଳସୀକୁ ମୋ ପାଇଁ ହତ୍ୟା କରିଛି। ତାହାର ପୁରସ୍କାର ପାଇଲା କଣ ବନ୍ଦଦଣ୍ଡ?

ମନ୍ତ୍ରୀ—ତାହାର ପୁରସ୍କାର କଣ ରାଜକନ୍ୟା? କନ୍ୟା ତ ଆମ୍ଭର ଅଧୀନ ନୁହେଁ? କନ୍ୟାର ଇଚ୍ଛା। ସେ ତାର ଇଚ୍ଛାମତେ ହୃଦୟ ଦେବତା ନିଜେ ନିଜେ ବରଣ କରିପାରେ।

ରଙ୍ଗିଲା—କିଏ ରାଜା! ଦେ ଦେ ମୋର ପୁତ୍ରକୁ ଦେ—ମୋର ବନ୍ଧୁକୁ ଦେ।

ପ୍ରତାପ—କିଏ ତୁମ୍ଭେ ?

ରଙ୍ଗିଲା—ମୁଁ ମାନସିଂହର ମାଆ ।

ପ୍ରତାପ—ତୋର ବାପ୍ କିଏ ?

ରଙ୍ଗିଲା—ମୋର ବାପ୍ ରାଜକନ୍ୟା ।

ପ୍ରତାପ—ଯାଅ, ଯାଅ, ତୁମ୍ଭ ପୁଅ ବନ୍ଦରେ ଅଛି ।

ରଙ୍ଗିଲା—ହଁ, ହଁ, ବନ୍ଦୀ କରିବ ? କାହିଁକି ? ତମେ ସବର୍ଣ୍ଣ ହିନ୍ଦୁ କ୍ଷତ୍ରିୟ ଜାତି । ତମ ଜଗାଇ ଯାଉଥ ସତେ ହୁନ୍ନା । ମାନସିଂହ ତ ଅଚ୍ଛୁବ ଜାତି, ସେ କେଉଁଦିନ କାମ ନ କରିଛି ? ନିଜ ପୁଅକୁ ହତ୍ୟା କରି ଗୋଟିଏ ଅଚ୍ଛୁବ ଜାତିର ମନ୍ଦ୍ୟ ଗୌରବ ଲକ୍ଷ୍ମୀନାରାୟଣଙ୍କ ପୂଜା ବିଧି ଧ୍ୱଂସ କରି, ତୁମ୍ଭଙ୍କୁ ଶ୍ରୀ ଲକ୍ଷ୍ମୀନାରାୟଣଙ୍କୁ ଅର୍ପଣ କରି ତାର ଉପହାର ପାଇଛନ୍ତି ବନ୍ଦୀଦଣ୍ଡ ! ଅଚ୍ଛୁବ ଜାତିର ଗୁଡ଼ କେତେ ଶକ୍ତି, ତାଙ୍କର ଜବାବ୍ କେତେ ଦୂର ଦେଖ !

ପ୍ରତାପ—ମାନସିଂହ ଭୁଲ୍ କାମ କରିଛି । ଆମ୍ଭ ରାଜପୁରରେ କଣ ନାହିଁ ? ଧନ ଦୌଲତରେ ପୂର୍ଣ୍ଣ । ତେବେ କୌଣସି ରାଜ୍ୟ, କୌଣସି ଧନ ଗ୍ରହଣ ଅଦେଲ ଅନାୟାସେ ପାଇଆନ୍ତା; କିନ୍ତୁ ସେ ଯେ ଗୋଟାଏ ଦୁର୍ଲ୍ଲଭ ଧନ ପାଇବାକୁ ଆଶା କରଇଲା—ପୁଣି ଜିଦ୍ ଲଗାଇଲା, ସେହି କାରଣରୁ ବନ୍ଦୀ ହେଲା ।

ରଙ୍ଗିଲା—ହଁ ରାଜଜେମା ସେ ଦୁର୍ଲ୍ଲଭ ଧନ ! ତାହା ଅଚ୍ଛୁବ ଜାତି ପକ୍ଷରେ ଦୁର୍ଲ୍ଲଭ; କିନ୍ତୁ ଅଚ୍ଛୁବ ଜାତିର ଜୀବନଟା ଦୁର୍ଲ୍ଲଭ ନୁହେଁ । ମାନସିଂହ ତାର ବରମୁନ ତୁଳସୀକୁ ବଳି ଦେଇ

ତପ ରାଜାଙ୍କୁ ଶ୍ରୀ ଲକ୍ଷ୍ମୀନାରାୟଣ ଦେବତାଙ୍କୁ ପ୍ରଦାନ କଲ; ତୁମ୍ଭେ ସେହି ମହାତ୍ମା ମାନସିଂହଙ୍କୁ କନ୍ୟା ପ୍ରଦାନ କରବାକୁ କୁଣ୍ଠିତ ହେଉଛ । ତୁମ୍ଭ କନ୍ୟାକୁ ତ ବନ୍ଦୀ ହେଉନାହିଁ; ତାହାର କାରଣ ହେଲା—ତୁମ୍ଭ ଜାତିର ଶାନ୍ତି ଓ ସମ୍ମାନ ଅକ୍ଷୁର୍ବ ଜାତିର ଜୀବନଠାରୁ ବଡ଼।

ମନ୍ତ୍ରୀ—ନା, ନା, ତୁମ୍ଭେ ବୁଝି ପାରିଲ ନାହିଁ । ତୁମ୍ଭ ଜାତିରେ ଅନ୍ୟତ୍ର କନ୍ୟା ଦେବାର ପ୍ରଥା ନାହିଁ । ତେଣୁ ଅନ୍ୟ ଜାତିର କନ୍ୟା ତୁମ୍ଭ ଜାତିକୁ ଦିଅ ଯିବନାହିଁ ।

ରଙ୍ଗିଲା—ଅନେକ ଜୀବନ ଦେଉଛୁଁ ତୁମ୍ଭେ କନ୍ୟା ଦେବନାହିଁ ? ଗଙ୍ଗା ସତ୍ୟ କରିଛି ନିଷ୍ଠୁର କନ୍ୟାକୁ ନେବୁଁ । ସେଉଁ ମାନେ ଦେଶରେ ମାନସିଂହଙ୍କୁ ବନ୍ଦୀ କରିଛନ୍ତି, ଅମ୍ଭେ ସେହିମାନଙ୍କ ଭଳି ମନେକରି ମାନସିଂହଙ୍କୁ ଖଲାସ କରିବୁଁ । ମୋତେ ଚିହ୍ନିନ, ମୁଁ ଅକ୍ଷୁର୍ବ ଜାତିର ରାଣୀ, ମୋ ନାମ ରଙ୍ଗିଲା—ମୁଁ ମାନସିଂହଙ୍କର ମା'। ତୁମ୍ଭଙ୍କୁ ଅନୁରୋଧ କରୁଛି ମୋର ମାନୁକୁ ଖଲାସ ଦିଅ । ମୋର ପୁତ୍ରବଧୂ ଶମାକୁ ଦିଅ । ମୋର ଦାବୀ ପୂରଣ ନ କଲେ ମୁଁ ଛାଡ଼ିବି ନାହିଁ ।

ପ୍ରତାପ—ଦୂରହୁଅ ରଙ୍ଗିଲେ ! ଛାର ଜଙ୍ଗଲୀ ନାରୀ ହୋଇ ଏପରି ବଡ଼ ବଡ଼ କଥା କହୁନାହିଁ । ରାଜଗଡ଼ ଭିତରେ ପ୍ରବେଶ କରି ଏପରି କଥା ପ୍ରକାଶ କରୁଛ ? ତୁମର କଣ ପ୍ରାଣକୁ ଭୟ ନାହିଁ ?

ରଙ୍ଗିଲା—ଏ ନାରୀ ନୁହେଁ ସାମାନ୍ୟ । ରାଜବଂଶୀୟ ନାରୀ ପରି—ଏ ନାରୀ ନୁହେଁ ଭୟାତୁର । ଏ ଅକ୍ଷୁବଜାତିର ନାରୀ । ଏହାର

ଦେହ ବଜ୍ରଠୁଁ କଠିନ । ଏ କାହାକୁ ଭୟ କରେନାହିଁ । ଏ ଘୋର ଜଙ୍ଗଲରେ ମହାବଳ ବାଘର ଗଳା ଧରି ଦେଇ ଆସେ । ତମପରି କୋଟି କୋଟି ପୁରୁଷଙ୍କୁ ଗୋଟିଏ ଶୀରରେ ଗୁନ୍ଥିଦିଏ । ଦେଖିବ ନାହିଁର କ୍ଷମତା ? ସର୍ଦ୍ଦାର—

ସର୍ଦ୍ଦାର—ଜି—

ରଙ୍ଗିଲି—ରାଜାକୁ ବନ୍ଦୀ କର । (ସର୍ଦ୍ଦାର ରାଜାକୁ ବନ୍ଦୀ କରିବା)

ପ୍ରତାପ—ରଙ୍ଗିଲି ! ତୋର ଆଉ ରକ୍ଷା ନାହିଁ ।

ପ୍ରହରୀ—ମହାରାଜ ! ରାଜପୁରରେ କୋଟି କୋଟି ବଣୁଆ ଲୋକ ପ୍ରବେଶ କରି ଘୋର ଅତ୍ୟାଚାର କରୁଛନ୍ତି । ବନ୍ଦୀଖାନା ଭାଙ୍ଗି ପ୍ରହରୀମାନଙ୍କୁ ପକ୍ଷେଷ୍ଟ ମାଡ଼ ଦେଉଛନ୍ତି । ଜୋର କରି ମାନସିଂହଙ୍କୁ ବନ୍ଦୀଖାନାରୁ ବାହାର କରି ନେଇଛନ୍ତି ।

ରାଜା—ମନ୍ତ୍ରୀ ! ଉପାୟ କଣ ? ଶୀଘ୍ର ବିଦ୍ରୋହୀମାନଙ୍କୁ ଦମନ କର ।　　　　( ମନ୍ତ୍ରୀ ପ୍ରସ୍ଥାନ କଲେ )

( ପ୍ରତାପ ରଙ୍ଗିଲା ଯୁଦ୍ଧ ଓ ପଳାୟନ—ସର୍ଦ୍ଦାର ପ୍ରତାପର ଯୁଦ୍ଧ—ଘୋର ଯୁଦ୍ଧ ପରେ ପ୍ରତାପକୁ ସର୍ଦ୍ଦାର ମାଡ଼ିବସି ]

ସର୍ଦ୍ଦାର—ଆଜି ତୋର ରକ୍ଷା କିଏ । ଏହି ସାଙ୍ଗେ ତୋର ପ୍ରାଣ ନେବ ତୋର ରକ୍ତ ପିଇବାରେ । ( ହାସ୍ୟ )

ମାନସିଂହ—ପ୍ରତାପକୁ ଛାଡ଼ିଦିଅ ସର୍ଦ୍ଦାର, ରାଜାଙ୍କୁ ବନ୍ଦିରୁ ମୁକ୍ତ କର ।

( ପ୍ରତାପ ଓ ରାଜାଙ୍କୁ ମୁକ୍ତ କରିବା )

( ସମସ୍ତଙ୍କର ପ୍ରସ୍ଥାନ )

## — ଦ୍ୱିତୀୟ ଦୃଶ୍ୟ —

ପ୍ରତାପ ଓ ରମାର ପ୍ରବେଶ —

ପ୍ରତାପ—ତମେ ସବୁବେଳେ କାନ୍ଦୁଛ, କାନ୍ଦିବାର କାରଣ କଣ ଅଛି ରମା ?

ରମା —ପିତା ଯେଉଁ ପ୍ରତିଶ୍ରୁତି ଦେଇଛନ୍ତି ତାହା ଏଡିବାର ଉପାୟ ନାହିଁ । ମାନସିଂହତ ସବୁବେଳେ ବିଦ୍ରୋହୀ ହୋଇ ରହିଲେ, କେ ଜାଣେ କଣ ଅନିଷ୍ଟ ହେବ ତାହା ମୁଁ ଭାବି ପାରୁ ନାହିଁ ।

ପ୍ରତାପ—ଛି, ଏତେ ଗୁଡାଏ କଥା ଭାବୁଛ ? କ୍ଷତି ହେବ କଣ ? ତମେ କଣ ଅଚ୍ଛୁବ ଜାତିର ପଦସେବା କରିବ ? ଅଚ୍ଛୁବ ଜାତିର ପାଦ ଧରିବା ଯୋଗ୍ୟା କଣ ରମା ? ତାହା ହେବ ନାହିଁ । ପ୍ରତାପ ଜୀବନରେ ଥିବାଯାଏଁ ରମା ଅଚ୍ଛୁବ ଜାତିରେ ଆତ୍ମସମର୍ପଣ କରି ପାରିବ ନାହିଁ । ନିଶ୍ଚିନ୍ତ ହୋଇ ବସିଥାଅ ରମା ! ଯେ ଉପାୟରେ ହେଉ ମାନସିଂହକୁ ହତ୍ୟା କରିବି । ରଙ୍ଗିଲକୁ ବନ୍ଦୀ କରିବି । ଅଚ୍ଛୁବ ଜାତିର ସେନା ଧ୍ୱଂସ କରିବି ।

ଗୁରୁ—ଛୋଟମାଦେଈ ! ଆପଣଙ୍କୁ ବାପା ଡାକୁଛନ୍ତି ଶୀଘ୍ର ଆସନ୍ତୁ ।

## —ତୃତୀୟ ଦୃଶ୍ୟ—

ରାଜା, ମନ୍ତ୍ରୀ, ରମା ଓ ରାଜପୁତ୍ରର ପ୍ରବେଶ —

ରାଜା—କଣ ମନରେ ଭାବୁଛ ରମା । ମୁଁ ଯେଉଁ ସତ୍ୟ କରିଛି ତାହା ତୁମେ ରକ୍ଷା କରିବ କି ଭାଙ୍ଗିବ ?

ରମା—ମୋର ଭାଗ୍ୟରେ ଥିଲନା ଏହା ପିତା ? ଅଛୁଵ ହାତରେ ମୋତେ ପ୍ରଦାନ କରିବେ । ତାହା ନ କରି ମୋ ଗଳାରେ ଛୁରୀ ଦିଅନ୍ତୁ । ମୋତେ ଅଛୁଵଜାତିରେ ପ୍ରଦାନ କଲେ ରାଜ୍ୟରେ କଣ କହିବେ ? ରାଜବଂଶକୁ ନିନ୍ଦା, ରାଜ୍ୟକୁ ନିନ୍ଦା ଶେଷରେ କନ୍ୟାର ଆତ୍ମହତ୍ୟା ।

ରାଜା—ତମେ ଆତ୍ମ ହତ୍ୟା କରିବ କାହିଁକି ? ଯାଅ ରମା ତମ ଇଚ୍ଛା ଯାହା ତାହା କର । ମନ୍ତ୍ରୀ, ରାଜକର୍ମଚାରୀ ମାନଙ୍କୁ ଜଣାଇ ଦିଅ ସେମାନେ ମାନସିଂହର ସେନାମାନଙ୍କୁ ଦମନକରନ୍ତୁ ।

(ରମାର ପ୍ରସ୍ଥାନ)

ମନ୍ତ୍ରୀ—ସେନାଦମନ ପାଇଁ ଯଥେଷ୍ଟ ଆୟୋଜନ ହୋଇଛି । ଆପଣ କିଛି ଭାବନ୍ତୁ ନାହିଁ । ଏହା ଗୋଟିଏ ପରୀକ୍ଷାର କେନ୍ଦ୍ରସ୍ଥଳ ଅସବର୍ଣ୍ଣ ଓ ସବର୍ଣ୍ଣ ଜାତିର ଘୋର ସଂଘର୍ଷ, ଶେଷଫଳ କଣ ହେବ ଦେଖାଯାଉ ।

ରାଜା—ଲକ୍ଷ୍ମୀନାରାୟଣ ପ୍ରଭୁ ! ଜାଣନ୍ତି । ତୁମ୍ଭେମାନେ ସମସ୍ତଭାର ତାଙ୍କର ଉପରେ ଅର୍ପଣ କର । ସେ ଯାହା କରିବେ । କିନ୍ତୁ ଗୋଟିଏ କଥାରେ ସନ୍ଦେହ ଅଛି ।

ରାଜପୁତ୍ର—ସନ୍ଦେହ କଣ ପିତା ?

ରାଜା—ସନ୍ଦେହ ସତ୍ୟ ଭଗ୍ନ, ସତ୍ୟ ଭାଙ୍ଗିଲେ ମଣିଷ ନିମ୍ନକୁ ଗଡ଼ଇରେ

ରାଜପୁତ୍ର—ବୃଥା କଥା, ସେ କଥାରେ କିଛି ମୂଲ୍ୟ ନାହିଁ । ଯେଉଁ ସ୍ଥଳରେ ଦୁଇ ଜାତି ମଧ୍ୟରେ ସଂଘର୍ଷ ଚାଲିଛି ସେ ସ୍ଥଳେ ସଂଖ୍ୟାନ୍ୟୁନ ଜାତିର ପରାଜୟ ଧ୍ରୁବ ।

ରାଜା—ନା, ନା, ପୁତ୍ର ! ସମସ୍ତ ମାନବ ଜାତିର ବଳ ଦେବ କ୍ଷମତାର ଅନ୍ତର୍ଗତ । ତାହା ମଣିଷ ବୁଝିବା ଦରକାର । ସବୁ କର୍ମର କର୍ତ୍ତା ଈଶ୍ୱର । ଈଶ୍ୱର ଭକ୍ତ ସବୁସ୍ଥଳେ ଜୟୀ ମାନସିଂହ ଈଶ୍ୱର ଭକ୍ତ । ସେ ଲକ୍ଷ୍ମୀ ନାରାୟଣଙ୍କ ସେବକ, ତାଙ୍କୁ ତୁମେ ସାମାନ୍ୟ ମନେ କରିବ ନାହିଁ । ସେ କାହାର ସାହାଯ୍ୟ ଲୋଡ଼େ ନାହିଁ । ସେ ସର୍ବଦା ଲକ୍ଷ୍ମୀନାରାୟଣଙ୍କ ସାହାଯ୍ୟ ପ୍ରାର୍ଥୀ ।

ରାଜପୁତ୍ର—ବୃଥାକଥା ପିତା ! ଦେବତାଙ୍କର ଯଦି ଏପରି କ୍ଷମତା ଥାନ୍ତା ସେ ନିସ୍ତବ୍ଧଭାବରେ ପାଷାଣ ବିଗ୍ରହରେ ରହି ନ ଥାନ୍ତେ । ସେ ଅଚେତନ ଅବସ୍ଥାରେ ପଡ଼ି ରହି ନ ଥାନ୍ତେ ସେ ନିଷ୍ପନ୍ଦନ ଓ ନିଷ୍କ୍ରିୟମାନ ହୋଇ ନଥାନ୍ତେ ।

ରାଜା—ଆଚ୍ଛା, ଆଚ୍ଛା ତୁମେ ଯାଅ । ଯାହା ଭବୁଛି କର ।

( ପ୍ରସ୍ଥାନ )

## —ଚତୁର୍ଥ ଦୃଶ୍ୟ—

### ( ରାଜପଥ )

ମାନସିଂହ, ରଙ୍ଗିଲା ଓ ସର୍ଦ୍ଦାର ପ୍ରବେଶ ।

ମାନସିଂହ—ସର୍ଦ୍ଦାର ! ତୁମ୍ଭେମାନେ ଘରକୁ ପଳାଅ ନାହିଁ କାହିଁକି ?

ରଙ୍ଗିଲା—ତୁ ଏତେ ସରଳ ହେଲେ ଚଳିବ ନା ମାନୁ ! ବର୍ତ୍ତମାନ ତୋ ବିଦ୍ରୋହରେ ରାଜ ପୁରର ସମସ୍ତ ଲୋକ, ମନ୍ତ୍ରୀ, ମନ୍ତ୍ରୀପୁତ୍ର ଓ ରାଜପୁତ୍ର ସହିତ ମନ୍ତ୍ରଣା କରୁଛନ୍ତି । ତୋର ବହୁତ ଅନିଷ୍ଟ କରିବେ ।

ମାନ—ସେମାନେ କଣ ଅନିଷ୍ଟ କରିବେ ? ଯଦି ସେମାନେ ଅନିଷ୍ଟ କରନ୍ତି ତେବେ ତୁମ୍ଭେମାନେ କଣ କରିବ ?

ରଙ୍ଗିଲା—ଆମ୍ଭେମାନେ ରାଜପୁର ଧ୍ୱଂସ କରିଦେବୁ ।

ମାନ—ନା ନା ମା ! ଆପଣ ବୁଝି ପାରିଲେ ନାହିଁ । ସାମାନ୍ୟ ରାଜକନ୍ୟା ଲାଗି ଏପରି ବିଶାଳ ରାଜ୍ୟ ଧ୍ୱଂସ ପ୍ରାପ୍ତହେବ । ଏହାକଣ ମଣିଷର କର୍ତ୍ତବ୍ୟ ? ଯୁଦ୍ଧଟି ଆରମ୍ଭ ହେବା ମାତ୍ରେ ଉଭୟ ପକ୍ଷରୁ ଲକ୍ଷ ଲକ୍ଷ ନିରୀହ ପ୍ରାଣୀ ଜୀବନ ଦାନ ଦେବେ । କେତେ ରମଣୀ ନୟନରୁ ଅଶ୍ରୁଧାର ଢାଳିବେ । ଏହାହିଁ କରିବା କଣ ଆମ୍ଭମାନଙ୍କର ଉଚିତ ?

ରଙ୍ଗିଲା—ଉଚିତ କଣ ହେବ ? ରାଜଜେମା ଆମକୁ ନଦେଲେ କଣ ଭୁଲିଯିବା ? ସେତ ଆମ ବନ୍ଧୁ; ତାକୁ ଛାଡ଼ିଯିବ କିପରି ? ଦେହରୁ ରକ୍ତ ଦେବି—ଯଦି ମହାବୀର ମାନସିଂହର ମା'

ଢୋଇଥିବ; ରମାକୁ ପୁତ୍ରବଧୂ କରାଇବ, ରମାକୁ ମୋ ମା’ ଧରାଇବ, ଅଛୁଆଁ ଜାତିକୁ ଘୃଣା ଚକ୍ଷୁରେ ଦେଖିବା ଭାବ ତାଙ୍କ ମନରୁ ଧ୍ୱଂସ କରାଇବ ।

ମାନ—ଅଚ୍ଛା, ଅଚ୍ଛା ମା’ ତମେ କିଛିଦିନ ଅପେକ୍ଷା କର । ହିଂସା ନୀତି ମନରୁ ଦୂରକର । ଶ୍ରୀ ଲକ୍ଷ୍ମୀନାରାୟଣ ଆମ୍ଭମାନଙ୍କର କାମନା ସଫଳ କରାଇବେ । ଅହିଂସା ସମରରେ ଆମ୍ଭେ-ମାନେ ସମସ୍ତ କାର୍ଯ୍ୟ ଜୟ କରିବା । ସର୍ଦ୍ଦାର ! ତୁମ୍ଭେ ସମସ୍ତ ସେନାମାନଙ୍କୁ ବିଦାୟ ଦିଅ । ସେମାନେ ଆମ ଦେଶକୁ ଚାଲି ଯାଆନ୍ତୁ ।

( ପ୍ରସ୍ଥାନ )

—ପଞ୍ଚମ ଦୃଶ୍ୟ—

( ପ୍ରତାପ ଓ ରମାର କଥୋପକଥନ )

ପ୍ରତାପ—ଚିନ୍ତା କରନାହିଁ ରମା ! ମୁଁ ଗୋଟିଏ କଥା ସ୍ଥିର କରିଛି ।

ରମା—କଣ ସ୍ଥିର କରିଛନ୍ତି ?

ପ୍ରତାପ—ମୁଁ ଆଜି ମାନସିଂହକୁ ହତ୍ୟା କରିବି । ଏହି ଦେଖ ମୋର ପିସ୍ତଲ । ଗୁପ୍ତ ଭାବେ ଏହି ପିସ୍ତଲ ଗୁଳିରେ ମାନସିଂହର ପ୍ରାଣ ନେବି ।

ରମା—ତାହା ସହଜ ନୁହେଁ । ତାଙ୍କର ଅସଂଖ୍ୟ ସେନା ନିକଟବର୍ତ୍ତି

ବନ ମଧ୍ୟରେ ଲୁଚି ରହିଛନ୍ତି । ସେମାନେ ପୁଣି ଆସି
ରାଜପୁର ଘେରାଉ କରିବେ ।

ପ୍ରତାପ—ତମେ ବୁଝି ନାହିଁ ରମା ! ମାନସିଂହ ତାହାର ସମସ୍ତ
ତାହାର ସମସ୍ତ ସେନାଙ୍କୁ ବିଦାୟ ଦେଇଲଣି । ସେମାନେ
ଆଉ ନାହାନ୍ତି । କେବଳ ରଙ୍ଗିଲା ଓ ସର୍ଦ୍ଦାର ଏହି
ଦୁଇଜଣ ଅଛନ୍ତି ।

ରମା—ସେମାନେ କଣ ଅନିଷ୍ଟ କରି ପାରିବେ ନାହିଁ ?

ପ୍ରତାପ—ସେମାନେ କଣ କରିବେ ? ସେ ଦୁଇଜଣ ମଧ୍ୟ ପିସ୍ତଲ
ମାଡରେ ପ୍ରାଣ ହରାଇବେ । ଆସ ରମା, ତମ ଗଣ୍ଡଦେଶରେ
ଗୋଟିଏ ଚୁମ୍ବନ ଦିଏଁ ।

( ଚୁମ୍ବନ ଦେବାକୁ ଯିବା ସମୟରେ ରଙ୍ଗିଲା
ଧାଇଁ ଆସି ପ୍ରତାପର ଗଳା ଧରିବା )

ରଙ୍ଗିଲା—ପ୍ରତାପ ! କାହା ଗଣ୍ଡ ଦେଶେ ଚୁମ୍ବନ ଦେବୁ ? ଏହି
ଦେଖ୍ ତୋର ପ୍ରାଣ ନେଲି । ମୁଁ ବାରମ୍ବାର ଶୁଣୁଛି ତୁ
ମୋର ପୁତ୍ରବଧୂ ରମାକୁ ନାନାପ୍ରକାର କଥାରେ ଭୁଲାଉଛୁ ।
ପର ସ୍ତ୍ରୀ ଉପରେ ତୋର କି ଅଧିକାର ଅଛି ? ତୁ କାହିଁକି
ମୋର ପୁତ୍ରବଧୂକୁ କୁ ପରାମର୍ଶ ଦେଉଛୁ ? ତୋର ପାପ
ଦିନକୁ ଦିନ ବଢିଗଲା । ଏଥର ତୋର ଶେଷ୍ ।

ରମା—( ରଙ୍ଗିଲାର ପାଦ ଧରି ) ମା, ମା, ରକ୍ଷାକର. ପ୍ରତାପର
ପ୍ରାଣ ରକ୍ଷାକର ମା, ମୋ ପାଇଁ ତାର ପ୍ରାଣନିଅ ନାହିଁ ମା,
ତୁମର ପା ଧରୁଛି । କ୍ଷମା କର ବାରେ—

ରଙ୍ଗିଲା—ଯାଅ ପ୍ରତାପ, ତୋର ଏହା ଶିକ୍ଷା । ପରସ୍ତ୍ରୀକୁ ମା' ବୋଲି ଜ୍ଞାନ କରବୁ, ପର-ସ୍ତ୍ରୀ ପ୍ରତି ପାପ ଦୃଷ୍ଟି ଦେବୁ ନାହିଁ । ରମା ମୋର ବନ୍ଧୁ, ରମା ମୋର ପା' ଧରନ୍ତୁ, ତେବେ ଜିଦ୍ ବଜାୟ ରହିବ ।

( ପ୍ରତାପ ପଛରେ ପଛରେ ରମା ଓ ରଙ୍ଗିଲାର ପ୍ରସ୍ଥାନ )

## — ଚତୁର୍ଥ ଅଙ୍କ —

### —ପ୍ରଥମ ଦୃଶ୍ୟ—

ରାଜା, ମନ୍ତ୍ରୀ, ରାଜପୁତ୍ର, ଓ ମନ୍ତ୍ରୀପୁତ୍ର ପ୍ରବେଶ ।

ମନ୍ତ୍ରୀ—ମହାରାଜ ! ପ୍ରତାପ ସହିତ ରମାର ବିବାହ ଦିବସ ସ୍ଥିର କରନ୍ତୁ ।

ରାଜା—ରମାକୁ ପ୍ରତାପ ସହିତ ବାନ୍ଧିଦେବା ମୋର ମତ ନୁହେଁ ।

ଯୁବରାଜ—ଆଉ ଆପଣଙ୍କ ମତ କଣ ?

ରାଜା—ରମାର ବିବାହ ସମ୍ବନ୍ଧେ ମୁଁ କୌଣସି ମତ ଦେଇ ପାରିବି ନାହିଁ । ସେ ସମ୍ବନ୍ଧେ ମୋଠାରୁ କୌଣସି ପରାମର୍ଶ ନେବା ଆବଶ୍ୟକ ନାହିଁ । ମୁଁ ସିଂହାସନ ତ୍ୟାଗ କରୁଛି; ବର୍ତ୍ତମାନ ଯୁବରାଜ ରାଜକାର୍ଯ୍ୟ ପରିଚାଳନା କରିବାର ଭାର ଗ୍ରହଣ କରନ୍ତୁ । ତାଙ୍କର ମତ ନେଇ କାର୍ଯ୍ୟ କର ।

( ରାଜା ରାଜଭୂଷଣ ପରିତ୍ୟାଗ କରି ସନ୍ନ୍ୟାସ ଉଦ୍ଦେଶ୍ୟ ଗମନ ) ମୁଁ ଆଜଠାରୁ ସନ୍ନ୍ୟାସବ୍ରତ ଅବଲମ୍ବନ କରୁଛି ।

ଯୁବରାଜ—ମନ୍ତ୍ରୀଜି ! ଆଉ ବିଳମ୍ବ କର ନାହିଁ । କାଲି ରମାର ବିବାହ ଦିବସ ସ୍ଥିର ହେଲା । ଆପଣ ଆଜି ବିବାହର ଆୟୋଜନ କରନ୍ତୁ । ଯାଆନ୍ତୁ, ଶୀଘ୍ର ରାଜକର୍ମଚାରୀମାନଙ୍କୁ ଆଦେଶ ଦାନ ଦଅନ୍ତୁ ।

ରଙ୍ଗିଲ—ପ୍ରତାପ ସହିତ ରମାର ବିବାହ ହେବ ? ତାହା ତ ହୋଇ ପାରିବ ନାହିଁ । ରମା ତ ପ୍ରତାପର ନୁହେଁ । ରମା ହେଉଛି ମାନୁର । ରମା ମୋର ପୁତ୍ରବଧୂ । ତୁମ୍ଭେମାନେ ଏପରି ଅନ୍ୟାୟ କରନାହିଁ । ତାର ଫଳ ଭଲ ନୁହେଁ ।

ଯୁବରାଜ—ଚୁପ୍ କର ରଙ୍ଗିଲ ! ତୁମର ଏଠାରେ କିଛି କହିବାର ଅଧିକାର ନାହିଁ । ନିଶ୍ଚୟ ପ୍ରତାପ ସହିତ ରମାର ବିବାହ କାଲି ହେବ । ତୁମ୍ଭେ ଶୀଘ୍ର ଏ ରାଜଦରବାରରୁ ଅନ୍ତର ହୁଅ ।

ରଙ୍ଗିଲ—ରାଜାର ପ୍ରତିଶ୍ରୁତି ତୁମେ ରକ୍ଷା କରିବ ନାହିଁ ?

ଯୁବରାଜ—ନା, ଆମ୍ଭେ ତାହା ରକ୍ଷା କରିବାକୁ ବାଧ୍ୟ ନୋହୁଁ ।

ରଙ୍ଗିଲ—ନିଶ୍ଚୟ ବାଧ୍ୟ ହେବ । ସାବଧାନ ହୁଅ । ରମା ଲାଗି ଏହି ବିଶାଳ ରାଜ୍ୟଟି ଧ୍ୱଂସ ହେବ ।

ଯୁବରାଜ—ରାଜ୍ୟ ଧ୍ୱଂସ ହେବ ? କିଏ ଧ୍ୱଂସ କରିବ ? ତୁମ୍ଭେ ଭାବୁଛ ନା ଆମ୍ଭେମାନେ ଏତେ କ୍ଷୁଦ୍ର ଓ ଏତେ ଦୁର୍ବଳ । ତୁମ୍ଭର ଏହି ସାମାନ୍ୟ ଧମକରେ ରମାକୁ ନୀଚ ଜାତିରେ ଦେବୁ । ଅସଭ୍ୟ ବଣୁଆ ଜାତି ନେବ କ୍ଷତ୍ରିୟ ରାଜକନ୍ୟାକୁ

—ଏହା ମୋତେ ଜଣା ନୁହେଁ—ବାଧା ଦେଉଛନ୍ତି ସ୍ୱୟଂ ଭାରତୀୟ କ୍ଷତ୍ରିୟ ଜାତିକୁ । ଚୁପ କର ରଙ୍ଗିଲ । ଏପରି କଥା ମନରେ ସ୍ଥାନ ଦିଅନା । ରମାକୁ ପୁତ୍ରବଧୂ କରିବା କଥା ମନରୁ ଭୁଲି ଯାଅ ।

ରଙ୍ଗିଲ—ରଙ୍ଗିଲ ଭୁଲିବ ? ରଙ୍ଗିଲ ଜୀବନରେ ଥିବା ଯାଏ ରାଜାର ପ୍ରତିଶ୍ରୁତି ଭୁଲି ପାରିବ ନାହିଁ । ରଙ୍ଗିଲ ଚକ୍ଷୁ ଆଗରେ ତାର ପୁତ୍ର ବଧୂକୁ ଅନ୍ୟକେହି ବିବାହ କରିବ, ରଙ୍ଗିଲ ତାହା ଦେଖିବ ନାହିଁ ।

ଯୁବରାଜ—ସିପାହି ! ଶୀଘ୍ର ରଙ୍ଗିଲକୁ ବନ୍ଦ କର ।

( ସିପାହୀ ରଙ୍ଗିଲକୁ ବନ୍ଦ କରିବା ସମୟେ ରଙ୍ଗିଲ ସିପାହୀର ଗଳା ଧରି ପିଙ୍ଗିଦେବା । ପୁଣି ଗୋଟି ଗୋଟି ସମସ୍ତେ ରଙ୍ଗିଲକୁ ଆକ୍ରମଣ କରିବାରୁ ସମସ୍ତଙ୍କୁ ତଳେ ପକାଇଦେଇ ରଙ୍ଗିଲର ପଳାୟନ । )

ଯୁବରାଜ—ମନ୍ତ୍ରି ! ଦେଖିଲ ନା, ସାମାନ୍ୟ ଗୋଟିଏ ସ୍ତ୍ରୀ ଲୋକ ତାର ଏତେ ଶକ୍ତି ! ବଡ଼ ଆଶ୍ଚର୍ଯ୍ୟ ବିଷୟ । ସମସ୍ତଙ୍କୁ ପରାଜୟ କରିବା ବଡ଼ ଲଜ୍ଜାର ବିଷୟ । ଯାହା ହେବାରତ ହେଲା । ତୁମ୍ଭେ ଯାଇ ଶୀଘ୍ର ବିବାହର ଆୟୋଜନ କର ଓ ଅବିଳମ୍ବେ ଶୁଭ ପରିଣୟ ଶେଷ କର । ଏତିକି ହୋଇଗଲେ ସେମାନେ ରମାକୁ ନେବା ଆଶା ତ୍ୟାଗ କରିବେ ଓ ଆପେ ଆପେ ନିଜ ଦେଶକୁ ପଳାୟନ କରିବେ ।

ନିୟତି—ଗୀତ ୫— କଳାକଲେବର କଣ୍ଠାର ବୃତ୍ତେ—

ଲାଜ ନାହିଁ ମୂର୍ଖ ତୁମ୍ଭର ଅଳକୁଳ ପାମର,
ମରଣକୁ ଡେଜ ବସିଛ ହେବ ବୋଲି ଅମର ।

ବଣୁଆ ଜାତିର ନାରୀ ଯେ କେତେ ବଳ ବହନ୍ତି ।
ସତ୍ୟ ଧର୍ମ ନ୍ୟାୟ ପଥକୁ ସଦାବେଳେ ଧରନ୍ତି ।୧।
ଗଲେ ଧକା ଦେଇ ମକାଇ ଦେଲ ତଳେ ପଡିଲ ।
ମହାବୀର ତୁମ୍ଭେମାନେ ପା ନନ୍ଧା ଜଳେ ବୁଡିଲ ।୨।
ରାଜପୁରୁଁ ଧନ ରତନ ଗୋଲ ବନ୍ଧୁକ ଆଦି ।
ଫୁଙ୍କରେ ଉଡାଇ ଦେବ ସେ ନାରୀ ଭାବିବ ଯଦି ।।
ସିଂହୀ ସେ ତା ସିଂହ ଛୁଆକୁ ବନେ ଅଛି ଲୁଚାଇ ।
ମହା ବଳବନ୍ତ ବୀର ସେ ଯିବ ରମାକୁ ନେଇ ।୪।

( ସମସ୍ତଙ୍କର ପ୍ରସ୍ଥାନ )

## —ଦ୍ୱିତୀୟ ଦୃଶ୍ୟ—

[ ରମା, ପ୍ରତାପର ପ୍ରବେଶ ଓ କଥୋପକଥନ ]

ପ୍ରତାପ—କାଲି ବିବାହ ଦିବସ ସ୍ଥିର ହୋଇଛି ରମା ! ଏବେ ତୋର ଚିନ୍ତା ଦୂରକର ।

ରମା—[ ମ୍ଳାନ ଭାବେ ଦଣ୍ଡାୟମାନ ହେବା ]

ପ୍ରତାପ—ରମା, ମ୍ଳାନ କାହିଁକି ? ଚିନ୍ତା କଣ ? ( ରମାର ହାତ ଧରି ଟାଣିବା )

ରମା—ଏଁ, ମୋ ସଂଗରେ ତମେ ଲଗନାହିଁ ।

ପ୍ରତାପ—କାହିଁକି ମ ? କାଲି ଯେ ବିବାହ ହେବ ? ତମ ମନର

କଥା କଣ କହୁନାହିଁ ?

ରମା—ଆଜି ଦରବାରରେ ଯାହା ଯାହା ହେଲା ତାହା ମୁଁ ଶୁଣିଛି ଓ ଦେଖିଛି । ସେଥିପାଇଁ ମୋର ମନ ଖରାପ ।

ପ୍ରତାପ—( ହାସ୍ୟ ) ସେଥିପାଇଁ ଗୋଟେ ମନ ଖରାପ । ସେତ ବଣୁଆ ଲୋକ ସେମାନେ ମଲ୍ଲଯୁଦ୍ଧ ଭଲ ଜାଣନ୍ତି । କିନ୍ତୁ ଆମ୍ଭ ପାଖରେ ପିସ୍ତଲ ବନ୍ଧୁକ ଥିଲେ ସେ କଣ କରିପାରନ୍ତି ଯେ ସାଥେ ସାଥେ ସେ ପ୍ରାଣ ହରାଇ ଥାନ୍ତି ।

ରମା—ସେ ବିବାହ କରିବାକୁ ଦେବେ ନାହିଁ ।

ପ୍ରତାପ—କିପରି ?

ରମା—ବାପାତ ତାଙ୍କର ପକ୍ଷରେ । ସେ ଯେ ବିବାହ ସମୟରେ ଘୋର ଗଣ୍ଡଗୋଳ କରିବେ ? ଏହା ଅସମ୍ଭବ ନୁହେଁ ।

ପ୍ରତାପ—କି ଗଣ୍ଡଗୋଳ କରିବେ ?

ରମା—ବୋଧହୁଏ ବଣୁଆ ସୈନ୍ୟ ଜୁଟାଏ ଆଣି ଘେରାଇ ଦେଇ ଜବରଜ ମୋତେ ଧରି ନେଇ ଯିବେ ।

ପ୍ରତାପ—ଅସମ୍ଭବ ରମା ! ଆମର କଣ ସୈନ୍ୟ ସେନା ନାହାନ୍ତି ? ଆମେ କଣ ସେମାନଙ୍କୁ ତଡ଼ିଦେଇ ପାରିବୁ ନାହିଁ ? ଅଧିକନ୍ତୁ ଗୋଟିଏ କଥା—ବିବାହତ ହେବ ରାଜପୁର ମଧ୍ୟରେ । ରାଜପୁର ଗଡ଼ଦ୍ୱାରରେ ପ୍ରହରୀମାନେ ଜଗିରହିବେ । ରାଜ ପଥରେ ଘାଟି ଘାଟି ଫୌଜମାନେ ବନ୍ଧୁକ ଘେନି ଜଗି ବସିବେ । କୌଣସି ମତେ ଶତ୍ରୁପକ୍ଷ ଲୋକ ରାଜଗଡ଼ରେ ପ୍ରବେଶ କରି ପାରିବେ ନାହିଁ । ଅଧିକ ଯେ ତମ ଭାଇ ସଦାବେଳେ ହାତ ହତିଆର ଧରି ପ୍ରସ୍ତୁତ ଅଛନ୍ତି । ସେ

ଭଙ୍ଗେଲ୍ସ ଓ ତାର ପୁଅ ମାନସିଂହକୁ ଦେଖିବା ମାତ୍ରେ ଗୁଳି କରିବେ ।

ରମା—ସେମାନେ ବନ ମଧ୍ୟରେ ଗୋପନଭାବେ ରହୁଛନ୍ତି, ତୁମେ ତାଙ୍କୁ ପାଇବ କିପରି ?

ପ୍ରତାପ—ମଲା, ମଲା, ତମେ କିଛି ବୁଝି ନାହଁ । ଖାଲି କାନ୍ଦବାଟା ଜାଣ ?

ଭମା—କଣ କହୁଛୁ ନା ।

ପ୍ରତାପ—କାଲି ସନ୍ଧ୍ୟାରେ ଯେ ଯୁବରାଜ ଦୁଇଶହ ଅଶ୍ୱାରୋହୀ ଓ ବହୁତ ଗୁଡ଼ାଏ ପଦାତିକ ସୈନ୍ୟଙ୍କୁ ଆଦେଶ ଦେଇଛନ୍ତି ସେମାନେ ଯାଇ ବଣଟାକୁ ଚିକିଣି ଖୋଜି ଭଙ୍ଗେଲ୍ସ, ମାନୁ ଓ ସର୍ଦ୍ଦାର ତିନିଜଣଙ୍କୁ ବାନ୍ଧି ଆଣିବେ ।

( ଏହି ସମୟରେ ସିପାହି ଧାଇଁ ଅଛି )

ସିପାହି—ପ୍ରତାପ ବାବୁ ! ଶୀଘ୍ର ଆସନ୍ତୁ ମାନୁ ଧରା ପଡ଼ିଛି । ଗୋଟିଏ ସ୍ଥାନରେ ମାନୁ ନାରାୟଣ ମୂର୍ତ୍ତି ସ୍ଥାପନ କରି ପୂଜା କରୁଛି ।

ପ୍ରତାପ—ରମା ! ତମେ ରାଜପୁରକୁ ଯାଅ । ମୁଁ ଦେଖେ ।

( ପ୍ରସ୍ଥାନ ସମୟେ ନେପଥ୍ୟ ଗାନ )

ନେପଥ୍ୟ—ଗୀତ— ଧୀରେ ଯେନ କାନନ ବୃନ୍ତେ —

ଆହାରେ ପ୍ରତାପ ତୋର ଲାବଣ୍ୟ ମୂରତି;
କନକ ପ୍ରତିମା ପ୍ରାୟ ବିକାଶୁଛି ଜ୍ୟୋତି, ବୀର ପ୍ରତାପ ରେ
ଯେଉଁ ନାରୀ ପାଇଁ ତୁହି ଜଳନ୍ତ ହେଉଛୁ,

ସେହିକାଳୀ ତୋର ପ୍ରାଣ ନେବ ନ ଭାବୁଛୁ, ବୀର ପ୍ରତାପ ରେ
ଯେଉଁ ଧନ ରମାଗଣେ ଦେବୁ ତୁ ଚୁମ୍ବନ,
ସେହି ଧନେ ତୋର ମୃତ୍ୟୁ ହେବ ନିଶ୍ଚେ ଜାଣ ବୀରପ୍ରତାପରେ
ନୃପତି କେମା ଯୌବନ ଲବଣ ଅନଳେ,
ପତଙ୍ଗ ପ୍ରାୟ ପଡ଼ିବୁ ଉପେକ୍ଷି ଗରଳେ ବୀର ପ୍ରତାପ ରେ ।
ଦର୍ବ ଖର୍ବ ଶିଘ୍ରପାଙ୍ଗୀ ସାରି ଦେବ ତୋର
ମୋ କଥାକୁ ମାନି ତାର ସଙ୍ଗ କର ଦୂର ବୀରପ୍ରତାପ ରେ ।

ପ୍ରତାପ—ଦୂର ହୁଅ ସମ୍ମୁଖରୁ ମୋର ମିଥ୍ୟା କଥା ତାହା ।

[ ମାନୁର ନାରାୟଣ ପୂଜା ସମୟରେ ପ୍ରତାପ ପହଞ୍ଚି ଓ ପିସ୍ତଲ ଦେଖାଇ ]

ପ୍ରତାପ—ଏବେ ମୃତ୍ୟୁପାଇଁ ପ୍ରସ୍ତୁତ ହୁଅ ।

ମାନୁ—କି ଆଶ୍ଚର୍ଯ୍ୟ ! ମୁଁ ତୁମ୍ଭର କିଛି ଦୋଷ କରନାହିଁ । ତୁମ୍ଭେ ଏପରି ଅନ୍ୟାୟ ବ୍ୟବହାର କରୁଛ କାହିଁକି ?

ପ୍ରତାପ—ଏହିଟା କଣ ଅନ୍ୟାୟ ? ପ୍ରକୃତ ନ୍ୟାୟ । ତୋତେ ଅଜି ହତ୍ୟା କରିବି । ଏତକି ହେଲେ ରାଜପୁରରୁ ସବୁ ଆନ୍ଦୋଳନ ଲିଭିଯିବ ।

ମାନୁ—ଅଚ୍ଛା, ଅଚ୍ଛା, ଦଣ୍ଡେରହ । ମୋର ନାରାୟଣ ପୂଜା ସରିଯାଉ ମୋତେ ହତ୍ୟା କରିବୁ ।

ପ୍ରତାପ—ନା, ନା, ତାହା ଗୋଟିଏ ପ୍ରତାରଣା ମାତ୍ର

( ଗୁଳି ଫାୟର କଲେ )

ମନ୍ତ୍ରୀ—ପ୍ରତାପ ! ପ୍ରତାପ! ମାନୁର ପ୍ରାଣ ନିଅ ନାହିଁ ।

( ଏହି ସମୟରେ ସର୍ପ ଗୋଡରେ ଗୁଡ଼ାଇ ହେବାରୁ ଲକ୍ଷ୍ୟ

ଭୂସ୍ଥ ହେତୁ ମନ୍ତ୍ରୀ ଉପରେ ଗୁଳିଚେଃ — ମନ୍ତ୍ରୀର ମୃତ୍ୟୁ —
ପ୍ରତାପ ଆଶ୍ଚର୍ଯ୍ୟାନ୍ୱିତ ହେବା । )

ତାପ— ପିତା ! ପିତା ! ଉଠନ୍ତୁ, ହାୟ ପିତା ! ହାୟ ପିତା !

( ଭୂତଳେ ପତନ )

ଭୈରବ—ପ୍ରତାପବାବୁ ! ଯାହା ହେବାରଥ ହେଲା ଏବେ ନଅରକୁ ଫେର ଚାଲନ୍ତୁ ।

ତାପ—ସାବଧାନ କର ! ଏ ଘଟଣା ଯେପରି ମୋର ଭଗ୍ନୀ ସୁମିତ୍ରା କାନକୁ ନ ଯାଏ । ଗୁପ୍ତଭାବେ ବନ ମଧ୍ୟରେ ସମାଧି କରି ଦେଇ ଆସ । ( ପ୍ରସ୍ଥାନ )

— ତୃତୀୟ ଦୃଶ୍ୟ —

ନାଗରିକ ନରନାରୀ ପ୍ରବେଶ —

ନା—(ସ୍ୱଗତ) ବ୍ରହ୍ମମୟୀ ସୃଷ୍ଟିରେ "ଏକ ଈଶ୍ୱର ଦ୍ୱିତୀୟ ନାସ୍ତି" ଏକଥା ଠିକ୍ କଥା । ଆଚ୍ଛା ଯାଏଁ ଆମେଦାବାଦ କେତେ ଉପୀ ହୋଇଛି ଦେଖେଁ । ଅଛୁଆଁ ଲୋକ ଯଦି ଦାଣ୍ଡ ପିଣ୍ଡାରେ ବସିଲା ତେବେ ବଡାବୋଉ ନାକ ଟେକିଲା । ଆମ ଦେଶରେ ରୂପ ରଙ୍ଗ ତାଙ୍କରତ ଛୁଆଁ ଅଛୁଆଁ ବାରଣ ନାହିଁ । ଆମ ମାଉଙ୍କ ନାଥଙ୍କର ଦେଖ କିପରି ବାହାରୁଛି ? ଆଜି ଭାର ମୋର ପଡ଼ିବ । ଯାଉଛି ଦେଖେଁ ।

ବିଦ୍ୟାବୋଉ—(ସ୍ୱଗତ) ମୁଁ ଅଜା ଶୁଣୁଛି, ଆମ ବିଦ୍ୟାବାସ ଗୋଟିଏ ଧାଙ୍ଗିପିଲା ସଙ୍ଗେ କାମ କରୁଥିଲା । ମଲମ, ଏ ଯୁଗଟା କଣ ହେବକି ? ପାଣି କଟ ପୁରୋହିତ ହେବେ ? ସେ ପୁଣି ଏକ ସଙ୍ଗରେ ହୁଁକା ଧରନ୍ତି । ଏକ ସଙ୍ଗରେ ସଙ୍ଗୀ କାନ୍ଦନ୍ତି । ସତକୁ ସତ ମୁଁ ଅଜା ଶୁଣୁଛି ବିଦ୍ୟାବାସ ଖଣ୍ଡେ ଦଉଡ଼ିର ଗୋଟେ ପାଖ ଧରିଥାଏ ଆଉ ମୁଣ୍ଡିଟି ମୁଠିଆପାଣି ଟୋକା ଧରି ବଲୁଥାଏ । ଅଚ୍ଛା ଅଛୁ ସେ । ଆଜିକାଲି ମିଶିପେମାନେ ଯାହା କରୁଛନ୍ତି ଯଦି ମାଇପେ ସେଯା କରନ୍ତେ ଘରୁ ଲକ୍ଷ୍ମୀ ଛୁଟିଯାନ୍ତା । ଖାଇବାକୁ ଦାନା ପାଆନ୍ତେ ନାହିଁ । କଥାରେ କହନ୍ତି ସ୍ତ୍ରୀ ହିଁ ଅ ଲକ୍ଷ୍ମୀ ଠାକୁରାଣୀ—ତାଙ୍କ ଯୋଗେ ଲକ୍ଷ୍ମୀ ରହିଛନ୍ତି । ଆଗୁରେ ଲକ୍ଷ୍ମୀ ବିଗୁରେ ପଣ୍ଡିତ, ଏଟା କଣ ମଛ କଥା ?

ମଦନ—ବିଦ୍ୟାବୋଉ ମାଣିମଧ୍ୟେ ଅଣିବୁଡ ମୁଁ ପିଏଁ ।

ବିଦ୍ୟାବୋଉ—ପାଣି ପିଇବ ? ସେହି ଦାଣ୍ଡିଅରେ ବସ । ମଠିଆ ଜାଗା ସେଇଠି ଅଛି ଦେଖ ଆସ । ସେଥିରେ ମୁଁ ପାଣି ଦେଉଛି ପିଇବ ।

ମଦନ—କଣ, ମଠିଆ ଜାଗାରେ ପାଣି ପିଇବ ? କି ଲୋ ସେ ପା ପାଣ ଜାତି, ତା ଯାଗାରେ ପାଣି ପିଇବ କିପରି ?

ବିଦ୍ୟାବୋଉ—ତମେ ଆଉ କଣ କି ? ତମର ପାଣ କଣ୍ଡରା କାଣ୍ଡି ବାରଣ ଅଛି ନା ? ତମେ କଣ ମଠିଆକୁ ଛୁଅଁ ନାହିଁ ?

ମଦନ— ମଲା, ମଲା, ପାଣଟାକୁ ଛୁଇଁଲେ କଣ ମୁଁ ପାଣ ହୋଇଗଲି ? ତମ ମାଇକିଣାଙ୍କର ଏ ଗୋଟେ ପୁରୁଣା, ବଡ଼ ବଡ଼ ଲୋକ-

ପାରେନି ତୁଅଁ ଅଣ୍ଡୁଆଁ କିଛି ବାରଣ କରୁନାହାନ୍ତି । ତୋର ଏବେର ଲୋକ ବାହାରୁଛନ୍ତି କାହିଁକି ? ପାଣି ପରି ଅର୍ଥକାଳି ହଜେଇନ ହେଲେଣି ଓ ଠାକୁର ମନ୍ଦିରକୁ ଗଲେଣି, ଆଉ କଣ ବାକି ରହିଛି ? ସେମାନେ ମହିଷ ତାଙ୍କୁ ଛୁଇଁଲେ ସତ କଣ ?

ବଡ଼ାବୋଉ—ସେତେବେ ମନ୍ଦିରରୁ ବାରଣ ଥିଲା କାହିଁକି ?

ମଦନ—ସେଥିପାଇଁ ଆମ ବଳଦବାଡ଼ିରେ ଭୀଷଣ ଗୋଳମାଳ ।

(ଗୀତ)

ମଦନ—ସତକଥା ବଡ଼ବୋଉ ଏହା ଶୁଣିଛୁନା ଶୁଣିଛୁନା ଶୁଣିଛୁ ?
ବଡ଼ାବୋଉ—ଏହାକହି ଛୁଇଁ ଦେବାପାଇଁ ଧାଇଁଛୁନା ? ଧାଇଁଛୁ ।
ମଦନ—ମାନୁ ବୋଲି ଯନ୍ତ୍ର ନ ମିଳେ, ରାଜନେମା ହୋଇବ ଲଭ୍ୟ,
ବଡ଼ାବୋଉ—ଏମିତି ମନକୁ ନ ଯାଏ ମାଉଛୁନା ? ପାଉଛୁ । ୧ ।
ମଦନ—ନନ୍ଦୀପୁର ପ୍ରତାପବାବୁ, ଆଉ ତାର କାହିଁ କାବୁ,
ବଡ଼ାବୋଉ—ରମାନାଥ ବାବୁ ବେହେରା କଥା ଶୁଣି ରହିଛନ୍ତି ଆମେ ଜାଣିଛୁ
ମଦନ—କାଲିମଲ୍ଲ ବୁଢ଼ା ମନ୍ତ୍ରୀ ବାଡ଼ିଘର ରହିଲା ଘେରି, . .
ବ:—ତରତର ଘୋଡ଼ା ବାନ୍ଧା ହୋଇଥିଲା ଘରବାର ଦେଖି ସବୁ ଶୁଣିଛୁ

(ପ୍ରସ୍ଥାନ)

# ପଞ୍ଚମ ଅଙ୍କ

## ୧ମ ଦୃଶ୍ୟ [ରାଜପୁର]

ଯୁବରାଜ ଓ ପ୍ରତାପର ପ୍ରବେଶ —

ଯୁବରାଜ—ପ୍ରତାପ ! ଅଦ୍ଭୁତ ଘଟଣା ଘଟିଗଲା, ବିବାହ କାର୍ଯ୍ୟତ ବନ୍ଦ ରହିଲା ।

ପ୍ରତାପ—ବିବାହ ବନ୍ଦରହିଲା କିଛି କ୍ଷତି ନାହିଁ । କିନ୍ତୁ ଗୋଟିଏ କଥା ସର୍ବଦା ମୋ ମନରେ ଜାଗ୍ରତ ଅଛି, ତାହା ସମାଧାନ ନ ହେବାଯାଏଁ ମୋ ମନରେ ଶାନ୍ତି ନାହିଁ ।

ଯୁବରାଜ—ବିଷୟଟି କଣ ?

ପ୍ରତାପ—ବିଷୟଟି ହେଉଛି ଯେ— ମାନସିଂହଙ୍କୁ ବନ୍ଦୀ କରିବାକୁ ହେବ ଓ ତାର ମାତା ରଙ୍ଗଲାଙ୍କୁ ଆମ ଦେଶରୁ ତଡି ଦେବାକୁ ହେବ । ଏ ଦୁଇଟି କାର୍ଯ୍ୟ ସାଧିତ ନହେଲେ ବିବାହ କରିବା ନିରାପଦ ନୁହେଁ ।

ଯୁବରାଜ—ତାହାତ ମୋର ଭାବିବାର ବିଷୟ । କିପରି ଭାବରେ ଶତ୍ରୁମାନଙ୍କୁ ଦମନ କରାଯିବ ତାର ଉପାୟ ସ୍ଥିର କର । ଯାଅ ରାଜପୌତମନଙ୍କୁ ସତର୍କ କରାଇ ଦିଅ । ଯଦି ଅସବର୍ଣ୍ଣ ବିଶୁଅଙ୍ଗାତ ରାଜବାଟୀ ଆକ୍ରମଣ କରିବେ ତାର ପ୍ରତିଶୋଧ ପାଇଁ ସମସ୍ତ ସୈନ୍ୟବାହିନୀ ସୁସଜ୍ଜିତ ରହିଥାନ୍ତୁ ।

ପ୍ରତାପ—ମୁଁ ଭାବୁଛି ଏ ନେଇଁ ସାମ୍ପ୍ରଦାୟିକ ଆନ୍ଦୋଳନ ଉପସ୍ଥିତ ହୋଇଣି ଏଥିରେ ଅସବର୍ଣ୍ଣ ଜାତିର ମିଳପୋଛ ଦରକାର

ଅଗେ ସେମାନଙ୍କର ନେତା ମାନସିଂହକୁ ଗୁଳିମାଡରେ ହତ୍ୟାକରି ତାର ମାତା ରଙ୍ଗିଲାପ୍ରତି କଠୋର ଦଣ୍ଡବିଧାନ କରାଯାଉ । ତାର ପରେ ପରେ ରାଜଫୌଜମାନେ ଘୋର ଜଙ୍ଗଲ ମାର୍ଗରେ ଅଗ୍ରସର ହୋଇ କୋହ୍ଲ ଭିଲ ସାନ୍ତାଳାଦି ଅସ୍ପୃଶ୍ୟଜାତି ମାନଙ୍କର ପଲ୍ଲୀଗ୍ରାମ ଅବରୋଧ କରନ୍ତୁ । ସେମାନଙ୍କର ଧନରତ୍ନ ଲୁଟ୍ ପାଟ୍ କରି ସେମାନଙ୍କୁ ରାଜପୁରକୁ ବାନ୍ଧି ଆଣନ୍ତୁ । ଏତିକି ହେଲେ ଅମ୍ଭର ତଥା ଅମ୍ଭରାଜ୍ୟର ମଙ୍ଗଳ ।

ଯୁବରାଜ—ନାରୀମଣ୍ଡଳୀ ଉପରେ ଅତ୍ୟାଚାର କରିବା ଅନୁଚିତ । କିନ୍ତୁ ରଙ୍ଗିଲାକୁ ଯଥୋଚିତ ଅପମାନ ଦେଇ ଆମ୍ଭ ଦେଶରୁ ତଡ଼ିଦିଅ । ମାନସିଂହକୁ ହତ୍ୟା ନ କରି ଅଜୀବନ ବନ୍ଦୀଦଣ୍ଡ ଦିଅ । ଏତକହେଲେ ଶତ୍ରୁ ଦମନର ପ୍ରଥମ ସୋପାନ କାର୍ଯ୍ୟ ହୋଇଗଲା । ତାହାପରେ ସୈନ୍ୟ ପଠାଇ ବନ ମଧ୍ୟରେ ଆଦିମ ଜାତିମାନଙ୍କୁ ଦମନକର । କିନ୍ତୁ ଏ କାର୍ଯ୍ୟରେ ତମେ ଆଗୁଆ ନ ହେଲେ ଚଳିବ ନାହିଁ ।

(ରଙ୍ଗିଲାକୁ ବନ୍ଦୀକରି ଦୁଇଜଣ ଫୌଜ ପ୍ରବେଶ)

ଯୁବରାଜ—କିପରିଭାବେ ରଙ୍ଗିଲାକୁ ବନ୍ଦୀକଲ ?

ଫୌଜ—ବଡ଼ ଆଶ୍ଚର୍ଯ୍ୟ ଘଟଣା ତାହା । ବୀରାଙ୍ଗନା ରଙ୍ଗିଲାର ଅସାଧାରଣ କ୍ଷମତାଦେଖି ଅମ୍ଭେ ତାଜୁବ୍ ହୋଇଅଛୁଁ । ଆମ୍ଭେ ଯେତେବେଳେ ଶତାଧିକ ସୈନ୍ୟ ରଙ୍ଗିଲାର ଚତୁର୍ଦ୍ଦିଗେ ଘେରାଉ କଲୁ ହଠାତ୍ ରଙ୍ଗିଲା ତାର ହସ୍ତରେ ଥିବା ବାଣ ନିକ୍ଷେପ କରିବାକୁ ଲାଗିଲା । ସେହି ବାଣାଘାତରେ ପ୍ରାୟ

କୋଡ଼ିଏ ଜଣ ସୈନିକ ପ୍ରାଣ ହରାଇଲେ ।

ଯୁବରାଜ—ତାପରେ ?

ସେ.ନା.—ସେତେବେଳେ ଆମ୍ଭେ ଦେଖିଲୁଁ ରଙ୍ଗିଲା ମସ୍ତରେ ଆଉ ତୀର ନାହିଁ ସେତେବେଳେ ଆମ୍ଭେ ରଙ୍ଗିଲାକୁ ଆକ୍ରମଣ କଲୁଁ । ବହୁକ୍ଷଣ ଯୁଦ୍ଧ ପରେ ରଙ୍ଗିଲାକୁ ବାନ୍ଧିଲୁଁ ।

ପ୍ରତାପ—ରଙ୍ଗିଲା ! ତମର ଏତେ ଆସ୍ପର୍ଦ୍ଧା ! ତୁମେ ଏକା କୋଡ଼ିଏ ସୈନ୍ୟଙ୍କୁ ହଟାଇ ଦେଇଛ । ତୁମ୍ଭେ ନଗ ନିର୍ଦ୍ଧୂତଭାବେ ଏତେଗୁଡ଼ିଏ ସୈନ୍ୟଙ୍କର ପ୍ରାଣ ବିନାଶ କରିଛ ତହିଁରେ ଦାୟୀ କିଏ ? ସେଥିରେ ତମେ ଦଣ୍ଡିତ ହେବନାହିଁ ?

ରଙ୍ଗିଲା—ଦଣ୍ଡକୁ ରଙ୍ଗିଲା ଭୟ କରେ ନାହିଁ । ରଙ୍ଗିଲା ଭୟ କରେ ତାର ଜାତି ଗୌରବକୁ । ନାରୀ ଜାତିର ମାନ ଓ ମହତ୍ତ୍ୱକୁ ।

ପ୍ରତାପ—ନାରୀର ମାନ ମହତ କଣ ? ନାରୀର ମାନ ମହତ ପୁରୁଷ-ଦ୍ୱାରା ସୁରକ୍ଷିତ; କିନ୍ତୁ ନାରୀ ତାର ନିଜ ବଳରେ ନିଜର ମାନ ମହତକୁ ରକ୍ଷା କରିବାକୁ ସମର୍ଥ ହୋଇ ନପାରେ । ତେବେ କୁହ ରଙ୍ଗିଲା, ତମ ମହତକୁ ତୁମେ ନିଜେ ରକ୍ଷା କରି ପାରିବକି ?

ରଙ୍ଗିଲା—ଏହା କଣ ତୁମର ରାଜନୀତି ? ନାରୀର ମହତ ଉପରେ ତୁମର ଦାବି କଣ ? ତୁମେ ଯଦି ପରନାରୀର ମହତ ନେବାକୁ ଇଚ୍ଛା କରୁଛ ତେବେ ତମର କଣ ମା' ମାଉସୀ ନାହାନ୍ତି ? ତାଙ୍କର ମହତ ନେଉନାହଁ ? ପରନାରୀର ମହତ ନେବ ତମେ କିଏ ?

ପ୍ରତାପ—ଆଚ୍ଛା ରଙ୍ଗିଲା ! ମୁଁ ତୋର ମହତ ନେବାକୁ ପ୍ରସ୍ତୁତ ଅଛି ।

ତୁମର ଉପାୟ କଣ ? ତୁମକୁ କିଏ ରକ୍ଷା କରିବ ଦେଖିବ ।

ରଙ୍ଗିଲ—ଦେଖିବୁ କଣରେ ସଇତାନ୍ ? ମୋତେ ବନ୍ଦୀ କରିବୁ ବୋଲି ଏପରି କଥା କହୁଛୁ ଗୁଣ୍ଡଡ଼େ, ଦେଖିବୁ ଏ ଅଙ୍କୁର ଜାତି ନାରୀ ହାତରେ କି କ୍ଷମତା ଅଛି । ଏତକି କଥା ଯଦି ମୋର ଜାତିର ଲୋକ କେହି ଶୁଣିଥାନ୍ତେ, ସାଥେ ସାଥେ ତୋର ମୁଣ୍ଡ ଚମଡ଼ି ଦେଇଥାନ୍ତେ ।

ପ୍ରତାପ—ଚୁପ୍ କର ରଙ୍ଗିଲ ! ଆଉ ବେଶୀ ବଢ଼ି ବଢ଼ି କହନା । ନାରୀହତ୍ୟା ପାପକୁ ଭୟ ହେଉଛି । ନୋହିଲେ ଏତେବେଳ ଯାଏଁ ତୋର ପ୍ରାଣ ଥାନ୍ତା ନାହିଁ ।

ରଙ୍ଗିଲ—ନାରୀହତ୍ୟା କି ପାପ ?— ପାପ ହେଉଛି ନାରୀର ଇଜ୍ଜତ୍ ନେବା । ଇଜ୍ଜତ୍ ଠାରୁ ଜୀବନ ବଡ଼ ନୁହେଁ । ରେ ସଇତାନ ତୁ ଯେଉଁଠି ଇଜ୍ଜତ୍ ନେବାକୁ ଉଦ୍ୟତ ସେ ସ୍ଥଳେ ନାରୀହତ୍ୟା ପାପକୁ ଭୟ କରୁଛୁ କାହିଁକି ? ଆଚ୍ଛା ତୋର କି କ୍ଷମତା ଅଛି କର । ଦେଖିବୁ ପ୍ରକୃତ ଧର୍ମ ଅଛି କି ନା ?

ପ୍ରତାପ—ସିପାହୀ, ରଙ୍ଗିଲକୁ ବନ୍ଦୀ କର । ଦେଖିବା କିଏ ରକ୍ଷା କରିବ ।

ମାନ—ସାବଧାନ ପ୍ରତାପ, ଅତ ଅନ୍ୟାୟ କରନାହିଁ । ନାରୀପ୍ରତି ଅତ୍ୟାଚାର କରନାହିଁ । ଏହା ରାଜନୀତି ନୁହେଁ । ପ୍ରତାପ ! ଏହା ପଶୁର କାର୍ଯ୍ୟ—ତାର ଫଳ ବଡ଼ ବିପଦମୟ ।

ପ୍ରତାପ—ଚୁପ୍ କର ମାନସିଂହ । ସିପାହୀ, ମାନସିଂହକୁ ବନ୍ଦୀ କର ।

( ସିପାହୀ ମାନେ ବନ୍ଦୀ କରିବା ).

ଅର୍ଦ୍ଧାରୁ—ସାବଧାନ ହଅ, ଏହି ଯେ ଅନ୍ୟାୟ କରୁଛୁ । ନାରୀକୁ

ଶିରସ୍ତ୍ର କରନାରେ ସଇତାନ । ମୃତ୍ୟୁକୁ ନିଜେ ନିଜେ ବରଣ କରନା । ନିଜ ଗଳରେ ନିଜେ ଛୁରୀ ଦେନା ରେ ।

ପ୍ରତାପ—ଚନ୍ଦ୍ରକର ସର୍ଦ୍ଦାର ! ଜାଣୁନାହୁଁ ଏଠା ଗୁଣକାହିଁ । ତୁମେ ଶତ୍ରୁପକ୍ଷ ଲୋକ ହୋଇ ପୁଣି ନିରସ୍ତ୍ର ଅବସ୍ଥାରେ ଆମ୍ଭସଙ୍ଗେ ସ୍ପଷ୍ଟ ପ୍ରତିବାଦ କରୁଛ ଓ ଆମ୍ଭ ରାଜ୍ୟ ବିରୁଦ୍ଧରେ ଯେଉଁ ଯୁଦ୍ଧ ଅଭିଯାନ ଚଳାଇଛ ତାହାର ଫଳ ବଧଦଣ୍ଡ ନୁହେଁକି ? ତୁମ୍ଭର ସେ ସେନାନାୟକ ମାନସିଂହ ତୁମ ସମ୍ମୁଖରେ ବନ୍ଦୀ । ତୁମେ ବନ୍ଦୀ ହେବ ନାହିଁ କି ?

ସର୍ଦ୍ଦାର—ମାନସିଂହଙ୍କୁ ବନ୍ଦୀ କରିବା କ୍ଷମତା ତୋହର ନାହିଁ ରେ । ରଙ୍ଗିଲପ୍ରତ ଯେଉଁ ଘୋର ପୈଶାଚିକ ଅତ୍ୟାଚାର କରୁଛି ତାର ପ୍ରତିକାର ମୁହୂର୍ତ୍ତିକ ମଧ୍ୟରେ ହୋଇଥାନ୍ତା । ହୁକୁମ ନହୁଁ ରେ ଏହିଲାଗେ ତୋର ବୁକୁ ଫାଡି ଦେଇଥାନ୍ତିରେ ସଇତାନ ।

ମାନ—ଆଜି ମାନସିଂହ ଶାନ୍ତି ଯୁଦ୍ଧର ପ୍ରଥମ ସୋପାନରେ ଗୋଡ ଦେଇଛି ତାର ସ୍ଥିରତା ଆସିନାହିଁ । ତାର ପାଦରେ ବଳ ଆସିନାହିଁ । ତାର ହୃଦୟ ଗଢା ହୋଇନାହିଁ ଅହିଂସା ମାଟିରେ । ଗଢା ହୋଇଥିଲା ପୂର୍ଣ୍ଣ ହିଂସା ଉପାଦାନରେ । ସହଜନୁହେଁ ଅହିଂସା, ମାନୁର ହୃଦୟକୁ ପୂର୍ଣ୍ଣ ଅଧିକାର କରିବ ଏତେ ଚଞ୍ଚଳ । ହିଂସ ନୀତ ଯେଉଁ ଦେହରେ ରକ୍ତ କଣିକା ସଙ୍ଗରେ ମିଶି ଯୁଦ୍ଧର ଉନ୍ମତ୍ତ ନାଦରେ ତାଣ୍ଡବ ନୃତ୍ୟ କରୁଥିଲ । ସେ ଆଜି ଯେ ମାନୁର ପ୍ରଶାନ୍ତମନା କଳୁଜଣା ହୃଦୟକୁ ତ୍ୟାଗକରିବ, ତାହା ସହଜ ନୁହେଁ ।

ପ୍ରତାପ ! ମୁଁ ଆଜ ଯେଉଁ ଅହିଂସା ଶାନ୍ତ ମହାବ୍ରତ ଅବ-
ଲମ୍ବନ କରିଛି ସେହି ବ୍ରତ ଯେ ମୋତେ ବାନ୍ଧିଛି ସୁଦୃଢ
ଧର୍ମ ରଜ୍ଜୁରେ । ସେଥିପାଇଁ ମାନୁ ଆଜ ଦେଖୁଛି ତାର
ମାତାର ଲାଞ୍ଛନା । ସ୍ତ୍ରୀଙ୍କୁ ପଥର କରନ୍ତି—କର୍ଣ୍ଣକୁ ବଧିର
କରନ୍ତି ମାନୁ । ମାନୁ ନୁହେଁ ଭୀରୁ ଓ କାପୁରୁଷ । ମାନୁ
ମହାବଳଶାଳୀ ବୀରଶ୍ରେଷ୍ଠ । ରାଜକନ୍ୟାକୁ ଅଧିକାର କରିବା
ମାନୁପକ୍ଷେ ଖୁବ୍ ସହଜ । ସେ ଦଣ୍ଡକେ ଭାବିଲେ ରାଜପୁର
ଧ୍ୱଂସ କରି ପାରନ୍ତା । ଦଣ୍ଡକେ ରାଜପୁରରେ ହତ୍ୟାକାଣ୍ଡ
ତାଣ୍ଡବଲୀଳା ଲଗାଇ ଦିଅନ୍ତା । କରିବ ନାହିଁ ତା ମାନୁ ।

ପ୍ରତାପ—ପ୍ରିୟ ସ୍ୱାମୀମାନେ ! ଆଉ ଉତ୍କ୍ରୋଧ ଜନ୍ମିବାର ଡେରି ନାହିଁ ।
ଶୀଘ୍ର ସର୍ଦ୍ଦାରକୁ ବନ୍ଦୀକର । ରଙ୍ଗିଳାକୁ ହିକପ୍ତକର ।

( ସର୍ଦ୍ଦାରକୁ ବନ୍ଦି କଲେ )

ରଙ୍ଗିଲା—( ଶୋକରେ ) ସୁବେଶ୍ଟ ! ତମ ରାଜ୍ୟରେ ଏହା
ଅନ୍ୟାୟ ? କେତେ କୋଟି ଲୋକଙ୍କ ଚକ୍ଷୁ-ସମ୍ମୁଖରେ ଅବଳା
ଯିକୁ ବନ୍ଦୀ କରାଯିବ । ପ୍ରତାପ ! ତୋର ମୃତ୍ୟୁ ଆଜ
କେବଳି ହେଉନାହିଁ । ଏପରି କାପୁରୁଷ ଓ ନିଷ୍ଠୁର କର୍ମରେ
ତୁମର ଗଡ ଦେଉଁ ଅଛନ୍ତି ? ମୁଁ ବାରେ ମାତ୍ର ଅନୁରୋଧ
କରୁଛି, ମୋର ସ୍ୱାମୀ-ସମ୍ମୁଖରେ ମୋ ପ୍ରତି ଏପରି ଅନ୍ୟାୟ
ବ୍ୟବହାର କରନାହିଁ । ଏଥିରେ ମୋ ମନରେ ଯେତେ
କଷ୍ଟ ଜାତହେବ ତାର ଶତଗୁଣ କଷ୍ଟ ମୋ ସ୍ୱାମୀ ହୃଦୟରେ
ଆଘାତ କରିବ । ରକ୍ଷାକରନ୍ତୁ ମୋର ଶେଷ ଅନୁରୋଧ ।

ମାନୁ—ମୁଁ ତୁମକୁ ହତ୍ୟା କରିଥାନ୍ତି, କିନ୍ତୁ ନାରୀ ହେବାରୁ କ୍ଷମା

ନେଇ ଏହି ଅପମାନ ଦେଉଛନ୍ତି, ଏଣିକିରେ ଯେମିତି ରମା ଅଣ୍ଟା ତ୍ୟାଗଙ୍କର ନିଜ ଘରକୁ ନେଇଯିବ । ତୁମେ ପ୍ରକୃତରେ ଭାବିଦେଖ, ତୁମ ସାମାନ୍ୟ ନୀଚଜାତରେ ଜନ୍ମହୋଇ ଗୋଟିଏ ରାଜକନ୍ୟା ମନରେ ଯେଉଁ ଆଶା କଷ୍ଟ ଦେଉଛ ତାହାର ଫଳରେ ତୁମର ଏହି ଦଣ୍ଡ । କୁହ ସତକରି ତୁମେ ତୁମର ପୁଅ ସହିତ ନିଜ ଦେଶକୁ ପଳାୟନ କରିବ କି ନା ? ତୁମ ପୁଅକୁ ବିବାହ କରିବା କଥା ଶୁଣି ରାଜକନ୍ୟା ଜୀବନ ତ୍ୟାଗ କରିବାକୁ ବସିଥିଲା । ପୁଣି ତୁମେ ତାଙ୍କୁ ପୁତ୍ରବଧୂ କରିବାପାଇଁ ଯେଉଁ ଜିଦ୍ ବାନ୍ଧୁଛ ତାହା ଅନ୍ୟାୟ ନୁହେଁକି ? ତାଠାରୁ ଆଉ କିଛି ଉଚିତ କଣ ଅଛି ? ତୁମଠାରୁ ଆଉ କିଏ ଅଧିକ ନିଷ୍ଠୁର ?

ମାନ— ଯେମିତି ଜିଦ୍ ଧରୁନାହିଁ ରମାକୁ ନେବାକୁ, ଜିଦ୍ ଧରୁଛି ଦେଶକୁ ଶିକ୍ଷା ଦେବାକୁ । ଦେଶଜାଣୁ ପ୍ରତିଶ୍ରୁତି ରକ୍ଷା ନ କଲେ କ୍ଷତି କଣ ହୁଏ । ମନୁଷ୍ୟ ଗୋଟିଏ ଜାତିବୋଲି ଜାଣି ନ କରି ଜାତିଭେଦ ଭାବ ପୋଷଣ କଲେ କି କ୍ଷତି ଘଟେ । ଉଚ୍ଚ ନୀଚ ଭେଦାଭେଦ ଦ୍ୱାରା ଦେଶର କି କ୍ଷତି ହୁଏ ତାହା ଦେଶକୁ ଶିକ୍ଷା ଦେବି — ଦେଶକୁ ବୁଝାଇବି ଅହିଂସା ନୀତିରେ । ମନୁଷ୍ୟ ଗୋଟିଏ ଜାତି ଏହି ଭାବ ଜାଗରିବ ସମସ୍ତଙ୍କ ମନରେ । ସେଥିପାଇଁ ମୁଁ ରମାକୁ ବଧୂ ହେବାକୁ ଜିଦ୍ ଧରିଛି ।

ରଙ୍ଗିଲା— ତୁ ରମାକୁ କଦାପି ନେଇ ପାରିବୁ ନାହିଁ ପ୍ରତାପ ! ସାବଧାନ ଥାଅ, ବାରମ୍ବାର କହୁଛି, ରମାକୁ ତ୍ୟାଗକର "

ରମାଙ୍କଠି ତୁ ନିଜେ ଜୀବନ ଦେବୁ । ମୋତେ ବିବସ୍ତ୍ର କରୁନାହୁଁ ଯେ--ତୁ ନିଜେ ତୋ ଗଳାରେ ଛୁରୀ ଦେଉଛୁ । ଦେଖ, ଏ ସବୁ ପଶୁର କାର୍ଯ୍ୟ—ଶ୍ରୀ ଲକ୍ଷ୍ମୀନାରାୟଣ ଦେଖୁ-ଛନ୍ତି । ତୁମ ବଳଠାରୁ ତାଙ୍କର ବଳ ଅଧିକ । ତୋତେ ବାରମ୍ବାର ଅନୁରୋଧ କରୁଛି ମୋତେ ଛାଡ଼ିଦେ । ରମାକୁ ମାନୁ ସହିତ ବିବାହ କରାଇଦେ । ସବୁ ଗଣ୍ଡଗୋଳ ମେଣ୍ଟି ଯିବ । କହୁଛୁ, ରମା ମାନୁକୁ ବିବାହ କରିବାକୁ ନାରାଜ । ପୁଣି ଦେଖିବୁ ସେହି ରମା ମାନୁକୁ ବିବାହ କରିବାପାଇଁ ଶତଶତବାର ଅନୁରୋଧ କରିବ । ମାନୁର ପାଦତଳେ ଯେ ପଡ଼ିବ ।

ପ୍ରତାପ—ଆଉ ଏପରି ଅସହ୍ୟ କଥା କହନା ରଙ୍ଗିଲା ! ସିପାହି ! ଶୀଘ୍ର ରଙ୍ଗିଲାକୁ ବିବସ୍ତ୍ର କର । (ସିପାହି ବେଗେ ବେଗେ ବିବସ୍ତ୍ର କରିବାରୁ )

ରଙ୍ଗିଲା—ରକ୍ଷା କର ପ୍ରଭୁ ଶ୍ରୀ ଲକ୍ଷ୍ମୀନାରାୟଣ ! ରକ୍ଷାକର ।

ମାନ—ରକ୍ଷାକର ପ୍ରଭୋ ! ଲକ୍ଷ୍ମୀନାରାୟଣ ! ଆଉ ଅପେକ୍ଷାର ବେଳନାହିଁ ।

ପ୍ରତାପ— ହଁ ଲକ୍ଷ୍ମୀନାରାୟଣ ରକ୍ଷା କରିବ, କେଉଁ ରକ୍ଷା କରୁ, ଦେଖିବା । ସିପାହି ଶୀଘ୍ର କାର୍ଯ୍ୟ ଶେଷକର ।

ନେପଥ୍ୟ—ଗୀତ   ଚେତ ଚତୁରୀ ଗୃହିଁଲ ବୃତ୍ତେ —

ଅଶ୍ରୁ ପୂର୍ଣ୍ଣ ନେତ୍ରେ   ଅଶ୍ରୁ ଧାର ଢାଳୁ
ଢାଳୁ ହୃଦେ ଦୁଃଖ ପାବକ,

ପାବକ ଜଗତେ          ପଥରହି ଆସେ
ତରଳିବ ନାହିଁ କାଳିଆ,
କାଳ କବଳେ
ବଳ ଧ୍ୱଂସ ହୁଏ ତାହାର ।
ଅୟି ରମଣୀରେ!          ଜାଣି ଶୁଣି ତୋର
ବ୍ୟାକୁଳ ହଉଛୁ ଅପାର । ୧ ।
ଶୁଣିଛୁ ଭାରତେ          ଅତି ଆରତରେ
ଡାକଦେଇଥିଲା ପାଞ୍ଚାଳୀ,
ପାଞ୍ଚାଳୀ ପତି          ଅତି ବାଳ ହୋଇ ସେ
ନେତ୍ର ଯୁଗଳେ ଅଶ୍ରୁ ଢାଳି
ଢାଳି ଦେଲେ ସେ;
ନିର୍ଭର ଦୁଃଖ ବନ୍ଧୁ ପାଦେ,
ଦ୍ରୁପଦେ ନ ଗମି          ଶୂନ୍ୟପଥେ ଭ୍ରମି
ରଖିଲେ ଶ୍ରୀହରି ବିପଦେ । ୨ ।
ଅସ୍ଥିର ନ ହୋଇ          ଧୈର୍ଯ୍ୟ ରଖ ତୁହି
ଆସିବ ଘୋର ଝଞ୍ଜାବାତ ।
ଜାତାଧୂନ ପଥେ          ଘେନାଯିବ ତୋର
ସବୁ ଦୁଃଖରାଶି ସମ୍ଭର ।
ତୋର ମୁଖରେ,
ଆନନ୍ଦ-କମଳ ଫୁଟିବ,
ଫୁଟିବ ପ୍ରଭାତ          ହୃଦେ ତାହରି
ବେଳ ଯେତେବେଳେ ଘଟିବ । ୩ ।

ପ୍ରତାପ—(ହାସ୍ୟ) ହସିବାର କଥା ନୁହେଁ । ଏ ଯେଉଁ ବାଳକଟି
କହୁଛି ଝଞ୍ଜା ବତାସ ଆସୁଛି ରଙ୍ଗିଲାର ଦୁଃଖ ବହିନେବ ।
ଆଚ୍ଛା ଦେଖିବା କିପରି ରଙ୍ଗିଲାର ଦୁଃଖ ଦୂରହେବ ।

ରାଜଚର—ଆସନ୍ତୁ ଯୁବରାଜ ! ରାଜବାଟୀରେ ଭୟଙ୍କର ଅଗ୍ନିକାଣ୍ଡ
ଉପସ୍ଥିତ । ଆଉ ରକ୍ଷା ନାହିଁ । ସବୁ ଧ୍ୱଂସ ହୋଇଯିବାକୁ
ବସିଲାଣି । (ସମସ୍ତଙ୍କର ବେଗେ ପ୍ରସ୍ଥାନ)

ନାୟିକା— ଗାନ — ପୀରଲ କୁସୁମ ବୃନ୍ତେ —

କି ବଳ ଦେଖାଉଛୁ ଦେଖାରେ ତୁହି,
ଲଲାଟରୁ ନାହାନ୍ତିକି ବଳିଷ୍ଠ କେହି ? । ୧ ।
ଅଧର୍ମ ପଥେ କେତେ ବିପଦ ମଧ୍ୟ,
ଅଧର୍ମ ବହୁଆଣି ଦିଏ ପ୍ରଳୟ । ୨ ।
ପ୍ରଳୟ ପରେ ଦୁଃଖ ନଯାଏ ଛାଡ଼ି,
ଜନ୍ମ ଜନ୍ମାନ୍ତେ ଗଲେ ଭଜେ ଦାଉଡ଼ି । ୩ ।
ଯେ ଗାତ ଖୋଳୁଅଛି ସେ ଗାତେ ସିନା—
ପଡ଼ି ମରିବୁ ତୁହି ଭଲ ଭାବୁନା । ୪ ।
ମଣିଷ ଗୋରୁ ତୁଲ୍ୟ ଧରିବ ହାତେ,
ଗଳା-ଦଉଡ଼ି ଦେଇ ଧରିଛି ଆଗେ । ୫ ।
ଯେଣିକି ଟାଣୁଛି ସେ ଯାଉଛି ତେଣେ,
ତାହାରୁ ବଡ଼ ତୁମେ ଭାବୁଛ ମନେ । ୬ ।
(ସମସ୍ତଙ୍କ ପ୍ରସ୍ଥାନ)

# ଷଷ୍ଠ ଅଙ୍କ

## — ପ୍ରଥମ ଦୃଶ୍ୟ —

ରମା ଓ ପ୍ରତାପ ପ୍ରବେଶ —

ପ୍ରତାପ—ରମା ! ତମେ ଯେ ସଦାବେଳେ ମନ ଖରାପ କରୁଛ, କାହିଁକି ?

ରମା—(ଗୁମାନ)

ପ୍ରତାପ—ଆଉ ଚିନ୍ତା କଣ ରମା ! ମନରେତ ଅଶାନ୍ତି ଥିଲାପର ଜଣା ପଡ଼ୁଛି । ଠିକଏ ହସୁନାହିଁ । ସବୁବେଳେ ମୁହଁଟାକୁ ଓଲାଇଛ । ଦିନକୁ ଦିନ ତମ ଦେହର ଶୋଭା ମଳିନ ହୋଇ ଯାଉଛି । ସାଜ ସଜ୍ଜା, ବେଶ ଭୂଷା ତ କିଛି ନାହିଁ ରାଜପୁତ୍ରର କଣ ଅଭାବ ଅଛି ଯେ ତମେ ଏତେ ମଳିନ ବେଶରେ ରହିଛ ।

ରମା—ମୋ ଜୀବନରେ ଶାନ୍ତି ସୁଖ ବୋଲି କିଛି ନାହିଁ । ମୋ ପାଇଁ ଏ ରାଜପୁରରୁ ଶ୍ରୀ ତୁଟିଗଲାଣି । ପିତା ମୋର ରାଜ୍ୟ ଛାଡ଼ି କେଉଁଠି ଚାଲି ଗଲେଣି । ଦିନକୁ ଦିନ ନାନା ପ୍ରକାର ବିପଦ ଆସି ରାଜପୁରବାସୀ ନରନାରୀଙ୍କୁ ଅସ୍ତବ୍ୟସ୍ତ କରୁଛି । ଏହାର କାରଣ କଣ ମୁଁ ବୁଝି ପାରୁନାହିଁ ।

ପ୍ରତାପ—ବିପଦ କଣ, ବିପଦ ହେଉଛି-ରାଜପୁରେ ଅଗ୍ନି ଲାଗିଯିବା ସେଥିରେତ ବେଶି କିଛି କ୍ଷତି ହୋଇନାହିଁ । ଆପେ ଆପେ ଅଗ୍ନିତାର ଲିଭି ଯାଇଛି । ଅସାବଧାନତାରୁ ଅଗ୍ନି ଲାଗି

ଯାଉଥିଲ, ତାହା କଣ ହୁଏ ନାହିଁ ?

ରମା—ମୁଁ ଠିକ୍ ବୁଝୁଛି, ଯେତେବେଳେ ମାନ୍ଙ୍କୁ କିବା ଉର୍ମିଳା ଉପରେ ତୁମେ ଅତ୍ୟାଗ୍ରହ କରୁଛ ଠିକ ସେତିକିବେଳେ କାହିଁକି କିଛି ବିପଦ ଦେଖା ଦେଉଛି। ସେହି ବିପଦଟା ଯଦି ବଡ଼ ଆକାର ହୋଇ ଉଠିବ ତେବେ ସମସ୍ତଙ୍କର ଅନିଷ୍ଟ ହେବ।

ପ୍ରତାପ—ସେ କଥାଗୁଡ଼ାକ ଭାବିବାର କିଛି କାରଣ ନାହିଁ। ତୁମ୍ଭ ମନରୁ ସବୁ ଦୁଃଖ ମୁଁ ଆଜି ଏଡ଼ାଇ ଦେବି।

ରମା—କିପରି ?

ପ୍ରତାପ—ଆଜି ରାତିରେ ମୁଁ ତୁମ୍ଭ ପୁରକୁ ଯିବି। ତୁମ୍ଭ ସଙ୍ଗରେ ମଧୁର ସମ୍ଭାଷଣରେ ସବୁ ଦୁଃଖ ଘୁଞ୍ଚାଇଦେବି।

ରମା—ଆପଣ ମୋ ପୁରକୁ ଯିବେ କିପରି ? ଲୋକେ ଜାଣିଲେ କଣ କହିବେ ? ମୋର ଭାଇ ଓ ବାପା ଜାଣିଲେ ମୋର ଜୀବନ ରଖିବେ ନା ? ଅବିବାହିତା ରାଜକନ୍ୟା ପୁରକୁ କୌଣସି ପୁରୁଷ ଯିବା ନିଷେଧ। ସେଥିପାଇଁ ରାତିସାରା ମୋ ପୁରରେ ପ୍ରହରୀମାନେ ଜାଗ୍ରତାବସ୍ଥାରେ ରହିଥାନ୍ତି। ଆପଣ ଯିବେ କିପରି ?

ପ୍ରତାପ—ତୁମର ଟିକିଏ ବୁଦ୍ଧି ନାହିଁ ରମା ! ଟିକିଏ ଚାଲାକି ଦରକାର। ତୁମେ ପ୍ରହରୀମାନଙ୍କୁ ହାତ କରିନେବ। ସେମାନଙ୍କୁ କହିବ ମୋର ବିଦ୍ୟାଗୁରୁ ଆଜି ମୋତେ ସାକ୍ଷାତ କରିବା ପାଇଁ ଆସିବେ, ତୁମ୍ଭେମାନେ ତାଙ୍କୁ ପଥ ଛାଡ଼ିଦେବ। ଏତିକି ହେଲେ ମୁଁ ବେଶ୍ ସୁବିଧାରେ ତୁମ୍ଭ ପୁରକୁ ଯାଇ ପାରିବି।

ରମା—ହଁ ତାହା ମୁଁ କରି ପାରିବି। ଆପଣଙ୍କୁ ଚିହ୍ନିବେ ନାହିଁକି ?

ମନ୍ତ୍ରୀ—ମୁଁ ଛଦ୍ମ ବେଶରେ ଯିବି । କେହି ଚିହ୍ନି ପାରିବେ ନାହିଁ । ତମେ ଯାଅ ବେଶ ଭାବରେ ସାଜ ପୋଷାକ ପିନ୍ଧି ତମ ପୁରରେ ଥିବ । ଆହୁରମଧ୍ୟ ତୁମ୍ଭ ଶଦୃଳ କଣ୍ଠଟିକୁ ଭଲଭାବେ ସଜାଇ ଦେଇଥିବ । ଥିବ ତମ ମନରେ ଗାମ୍ଭୀର୍ଯ୍ୟ, ଆନନ୍ଦର ଢେଉ ଖେଳି ଯାଉଥିବ, ତୁମ ଗଣ୍ଡ ଦେଶରେ, ଫୁଟିଉଠୁଥିବ ହାସ୍ୟ କୁସୁମ ତମ ମୁହଁରେ ।                    (ପ୍ରସ୍ଥାନ)

(ଗୋପାଳପିଲ୍ଲ ଛେନାଭାର ନେଇ ପ୍ରବେଶ)

ଯୁବରାଜ—ରେ ପିଲା କଣ ଅଣିଛ ତମେ ?

ଗୋଃ ପିଲା—ମୁଁ ଅଣିଛି ଛେନା ।

ଯୁବରାଜ—ତମେତ ଧନେ ଛେନା ନେଇ ଆସନାହିଁ । ଆଜ କାହିଁର ଆଣିଲ ?

ଗୋଃ ପିଲା—ଭୁଲି ଅଛିଲି ।

ଯୁବରାଜ—ଅଚ୍ଛା ତମ ଘର କେଉଁଠି ?

ଗୋଃ ପିଲା—ଆମ ଘର ଢେର ଦୂରରେ, ଏହି ବଣ ଭିତରେ । ମୁଁ ତ ତମ ରଜା ଉଆସ ଦେଖି ନଥିଲି କି ତମ ଉଆସ କଥା ଶୁଣି ନ ଥିଲି, ଗୋଟିଏ ସାନ୍ତାଳ ଟୋକା ଅଉ ଗୋଟିଏ ମାଇକିନିଆ ଆମଗାଁରେ ରହିଛନ୍ତି । ସେହି ତମ ରାଜପୁର କଥା କହନ୍ତି ।

ଯୁବରାଜ—ସେ ସାନ୍ତାଳ ପିଲାଟିର ନାଁ କଣ, କହି ପାରିବକି ?

ଗୋଃ ପିଲା—ସେ ପିଲାଟିର ନାଁ ମାନୁ, ତା ମା'ର ନାଁ ରଙ୍ଗିଲା ।

ଯୁବରାଜ—ଅଚ୍ଛା ତାଙ୍କୁ ମୋତେ ଦେଖାଇ ଦେଇ ପାରିବକି ?

ଗୋଃ ପିଲା—ମୁଁ ଦେଖାଇ ଦେବି କଣ ? ସେତ ନିତ ତମ ରାଜପୁରକୁ ଛଦ୍ମ ବେଶରେ ଆସୁଛନ୍ତି । ତମେ କଣ ଦେଖୁନାହିଁନା ?

ଯୁବରାଜ—ସେ କାହିଁକି ଆସନ୍ତି ?

ଗୋଃ ପିଲା—କା'ଡେ ତମ ରାଜବାଟୀରେ ଲକ୍ଷ୍ମୀନାରାୟଣ ଦେବତା ଅଛନ୍ତି । ସେ ରାତିରେ—ଯେତେବେଳେ ସମସ୍ତେ ଶୁଅନ୍ତି ସେତେବେଳେ ଆସନ୍ତି—ନାରାୟଣଙ୍କ ଦର୍ଶନ ପାଇବାପାଇଁ ପୁଣି ଦର୍ଶନ କରି ଫେରି ଯା'ନ୍ତି ।

ଯୁବରାଜ—ସେ ନାରାୟଣଙ୍କୁ କିପରି ଦର୍ଶନ କରନ୍ତି ? ନାରାୟଣଙ୍କୁ ପହୁଡ଼ ଦିଆଯାଇ ସିଂହଦ୍ୱାର ବନ୍ଦ କରାଯାଏ । ସେ ଦର୍ଶନ କରନ୍ତି କିପରି ?

ଗୋଃ ପିଲା—ମଲ, ମଲ, ତମେ ଜାଣିନାହିଁନା, ସେତ ନାରାୟଣଙ୍କର ବଡ ଭକ୍ତ, ସେ ଆସି ମନ୍ଦିର ଦ୍ୱାରରେ ପହଞ୍ଚିଲେ, ଆପେ ଆପେ କାଡେ ମନ୍ଦିରଦ୍ୱାର ଖୋଲିଯାଏ । ସେ ଦର୍ଶନ କରି ଚାଲିଯାନ୍ତି ।

ଯୁବରାଜ—ଆଚ୍ଛା, ସେ ଲୋକଙ୍କୁ ମୋତେ ଧରାଇଦେଇ ପାରିବୁକି ?

ଗୋଃ ପିଲା—ମୁଁ କଣ ଧରାଇ ଦେବି ? ତୁମ୍ଭେ ଦୁଇଜଣ ସିପାହୀ ରାସ୍ତାରେ ଜଗାଇ ଦେଉନାହିଁ ? ମନ୍ଦିର ପଛ ପଟରେ ଦୁଇଜଣ ଲୁଚିରହିବେ । ସେତ ଅଛଟେକେ ଧରା ପଡ଼ିବେ ।

ଯୁବରାଜ—ଅଚ୍ଛା, ଅଚ୍ଛା ପିଲା, ତମେ ତମ କାମରେ ଯାଅ, ମୁଁ ଚେଷ୍ଟାକରେ । (ପ୍ରସ୍ଥାନ)

ଦୁଇଜଣ ସିପାହୀ ଓ ଯୁବରାଜ ପ୍ରବେଶ —

ଯୁବରାଜ—ସିପାହିମାନେ, ତୁମ୍ଭେ ଯାଅ ରାତିରେ ନାରାୟଣମନ୍ଦିର ନିକଟରେ ଜଗିରୁହ। ଯେଉଁ ଲୋକ ଛଦ୍ମ ବେଶରେ ଆସିବ, ତୁମ୍ଭେ ତାକୁ ଯଥେଷ୍ଟ ଶାସ୍ତିଦେଇ ମୋ ନିକଟକୁ ଘେନି ଆସିବ।

ସିପାହି—ଆଜ୍ଞା ଯାଉଛୁଁ। (ପ୍ରସ୍ଥାନ)

ପ୍ରତାପ—ମୁଁ ଏହି ଛଦ୍ମ ବେଶରେ ଯାଉଛି—ରାଜକନ୍ୟା ଯୁଇକୁ। ମୋତେ ମନ୍ଦିର ପଥରେ ଯିବାକୁ ହେବ। ବର୍ତ୍ତମାନ ରାତ୍ରିର ଦ୍ୱିତୀୟ ଯାମ। ରାଜପୁରର ପ୍ରାୟ ସମସ୍ତେ ନିଦ୍ରିତ ଥିବେ। ଏଣେ ସେ ରମା ପଥଚାହିଁ ବସିଥିବ।

ସିପାହି—ଏହି ମନ୍ଦିର ପଛପଟେ ଲୁଚି ରହିବା ଭାଇ।

ଲୁଚିରହିବାପରେ ପ୍ରତାପ ଛଦ୍ମ ବେଶରେ ପ୍ରବେଶ —

ସିପାହିମାନେ ପ୍ରତାପକୁ ଧରି —

ସିପାହି—ରେ ଧୂର୍ତ୍ତ ଧରା ପଡ଼ିଲୁ। ପ୍ରତିଦିନ ଏପରି ତୁ ରାଜପୁରକୁ ଆସୁଛୁ ପିଶାଚ! ଚାଲ ଯୁବରାଜଙ୍କ ନିକଟକୁ। ତୁହି ଗୋଟାଏ ଚୋର। ତୋର ଜୀବନ ଅଳ୍ପ ହାତରେ।

(ମାଡ଼ଦେବା)

ପ୍ରତାପ—ମୁଁ ଚୋର ନୁହେଁ, ମୋତେ ଛାଡ଼ିଦିଅ।

ସିପାହି—ତୁ କଣ ବାବାଜୀ, ତୁ ରାତିରେ ଏଣେ କୁଆଡେ— ରାଜବାଟୀରେ ପ୍ରବେଶ କରୁଛୁ କାହିଁକି ? ଚୋରି କରିବାକୁ ଆସିଥିଲୁ ନା ?

ପ୍ରତାପ—ନା ନା ମୁଁ ଚୋର ନୁହେଁ। ମୋତେ ମାରନାହିଁ, ଛାଡ଼ିଦିଅ

ସିପାହି—ହଜୁର ? ଏସବୁ କଥା ରଖିଦେ । ଆଜି ନଜର ବନ୍ଦିରେ ରଖିବୁ, କାଲି ତମ କଥା ବିଚାର ହେବ ।

(ସିପାହିମାନେ ନେଇ ନଜରବନ୍ଦିରେ ରଖି ପ୍ରସ୍ଥାନ)

ପ୍ରତାପ—ମୋର ଏହି ଛଦ୍ମବେଶ ତ୍ୟାଗକରି ନିଜ ବେଶ ଧାରଣ କରେ, ଦେଖିବି ସେ ସିପାହିମାନଙ୍କ ବୁଦ୍ଧି । ଯୁବରାଜଙ୍କୁ କହି ତାଙ୍କୁ ଉଚିତ ଦଣ୍ଡ ଦେବ । ସେ ମୋତେ ଆଜି ଯେତିକି ଦଣ୍ଡ ଦେଇଛନ୍ତି, ତାର ଦ୍ୱିଗୁଣ ଦଣ୍ଡ ତାଙ୍କୁ ଦେବି

ଯୁବରାଜ—ସିପାହିମାନେ ! ଚାଲ ନଜରବନ୍ଦୀ ପରିଦର୍ଶନ କରିବା । ଏବଂ ସେ ଚୋରକୁ ଦେଖି ଆସିବା । ( ନଜରବନ୍ଦି ପାଖେ ପହଞ୍ଚି) ଏକଣ ? ପ୍ରତାପବାବୁ ! କାହିଁକି ନଜର ବନ୍ଦିରେ ?

ପ୍ରତାପ— ସିପାହିମାନେ ମୋତେ ବିନା ଦୋଷରେ ଧରି ଆଣି ନଜର ବନ୍ଦିରେ ରଖିଛନ୍ତି ।

ଯୁବରାଜ—ତୁମ୍ଭଙ୍କୁ କହିଥିଲି, ପ୍ରତାପବାବୁଙ୍କୁ ଧରି ଆଣିବା ପାଇଁ ?

ସିପାହି—ଆମ୍ଭେ ଚୋରକୁ ଧରିଥିଲୁଁ ।

ଯୁବରାଜ—ଚୋର କାହିଁ ? ପ୍ରତାପବାବୁ ବନ୍ଦିକି ଆସିଲେ କିପରି ? ତୁମ୍ଭେ ଭ୍ରମ ବଶତଃ ଯେଉଁ କାର୍ଯ୍ୟ କରିଛ—ତାହାର ଦଣ୍ଡ ପାଇବ, ବାରବର୍ଷ ବନ୍ଦୀ ।

(ସମସ୍ତଙ୍କ ପ୍ରସ୍ଥାନ)

## — ଦ୍ୱିତୀୟ ଦୃଶ୍ୟ —

### ରାଜପୁର ।

ମନ୍ତ୍ରୀ କନ୍ୟା ସୁମତି ଓ ରାଜକନ୍ୟା ରମାର ପ୍ରବେଶ —

ସୁମତି—ରାଜମାତେ ! ତମ ମନରେ ଏତେ କଷ୍ଟ କାହିଁକି ? ଯାହା ଦେଖୁଛି ତ ତୁମର ଏତେ ମନ ଦୁଃଖ କାହିଁକି ?

ରମା—ଭଉଣୀ ! କଣ କହିବି ? ମୋର ପାଇଁ ପିତା ଦେଶ ଛାଡିଲେ ଯେଣିକି ମୁହିଁ ଯିବି ବେଳକୁ ସେତେବେଳେ ଅନ୍ଧାର ଦିଶୁଛି । ମଦାଦେବେଳେ ଭୟ ଲାଗୁଛି । କଣ କହିବି ! ମୋତେ କିଛି ବୁଝି ଦିଶୁନାହିଁ । ରାଜପୁରବାସୀ ସମସ୍ତ ନରନାରୀ ଭୟରେ ତ୍ରସ୍ତ । ଯେଣିକି ଯିବା ବେଳକୁ ସେତେବେଳେ ଶୁଣା ଯାଉଛି, ରମା ଲାଗି ରାଜପୁରଟି ଧ୍ୱଂସ ହେବ ।

ସୁମତି—ତମେ ଏତେ ଭାବନାହିଁ । ତମପାଇଁ ଧ୍ୱଂସ ହେବ କାହିଁକି ରାଜପୁର ? ତମେ କଣ କଳଙ୍କୀ ? ଭୟର କାରଣ କଣ ଅଛି ?

ରମା—ସୁମ ! ମୁଁ ସବୁ କଥା ବୁଝିଛି । ସତ୍ୟ ଭାଙ୍ଗିବା ମହାପାପ । ଧର୍ମହାନି ହେଲେ ରାଜ୍ୟର ମଙ୍ଗଳ ନଥାଏ । ମୋ ପାଇଁ କେତେ ଦୁର୍ଘଟଣା ନ ଘଟିଲଣି, ପୁଣି ଯେ କଣ ଘଟିବ ତାହା କିଏ କହିବ ? ଯଦି ବର୍ଣ୍ଣଅଜାତମାନେ ମେଣ୍ଟ ବାନ୍ଧି ରାଜପୁର ଘେରାଉ କରନ୍ତି; ତେବେ କଣ ନ ଘଟିବ କୁହନି ? ସାତେ ସତେ ଯେ ଘମାଘୋଟ ଯୁଦ୍ଧ ଲାଗିଯିବ, ରକ୍ତନଦୀ ବହିଯିବ, ଅସଂଖ୍ୟ ଲୋକ ଯେ ଜୀବନ ହରାଇବେ ଏକଥା ମୋହରିପାଇଁ ନୁହେଁ ?

ସୁମତି—ଜେମାମଣି ! ତମେ ଯାହା ଭାବୁଛ ତାହା ସତ, ତାହା ହେବା ଅସମ୍ଭବ କଣ ? ମାନୁ ଲକ୍ଷ୍ମୀନାରାୟଣ ଭକ୍ତ, ସେ ଜଣେ ପ୍ରସିଦ୍ଧ ସାଧକ, ସେ ଯେଉଁ ଜିଦ୍ ବାନ୍ଧିଛନ୍ତି— ତମକୁ ନେବାକୁ ତାହା ନ ହେବାରୁ ରାଜପୁରରେ ନାନା ଦୁର୍ଘଟଣା ଘଟୁଛି । ତମେ ଦେଖି ନାହଁ କି ? ହଠାତ୍ ସାରା ରାଜପୁରଠାରେ ନିଆଁ ଲାଗିଲା । ରଙ୍ଗଲାକୁ ଜଳମଗ୍ନ କରିବେ କଣ ? ଦଣ୍ଡକରେ ସମସ୍ତଙ୍କର ବୁଦ୍ଧି ବଣା ହୋଇଗଲା ।

ରମା—ମୁଁ ଦେଖୁଛି ଯେତେବେଳେ ସେମାନଙ୍କର କୌଣସି ଅନିଷ୍ଟ କରିବାକୁ ଧୂର୍ତ୍ତନାଥ ଉଦ୍ୟତ ହେଉଛନ୍ତି, ତା ପରମୁହୂର୍ତ୍ତରେ ନିଜର ଅନିଷ୍ଟ ଘଟି ଯାଉଛି ।

ସୁମତି— ଏହି ସାରଙ୍ଗାଣି ଟୁବ୍ ଏକ ଅଦ୍ଭୁତ କାଣ୍ଡ ; କିନ୍ତୁ ମାନସିଂହଙ୍କର ବୃଥା ହେଉଛି ଅହଂସା । ତେଣୁ ହଠାତ୍ ଗଣ୍ଡଗୋଳ ଘଟୁନାହିଁ ।

ରମା—(ନୀରବ)

ସୁମତି—ତୁମେ ଉତ୍ତର ଦେଲ ନାହିଁ କି ? କଣ ଭାବୁଛ ଜେମାଦେଇ ! ?

ରମା—ମୁଁ ଭାବୁଛି ମୋ ଲାଗି ଯେ ଏ ବିପ୍ଳବ ସୃଷ୍ଟି ହେଉଛି ତେବେ ମୁଁ ଜୀବନ ତ୍ୟାଗ କଲେ, ସମସ୍ତ ଗୋଳମାଳ ମେଣ୍ଟିଯିବ ।

ସୁମତି—ସେଟା କଣ ଭଲକଥା ? ମୁଁ ଗୋଟିଏ କଥା ସ୍ଥିର କରିଛି ।

ରମା—କଣ ସ୍ଥିର କରିଛ ?

ସୁମତି—ମୁଁ ସ୍ଥିର କରିଛି ତୁମ ପରିବର୍ତ୍ତେ ମୁଁ ମାନସିଂହଙ୍କୁ ବିଭା ହେବି ।

ରମା—ସେ କଣ ମୋ ବଦଳରେ ତମକୁ ଗ୍ରହଣ କରିବେ ?

ସୁମନ୍ତ—ସେ ଜାଣିବେ କପରି ? ମୁଁ ତ ହଠାତ୍ ତାଙ୍କ ଗଳାରେ ବରମାଳାଟି ଲମ୍ବାଇ ଦେଇଛି । ମୁଁ ରାଜକନ୍ୟା ରମା ବୋଲି ପରିଚୟ ଦେବି । ସେ ଜାଣିବେ କପରି ? ବିବାହ ପରେ ଜାଣିଲେ ସୁଦ୍ଧା କିଛି କ୍ଷତି ନାହିଁ ।

ରମା—ଏହି ଉପାୟରେ ଯଦି ସବୁ ଗୋଳମାଳ ମେଣ୍ଟିଯିବ, ତେବେ ଏ କଥାରେ ଭାଇଙ୍କର ପରାମର୍ଶ ନିଅ ।

ସୁମନ୍ତ—ସାବଧାନ ଜେମାଦେଈ ! ମୋ ଭାଇ ପ୍ରତାପ ଯେପରି ଏକଥା ନ ଶୁଣନ୍ତି । ସେ ଏକଥା ଶୁଣିଲେ, କଦାପି ତାହା କରାଇ ଦେବେ ନାହିଁ ।

ରମା—ତେବେ ତମେ କିପରି ଭାବୁଛ ମାନୁକୁ ବଶ ହେବ ? ସେ ପରା ଅଦ୍ଭୁତ ଜାତି ।

ସୁମନ୍ତ—ଯାହା ହେଉ ସେ ତ ମଣିଷ, ତେବେ ଭବିଷ୍ୟତରେ କଣ ଭାଗ୍ୟରେ ଅଛି କିଏ କହିବ ? ଦୁଃଖ ସୁଖ ଭୋଗିବାଟା ଭାଗ୍ୟଫଳ ।

ରମା—ସତେ କଣ ମାନୁକୁ ବଶ କରିବାକୁ ତମର ଇଚ୍ଛା ହେଉଛି ?

ସୁମନ୍ତ—ଇଚ୍ଛା ହେଉଛି ତମରି ଲାଗି । ଏତେ ବଡ଼ ରାଜପୁରଟା ଧ୍ୱଂସ ହେବ । ତେବେ ରାଜବଂଶଟାକୁ ରକ୍ଷା କରିବା ପାଇଁ ମୁଁ ଜୀବନ ପର୍ଯ୍ୟନ୍ତ ଦେଲେ କ୍ଷତି କଣ ହେବ ? ଲୋକ ସେବାରେ, ଦେଶ ରକ୍ଷାର୍ଥେ ଦେହ ଜୀବନ ବିସର୍ଜନ କରିବା ମଣିଷର କର୍ତ୍ତବ୍ୟ । (ପ୍ରସ୍ଥାନ)

## — ତୃତୀୟ ଦୃଶ୍ୟ —

ରାଜପୁତ୍ର ପ୍ରବେଶ ପରେ ସୁମନ୍ତର ପ୍ରବେଶ

ସୁମନ୍ତ—ନମସ୍କାର ଯୁବରାଜ ! କଣ ଭାବୁଛନ୍ତି ?

ଯୁବରାଜ—ନା, ମୁଁ ତ କିଛି ଭାବୁନାହିଁ ।

ସୁମନ୍ତ—କିଛି ଭାବୁ ନାହାନ୍ତି ? ଭାବିବାର କଥା କଣ କିଛି ନାହିଁ ? ଯେଉଁ ସ୍ଥାନରେ ଅଶାନ୍ତି ନିଆଁ ରାଜପୁରକୁ ଧ୍ୱଂସ କରିବାକୁ ବସିଲାଣି—ସେପରି ସ୍ଥଳେ ଯୁବରାଜ ସମସ୍ତ ରାଜ୍ୟ କ୍ଷମତା ମୁଣ୍ଡରେ ମୁଣ୍ଡାଇ କହନ୍ତି ଯେ ଭାବୁ ନାହାନ୍ତି—ଏହାତ ବଡ଼ ଅସମ୍ଭବ ।

ଯୁବରାଜ—କଣ ଭାବିବି ସୁମନ୍ତ ! ଅତୀତ ଦୁର୍ଘଟଣାମାନ ଭାବିଲେ ବା ଆଉ କଣ ହେବ ? କାହିଁକି ଯେ ମୋ ଭାଗ୍ୟ ଚକରେ ନିର୍ଯାତନା ଦେଖିବାର ଅଛି ତାହା ମୁଁ ଜାଣି ପାରୁନାହିଁ ପିତା ନମାର ରାଜ୍ୟ ତ୍ୟାଗକରି ବନବାସୀ ହେଲେ ତାହାର କାରଣ ହୋଇଛି ମୁଁ କିବା ମୋର କାର୍ଯ୍ୟ । ତାଙ୍କର ଦୁଃଖ ସଂକଳ୍ପ ଏହାର ଦେଇଛି-ଏହି ଅଯୋଗ୍ୟ ସନ୍ତାନ ଯୁବରାଜ

ସୁମନ୍ତ—ହଁ ତୁମେ ତୁମ ପିତାଙ୍କର ସତ୍ୟ ପାଳନ କରି ନାହିଁ ।

ଯୁବରାଜ—ତାହା ବଡ଼ ଗୁରୁ ଦାୟିତ୍ୱ । ପିତାଙ୍କର ସତ୍ୟ ଭଙ୍ଗ କରିବାଠା ପୁତ୍ର ପକ୍ଷରେ କେଉଁଠି ଦୋଷାବହ—ତାହା ମୁଁ ଦେଖାଇ ଦେଉଛି । ସେଥିରୁ ମୋତେ ବଞ୍ଚିତ କରନ୍ତି ନା । ଯଦି ରମାକୁ ମୁଁ ସାରା ଜୀବନପାଇଁ ତପ୍ତ ଅନଳ କୁଣ୍ଡରେ ଦଗ୍ଧ କରିଥାନ୍ତି—ତେବେ ପିତାଙ୍କ ସତ୍ୟ ପାଳନ

କରିବା ମୋ ପକ୍ଷେ କିବ୍ ସମ୍ଭବ ହୋଇଥାନ୍ତା ।

ସୁମନ୍ତ—ରମା ଯଦି ମାନୁକୁ ବିଭା ହୁଅନ୍ତା ତେବେ ମଙ୍ଗଳ ହୋଇଥାନ୍ତା ଯୁବରାଜ ।

ଯୁବରାଜ—ତମେ କିଛି ବୁଝି ପାରିଲ ନାହିଁ ସୁମ ! ରାଜକନ୍ୟା ହୋଇ ଗୋଟିଏ ଅସ୍ପୃଶ୍ୟ ଜାତିର ଲୋକକୁ ବିଭାହେବା, କେତେ ଲଜ୍ଜନୀୟ କଥା—ତାହା କେହି କରିନାହାନ୍ତି କି କରି ପାରିବେ ନାହିଁ ।

ସୁମନ୍ତ—ତାହା କେହି କରିନାହାନ୍ତି ସତ୍ୟ, କିନ୍ତୁ ତମେ ତ ନ କଲେ ଚଳିବ ନାହିଁ । ମୁଁ ଜାଣେଛି ମାନୁ ତାର ପ୍ରତିଜ୍ଞା ବଜାୟ ରଖିବା ପାଇଁ ଖୁବ୍ ଉଦ୍ୟମ କରୁଛି । ମାନୁ ତାର ପ୍ରେମର ପ୍ରତିମା ରମାକୁ—କୁଳୁଟେ ଜଗାଇବ ଧନେ । ଏହା ମୋର ଧ୍ରୁବ ବିଶ୍ୱାସ ।

ଯୁବରାଜ—ନା, ନା, ସୁମ ! ତାହା ଅସମ୍ଭବ । ସେନ୍ୟ ଦଳରେ କୋଟି କୋଟି ସେନା ପ୍ରସ୍ତୁତ ହେଲେଣି । ଅସବର୍ଣ୍ଣ ଜାତି ବିରୁଦ୍ଧରେ ଅଭିଯାନ ଚଳାଇବେ । ପଡୋଶୀ ରାଜ୍ୟଗୋଷ୍ଠୀମାନେ ଅବଶ୍ୟ ପ୍ରତିଶ୍ରୁତି ଦେଇ ସାରିଛନ୍ତି । ଆମ୍ଭର ଏ ବିପ୍ଳବ ଦମନରେ ସହଯୋଗ କରିବେ ।

ପ୍ରତାପର ପ୍ରବେଶ —

ସୁମର ପଳାୟନ ସମୟରେ —

ପ୍ରତାପ—ସୁମ ! ସୁମ ! ସୁମ !

ସୁମନ୍ତ—କାହିଁକି ଡାକୁଛନ୍ତି କି ?

ପ୍ରତାପ—ସୁମ ! ତମେତ କିଛି ବୁଝି ନାହଁ । ସେ ସମ୍ବନ୍ଧେ ତମେ

ତମେ ସମାଲୋଚନା କରୁଛ କାହିଁକି? ରାଜଦ୍ରୋହୀର ଆନ୍ଦୋଳନ ସମ୍ବନ୍ଧେ କୌଣସି କଥା ତମ ମନରେ ସ୍ଥାନ ପାଇବା ଆବଶ୍ୟକ ନାହିଁ । ନିଅ ତମେ ତମପଥ ଅନୁସରଣ କର ।     (ଯୁବ ପ୍ରସ୍ଥାନ କଲେ)

ପ୍ରତାପ—ସୁମ ! ସୁମ !

ସୁମ—କାହିଁକି ?

ପ୍ରତାପ—ସୁମ ଚାଲିଗଲା ପରା, ଆଚ୍ଛା, ସୁମ ! ଶୁଣ ଶୁଣ ।

ସୁମ—( ଫେରି ଆସିବାରୁ )

ପ୍ରତାପ—ସୁମ ! ତୁମର ରମା ସହିତ ସାକ୍ଷାତ ହୋଇଛି ?

ସୁମ—ନା, ନା,

ପ୍ରତାପ—ତମର ସେ ଚିରସାଥୀ ପରା ?

ସୁମ—ସେତ ଆଉ କାହାରିକୁ ସାଥୀ କରନ୍ତି ନାହିଁ । ତାଙ୍କର ଚିରସାଥୀ ହେଲେଣି—ଭୟ, ଅନ୍ଧ ଚିନ୍ତା ଓ ବିଷାଦ ।

ପ୍ରତାପ—ଏଟା କଣ ଭୁଲକଥା ନୁହେଁ ? ସେଏ ଚିନ୍ତା ସବୁକୁ ମନରେ ସ୍ଥାନଦେବାର କାରଣ କିଛି ନାହିଁତ ? ସୁମ ! ରମାକୁ ବୁଝାଇ ଦିଅ—ସେ ନିଶ୍ଚିନ୍ତରହୁ, ତାର କିଛି ଅନିଷ୍ଟ ହେବନାହିଁ

ସୁମ—ଅନିଷ୍ଟ କିଛି ନାହିଁ ରମାର । ରମାର ଗୋଟିଏ ବିଷୟରେ ଘୋର ଅଶାନ୍ତି ।

ଯୁବରାଜ—ହଁ ସେଟା ଆମେ ଠିକ୍ ବୁଝି ପାରୁଛୁଁ । ବିବାହ କାର୍ଯ୍ୟତ ତାହାର ଶେଷ ହୋଇ ପାରନ୍ତାନି କିନ୍ତୁ ମନ୍ତ୍ରୀ—

ସୁମ—ନୀରବ ହେଲ କାହିଁକି ଯୁବରାଜ ! ମନ୍ତ୍ରୀ କଣ କଲେକି ?

ଯୁବରାଜ—ମନ୍ତ୍ରୀଙ୍କର ମୃତ୍ୟୁ ସକାଶେ ବିବାହ ବନ୍ଦ ରହିଛି ।

ସୁମ—ବାପାଙ୍କର ମୃତ୍ୟୁ ହୋଇଛି କିପରି ?

ପ୍ରତାପ—ମୃତ୍ୟୁ ହୋଇ ଯୁଦ୍ଧ କ୍ଷେତ୍ରରେ ।

ସୁମ—କିଏ ମାରିଛି କୁହ ଭାଇ ! ସତ୍ୟକରି କୁହ, ମିଥ୍ୟା ନ ଦିଅ । ମୁଁ ଯାଏଁ ମୋର ପିତୃହନ୍ତାକୁ ହତ୍ୟା କରେ । ଭାଇ ! ତମେ ତାର ପ୍ରତିଶୋଧ ନେଲ ନାହିଁ କାହିଁକି ? କିପରି ପିତାଙ୍କ ମୃତ୍ୟୁ ଦେଖି ଧୈର୍ଯ୍ୟ ଧରି ରହିଲ ଭାଇ !

ପ୍ରତାପ—ଏତେ ବ୍ୟାକୁଳ ହୁଅନାହିଁ ସୁମ ! ମୁଁ ତାର ପ୍ରତୀକାର କରୁଛି । ତାର ପ୍ରତିଶୋଧ ନେବାଟା କଠିନ ହୋଇ ପଡ଼ୁଛି ।

ସୁମ—କିଏ ହତ୍ୟା କରିଛି କୁହ ଭାଇ ! ଶୀଘ୍ର କୁହ, ତାହା ନ ଶୁଣିଲେ ମୁଁ ଜୀବନ ରଖିବି ନାହିଁ ଭାଇ !

ପ୍ରତାପ—ଜୀବନ ହରାଇବୁ ପାଗଳୀ, ବୃଦ୍ଧ ପିତାଙ୍କ ହନ୍ତାମଧ୍ୟେ ତୋର ସୁହୃଦ ଭାଇ ବିଦ୍ୟମାନ । ତୋର ଚିନ୍ତା କାହିଁ ସୁମ !

ସୁମ—ତୁମେ ମୋର ପିତାଙ୍କ ହନ୍ତାମଧ୍ୟେ ମୋର ଶତ୍ରୁ । କହୁନାହିଁ ମୋର ପିତୃ ମୃତ୍ୟୁ ଖବରକୁ । କେତେଦିନ ଲୁଚାଇ ରଖିବ ତମେ ପିତୃହନ୍ତା, ତମେ ରାକ୍ଷସ, ତମେ ଯେ ରାଜନନ୍ଦିନୀ ପ୍ରେମ ମଦରେ ଉନ୍ମତ୍ତ । ତାର ପ୍ରତିମା'ପରି ରମଣୀ ନବ ପଲ୍ଲବିତ ଯୌବନ ସୌରଭଟି ତୁମକୁ ମାତାଲ କରାଇଛି । ତମର ହିତାହିତ ଜ୍ଞାନ ନାହିଁ । ସାବଧାନ ହୁଅ ବାଳେ—

ପ୍ରତାପ—ସୁମ, ଏତେ ଉତ୍ତେଜିତ ହୁଅନାହିଁ ।

ସୁମ—ଏଁ, ମୁଁ ଉତ୍ତେଜିତ ?—(ପଳାୟନ କରିବା ସଙ୍ଗେ ସଙ୍ଗେ) ତମର ପିତୃହନ୍ତା ମହାରାଣୀଙ୍କୁ ଉଦ୍ଧାରିବାର ପଥ ଦେଖ—

ଅତେଭ—ତାହା ଠିକ୍‌କର ! ପରେ ଉମାକୁ ପାଇବାର ଆଶା
ମନରେ ସ୍ଥାନ ଦେବ । ମୁଁ ଯାଉଛି—

ପ୍ରତାପ—ସୁମ ! ସୁମ ! ସୁମ !

ସୁମ—ସୁମ ଆଉ ଫେରିବନାହିଁ । ଯାଉଛି ସେ ତାର—ଲକ୍ଷ୍ୟବସ୍ତୁ ଅନୁସନ୍ଧାନେ ।

ପ୍ରତାପ—ଲକ୍ଷ୍ୟବସ୍ତୁ କଣ ତୋର ସୁମ !

ସୁମ—ସେ ଖବରଟା ଜାଣିବା ତମର ଆବଶ୍ୟକ ନାହିଁ । ତମେ ଯେଉଁ ଅଶାନ୍ତି ନିଆଁ ଗୃହଆଡେ ଜାଳି ଦେଇଛ—ସେହିଁଠେ ଆଉ ଟିକିଏ ଟିକିଏ ଆହୁତି ଦିଅ-ଉମାର ପ୍ରେମ ଲାଳସା ଘୃତକୁ । ମୁଁ ଯାଉଛି ତମର ବିପରୀତ ମାର୍ଗରେ । ତମେ ଜାଳୁଛ ରାଜପୁରରେ ଅଶାନ୍ତି ନିଆଁକୁ-ମୁଁ ଯାଉଛି ତାହା ଲିଭାଇବା ପାଇଁ—ଶାନ୍ତି-ନୀର ସେଚନ କରି ।

( ପ୍ରସ୍ଥାନ )

## — ଚତୁର୍ଥ ଦୃଶ୍ୟ —

ସୁମନର ମାନସିଂହ ଆଶ୍ରମରେ ପ୍ରବେଶ —

ମାନସିଂହ—ତମେ କିଏ ନୂତନା ! ତମର ଚଞ୍ଚଳ ଗତିରେ ମୁଁ ଯେଉଁ ବାଧା ଜନ୍ମାଇଛି ବୋଧହୁଏ ତହିଁରେ ତମେ ବିରକ୍ତ ଥିବ ।

ସୁମ—ଆସିଥିଲି ତମ ନିକଟକୁ ।

ମାନ—ତାହିଁକି ? ମୋ ନିକଟରେ ତମର କାମ କଣ ? ମୋ ଦ୍ୱାରା

ତୁମର ଙ୍କ ଅଭିଷ୍ଟ ସାଧିତ ହେବ ! ତମେ ତ ରାଜବଂଶୀୟ ଅବଳାପରି ଜଣାଯାଉଛ ତମର ପରିଚୟ ଦେବକି ?

ସୁମ—ମୁଁ ରାଜକନ୍ୟା ରମା ।

ମାନ—ତମର ଆଉ ପରିଚୟ ଲୋଡ଼ା ନାହିଁ ରମା ! ଆସିଛକି ରମା ତମେ ଏ ଅଧମ ପ୍ରତି ଦୟାବହି ଅନୁନ୍ନତ ସମ୍ପ୍ରଦାୟ ପଲ୍ଲୀ ପରିଦର୍ଶନକୁ । ଏତିକିରେ ମାନୁର ଦଗ୍ଧ ଅନ୍ତରରେ ଉଠି ଦେଲ ଅପୂର୍ବ ପୁଲକ ରାଶି ।

ସୁମ—ଯାହା ଭାବୁଛନ୍ତି ।

ମାନ—ପ୍ରେମଭରା ମାଧୁର୍ଯ୍ୟମୟ ସୁଧାଂଶୁ ବଦନକୁ ତମର ଦେଖି— ଖେଳିଗଲା ଏ ହୃଦୟ କେଦାରର ସ୍ତରେ ସ୍ତରେ ଉଲ୍ଲାସର ଢେଉ । ଉଠିଲାଣି କୋଟି ଶାଖା ପ୍ରଶାଖା ପ୍ରସାରି ପ୍ରେମର ଅଙ୍କୁର । ସତ କହ ରମା ! ତମେ ଆସିଛନା ଏ ଅଭାଗା ହୃଦୟ ଶୋଭିନୀ ହେବାକୁ । ହେବନା ସହଧର୍ମିଣୀ ମାନୁର ଚାଲିବାକୁ ଅହିଂସା ନୀତିରେ— କରିବାକୁ ସମାଜ ସଂସ୍କାର

ସୁମ—ମୋର ଏହି ବରଣମାଳା ସାଦରେ ଗ୍ରହଣ କରନ୍ତୁ ।

ମାନୁ—କଣ କଲ ରମା, ଭାଙ୍ଗିଦେଲ ମୋର ସମସ୍ତ ଉଦ୍ୟମ । ଖେଳୁଥିଲା ଏ ହୃଦୟେ କେତେ କେତେ ଚିନ୍ତାରାଶି ବର୍ଷ ବର୍ଷ ଧରି— କରିବାକୁ ଅଧିକାର ରମା ପ୍ରେମ ସୁଧା । ତୋଳୁଥିଲି ମାନସରେ କଳ୍ପନା ତୁଳିରେ— କେତେ କେତେ ଅଟ୍ଟାଳିକା । ନିରାପଦେ ରଖିବାକୁ ରମା ପ୍ରାପ୍ତି ଆଶା । ଘେରିଥିଲି ଚତୁର୍ଦ୍ଦିଗେ ଭାରି ତୀକ୍ଷ୍ଣ ମୁନା ଅସ୍ତ୍ରଶସ୍ତ୍ର ଆଦି । କିନ୍ତୁ ମୁହୂର୍ତ୍ତିକେ ଭାଙ୍ଗିଦେଇଥାଏ ସେ ସବୁ ଉଦ୍ୟମ

ଉମାର ବିରାଗତା ନାରୀ ଜାତି ପ୍ରତି । ଆଜି ଦେଖୁଛି ଉମା ନିର୍ବିକାର ମହାବ୍ରତ ପାଳି, ରାଜବଂଶ ଅଟଳା ଟେକକୁ ଘୃଣ୍ୟ ବଣୁଆ ଜାତିର ପଦଦଳିତ କରାଉଛି ତଥା ନିଜର ସମସ୍ତ ରାଜକୀୟ ସୁଖ ସୌଭାଗ୍ୟ ଜଳାଞ୍ଜଳି ଦେଇ ପଲ୍ଲୀପୁର ଦୁଃଖରାଶି ମଧ୍ୟେ । ନିଜର ଜୀବନକୁ ବୁଡ଼ାଇ ରଖିଛି ପିତାର ଅତୁଟ ସତ୍ୟ ବଚନକୁ । ଅକ୍ଷୁଣ୍ଣରେ ପାଳନ କରୁଛି ତାହା—ସ୍ୱପ୍ନରେ ସୁଦ୍ଧା ଭାବିବାର କଥା ନୁହେଁ ॥ ଯେଉଁ ରାଜକୁମାରୀ ମହା ଆମୋଦ ପ୍ରମୋଦ ବିଳାସ ସ୍ରୋତେ ବିଚରଣ କରି—ନିଜର ତରୁଣାରୁଣ ଯୌବନ ଶୋଭାକୁ ବଢାଇଥିଲା — ସେ ଆଜି ତାର ଦେବଯୋଗ୍ୟ ଅତୁଳ ଯୌବନ-ଧନକୁ ତୁଚ୍ଛଜାତି ମାନଙ୍କର ପଦତଳେ ଢାଳି ଦେବ—ଏହା କାହାମନରେ ବିଶ୍ୱାସ ଥିଲା ?

ଉମା—ପିତାଙ୍କ ପ୍ରତିଶ୍ରୁତି ନ ରଖିବି କିପରି ? ମୋର ଜୀବନଠାରୁ ପିତାଙ୍କର ଆଦେଶ ବଡ଼ବୋଲି ସ୍ଥିରକରି, ମୋର ମନକୁ ଫେରାଇ ଆଣିଲି—ପିତାଙ୍କ ସତ୍ୟ ପାଳନ ପଥକୁ ।

ମାଳ—ବେଶ କହୁଛ ଉମା ! ଚାଲ ସାନ୍ତାଳ ପଲ୍ଲୀକୁ । ଦେଖିବ ସାନ୍ତାଳ ଜାତିର ନରନାରୀଙ୍କ ସ୍ମିତ ଫୁଲିଉଠିବ । ନାଚି ଉଠିବ ବନଲତା— ବନଦେବୀ ଢାଳିବ ତୁମ ପାଦରେ ପୁଷ୍ପାଞ୍ଜଳି— ଗାଇବ ଜୟଗୀତିକା କଳରବେ— ଲମ୍ବାଇ ଦେବ ତୋ ଗଳାରେ ସୌରଭ କୁସୁମ ମାଳା ପଲ୍ଲୀବାଳା ।

ଉମା—ଆମ ରାଜପୁର ଗୌରବ ପୁରପଲ୍ଲୀରେ ମିଳିବ ନାହିଁତ ?

ମାଳ—ମିଳିବ, ମିଳିବ ତାଠାରୁ ଶତଗୁଣାଧିକ, ଶାନ୍ତି ଓ ସୁଖ ।

ବନମଧ୍ୟରୁ ବହି ଆସିବ ସୁଧୀର ସୁଶୀତଳ ସମୀରଣ ସ୍ୱାସ୍ଥ୍ୟ ବାତାୟନ ପଥେ । ଉଲ୍ଲସି ଉଠିବ ପଲ୍ଲୀବାଳାର ସଙ୍କ-ବିକଶିତ ଯୌବନ ଅଙ୍ଗ, ଖେଳିନିବ ତାହାରି ବକ୍ଷରେ ଝୀନ ବସନର ଲହରୀ ଉର୍ମି । ଢାଳିବ ଅମୃତ ଧାରା ପିକ କୁହୁ ତାନେ—ଗାଇବ ଅମର ଗୀତି ଶାନ୍ତି ନାଚି ନାଚି ସେ ପଲ୍ଲୀପୁର ମଧ୍ୟେ ଜଞ୍ଜାଳରହିତ ଆକ୍ରମଣ । ଯେତେବେଳେ ପଲ୍ଲୀ ବାଳାମାନେ କଳସୀ କାଖେ ବସାଇ ଯାଉଥିବେ ଝରର ଜଳ ଆଣି ଆଉ ଆଉ ଗୀତିକଣ୍ଠେ ମିଶାଇ କଣ୍ଠକୁ ଗାଉଥିବେ ପ୍ରେମ ଗୀତ, ଦେଖିବ ସେତେବେଳେ—ହୃଦୟରେ ଜାତ ହେବ ଅପୂର୍ବ ଆନନ୍ଦ ।

ସୁମ—ଆମ ରାଜପୁର ପରି ଖାଦ୍ୟ ପ୍ରଚୁର ସୁବିଧା ଥିବ ନାହିଁ ତ ?

ମାନ—ଆମ କାନନ ଅଳୟେ ଅଛି ବହୁ ପ୍ରକାର ସୁସ୍ୱାଦୁ ଫଳମୂଳ ତାହା ଆମ୍ଭମାନଙ୍କର ଆହାରୀୟ ଦ୍ରବ୍ୟ । ତାହା ତମ ରାଜପୁରେ ମିଳିନାହିଁ ।

ସୁମ—ବ୍ୟାଧି ନିବାରଣ ପାଇଁ ସୁଚିକିତ୍ସାଳୟ ଆପଣଙ୍କ ବନଦେଶରେ ଥିବ ନାହିଁ ତ ?

ମାନ—ରୋଗତ ଥାଏ ନାହିଁ ଆମ ପଲ୍ଲୀବାସୀ ଶ୍ରମିକ ଜୀବନରେ । ଯେଉଁମାନେ ଭୋଗୁଛନ୍ତି ନିତ୍ୟପ୍ରତି ବିଶୁଦ୍ଧ ପବନ—ବ୍ୟାଧି ନିର୍ମୂଳ କାରକ, ପୁଣି ମୋର ବନଦେବୀ ପୀଠେ ବନୌ-ଷଧି ହୋଇଅଛି ଭରା । ସେପରି ସ୍ଥାନରେ ରୋଗ ହେବ କାହିଁକି ? ରୋଗର ପ୍ରତିଷେଧ ଓ ରୋଗର ପ୍ରତିକାର ତନ୍ତ୍ର ଆମ ପଲ୍ଲୀବାଳା ସମସ୍ତେ ଜାଣନ୍ତି । ସେମାନଙ୍କର ଡାକ୍ତର

କି ଅବସର ଲେଖା ନାହିଁ । ଅସ ଆମେ ଲକ୍ଷ୍ମୀପୁର ଦେଖିବାକୁ ।

(ପ୍ରସ୍ଥାନ)

(ଶବର ଶବରୁଣୀ କଥୋପକଥନ)

ଶବର—ଓ ଲୋ ଶବରୀ ! ଆରେ ଦେଖିବୁ, ଆମର ମାନୁର ବା'ଘର ଦେଖିବୁରେ ।

ଶବରୀ—ରାଜାଙ୍କୁ ଅଠାକୁ ଆଣିଲେ ?

ଶବର—ଆଣିବ ନାହିଁ, ରାଜା ସତ୍ୟ କରିଛି ଦେଖ ନାହିଁ । ତାହା ନ ହୋଇଥିଲେ ରାଜାର ଜୀବନ ଥାନ୍ତା ନାହିଁରେ ।

ଶବରୀ—ଆମର ରାଜା ରମା ଆସେଛେ ?

ଶବର—କେ ରଙ୍ଗିଲ ! ନାଚେତୋ, ରଙ୍ଗମାଠା, ସର୍ଦ୍ଦାର ଏ ଦୁଜନ ଅସି ନାହିଁ ଯେ—ଓଲୋ ଶବରୀ ଦେଖିଛୁ ସେ ଠୋକିଠାକୁ?

ଶବରୀ—ନାହିଁ ମ ଦେଖି ନାହିଁ ।

ଶବର—ବଡ଼ ମଜାର ଟୋକା, ଯେମିତି ଚନ୍ଦ୍ର ଉଦଅ । ସରଗ ଚୁନ୍ଦା ଉଦେ ହଉଛେ—ଆମ୍ଭ ମାନୁର ଘରେ ।

ଶବରୀ—ଦେଖିବା ଚଲରେ ଚଲ । ନାଚିବା, ହାଣ୍ଡିଆ ପିଇବା, ରାଜାର ବା'ଘର ଦେଖିବାରେ । (ପ୍ରସ୍ଥାନ)

(ରାଜା ସନ୍ନ୍ୟାସୀବେଶେ ପ୍ରବେଶ ତାପରେ ଶିଖିନାମକ ଋଷିପୁତ୍ରର ପ୍ରବେଶ)

ଶିଖି—ବାବା ଆପଣଙ୍କ ପ୍ରତିଜ୍ଞା ପାଳିତ ହୋଇଛି । ମାନସିଂହର ବିବାହ ହୋଇଛି ।

ରାଜା—କାହା ସହିତ ?

ଶିଖି—ମନ୍ତ୍ରୀକନ୍ୟା ସୁମତି ସହିତ ।

ରାଜା—ସେ କଣ ଇଚ୍ଛାରେ ସୁମତିକୁ ଗ୍ରହଣ କରୁଛି ?

ଶିଖି—ସେ କଣ ରମାକୁ ଚିହ୍ନିଛନ୍ତି କି ? ସୁମତି କୌଶଳକରି, ନିଜକୁ ରମା ବୋଲି ପରିଚୟ ଦେଇ ମାନୁଙ୍କୁ ବିଭା ହୋଇଛି।

ରାଜା—ସେହିତ ଆହୁରି ଅନର୍ଥର କାରଣ ହେଲା । ଏ କଥା କାହା ପରାମର୍ଶରେ ହେଲା ? ସେ ଯେ ମାନୁଙ୍କୁ ଠକାଇ ନାହାନ୍ତି, ନିଜେ ଠକୁଛନ୍ତି । ଭୟଙ୍କର ବିପ୍ଳବ ସୃଷ୍ଟି ହେବ ।

ଶିଖି—ଏଥିରେ ରାଜପୁତ୍ର କିମ୍ବା ମନ୍ତ୍ରୀ ପୁତ୍ର ଦୋଷୀ ନୁହନ୍ତି । ସେମାନେ ଏ କଥାରେ ଯଥେଷ୍ଟ ପ୍ରତିବାଦ କରିଛନ୍ତି । କିନ୍ତୁ ସୁମତି ନିଜେ ନିଜେ ଯାଇ ମାନୁ ଗଳାରେ ବରଣମାଳା ଦେଇ ମାନୁଙ୍କୁ ପୂର୍ଣ୍ଣ ଶାନ୍ତି ଦାନ କରିଛି । କରିଛି ସୁମତି ମାନୁ ମନରେ ବିରାଟ ପରିବର୍ତ୍ତନ । ଲିଭି ଯାଇଛି ମାନୁ ମନରୁ ସମସ୍ତ ଆଶଙ୍କା । ଫେରିଆସିଛି ତାର ମନକୁ ସଞ୍ଜୀଳଭୂତ ରାଜ୍ୟପ୍ରୀତି ।

ରାଜା—ଏହାଟା ତମର ଭୁଲ ଧାରଣା । ଆଜ ସିନା ମାନୁ ବୁଝି ନାହିଁ ବୋଲି ମନ୍ତ୍ରୀ କନ୍ୟାକୁ ବିଭା ହେଲା । ସେ ଯେତେବେଳେ ଜାଣିବ ମାନୁ ତମାର ଛଳନାମଧ୍ୟେ ସୁମତିକୁ ପାଇଛି, ସେ କଣ ଭାବିବ ? ତାର କ୍ରୋଧାନଳ ଶିଖା ଆହୁରି ଦ୍ୱିଗୁଣ ପ୍ରଜ୍ୱଳିତ ହେବ ।

ଶିଖି—ଆପଣ ରାଜପୁରକୁ ଚାଲନ୍ତୁ ।

ରାଜା—ସେ ବେଳ ଆସିନାହିଁ—ପୁଣି ରାଜପୁର ଅଭିମୁଖେ ଯାତ୍ରା ।

କରିବ ବୃଦ୍ଧରାଜା । ମାତୃ ଯେତେବେଳେ ହେବ ମୋର କାମନା, ସୁନାର ରାଜପୁର ଗଢାଯିବ—ଯିବ ସେତେ-ବେଳେ ଏ ବୃଦ୍ଧ, କନ୍ୟାର ବିବାହ ଉତ୍ସବ ତଥା ପୁତ୍ରର ରାଜ ଅଭିଷେକ ଦେଖିବାକୁ ।

ଶଶି—ଏହା କଣ ସତେ ହେବ ?

ରାଜା—ହେବ ନାହିଁ କିପରି ଶଶି ! ତମର ବିଶ୍ୱାସ ହେଉନାହିଁ କହୁଁ କି ଏ କଥା ?

ଶଶି—ବିଶ୍ୱାସ ହେବ କିପରି ? ରମାର ଓ ତୁଷାରର ଯେଉଁ ଅଦ୍ଭୁତ ସ୍ନେହର ଏବେ ତାହା ଯେ ଓଲଟିବ, ବଡ଼ ଅସମ୍ଭବ କଥା ।। ଯେଉଁ ରମା ମାନସିଂହ କଥା ଶୁଣିଲାକ୍ଷଣି ରାଗରେ ଜଳି ଉଠୁଛି ତାହାର ଚକ୍ଷୁରୁ ଅଗ୍ନିକଣା ଖସି ପଡୁଛି ତାହାର ମନକୁ କଣ ଫେରି ଆସିବ—ନୂଆଭାବ ନୂଆ ଅନୁରାଗ ମାନ୍‌ପ୍ରତି

ରାଜା—ଶଶି ! ତମେ ମୋହର ସ୍ନେହର ପୁତ୍ର ଓ ବିଶ୍ୱାସର ପାତ୍ର ! ତମ ପାଖରେ ନ କହି ରହି ପାରୁନାହିଁ—ସେ ଭବିଷ୍ୟତ ବାଣୀ ଗୋଟି । ମନେ ରଖିଥାଅ ଶଶି ! ଦିନେ ସେ ଦିନ ଆସିବ ।। ରମା ଅତି ଆଦରରେ ଅଯାଚିତ ଭାବେ ମାନସିଂହ ଅଙ୍କ ସିଂହାସନରେ ବସିବ ।।

ଶଶି—ବାବା, ଆପଣ ଜାଣିଲେ କିପରି ?

ରାଜା—ସେହି କଥାଟି ଖୁବ୍ ଗଭୀର ହୃଦୟରେ ସାଇତି ରଖିଥିଲି ତାକୁ ମୁଁ ମୁକ୍ତଭାବେ ପ୍ରକାଶ କରିବାକୁ କୁଣ୍ଠିତ ହେଉଛି ।

ଶଶି—ବାବା, ତମର ମୋତେ ଏତେ କପଟ ଅଛି ? ତମେ ମୋ-ପାଖରେ ସେ ଗୁପ୍ତ ଭାଷଣ ଦେଲେ ମୁଁ କଣ ଗୁପ୍ତ ଆଜି ପ୍ରକାଶ କରିଦେବି ?

ରାଜା—ନା, ନା, ଶଶୀ ! ତମେ ମୋର ଆଦରର ଧନ, ତମ ପାଖେ କପଟ କଣ ? ତେବେ କହୁଛି ଶୁଣ, ଗଙ୍ଗା ର ହ୍ରଦରୁ ଲବ୍ଧ ରମା-ଏ ଦେବଦତ୍ତ ଧନ । ଦୟାମୟୀ ଲକ୍ଷ୍ମୀନାରାୟଣ ମୋ'ର ଅନ୍ତରର ବେଦନା ଜାଣିପାରି ଧନୀ ଭାବି ସେଥରର ମୋତେ ସ୍ୱପ୍ନରେ ସମସ୍ତ ଭବିଷ୍ୟତ ଘଟଣାମାନ ଦେଖାଇ ଦେଇଗଲେ । ବର୍ତ୍ତମାନ ସେହି ରାଜପୁତ୍ରଙ୍କ ସମସ୍ତ କାର୍ଯ୍ୟର ମୂଳକ ସେ ହୋଇଛନ୍ତି । ସେ କହିଛନ୍ତି ରମା ମାନୁକୁ ବିବାହ କରିବ ନିଶ୍ଚୟ । ମାନୁ ଜଣେ ଉଚ୍ଚବଂଶୀୟ ରାଜପୁତ୍ର—ତାକୁ ତମେ ଘୃଣାଚକ୍ଷୁରେ ଦେଖନାହିଁ । ରମାର ଉପଯୁକ୍ତ ବର ମାନସିଂହ । ପ୍ରତାପ କଦାପି ରମାକୁ ଅଧିକାର କରି ପାରିବ ନାହିଁ । ଏହା ସତ୍ୟ ।

ଶଶୀ—ଏକଥା ମୋର ବିଶ୍ୱାସ ନୁହେଁ । ରମା ପ୍ରତାପର ଏକ ପ୍ରାଣ, ଏକ ହୃଦ-ଉଦ୍ଭାବନ ହେବା ଏ ଯୁଗରେ ଓ ଏ କାଳରେ ନୁହେଁ, ହୋଇପାରେ ପରଜନ୍ମେ । ସ୍ୱପ୍ନକଥା ସତ ନୁହେଁ ବାବା !

ରାଜା—ମୋର ଲକ୍ଷ୍ମୀନାରାୟଣ ସତ୍ୟ ହୋଇ ଥିଲେ ସ୍ୱପ୍ନ ନିଶ୍ଚୟ ସତ୍ୟ ହେବ ।

ଶଶୀ—ବାବା, ସେ କଥା ଆଉ ବେଶି କିଛି ଆଲୋଚନା କରିବାର ଆବଶ୍ୟକ ନାହିଁ । ଆସ ବାବା ଭୋଜନକୁ । ଖାଦ୍ୟଦ୍ରବ୍ୟ ପ୍ରସ୍ତୁତ ହୋଇ ଯାଇଛି ।

(ପ୍ରସ୍ଥାନ)

—ପଞ୍ଚମ ଦୃଶ୍ୟ—

ମାନ୍ଦୁ ଓ ସୁମ ବିବାହ ବେଦୀରେ
[ବିଶୁଆ କରନ.ସ୍ତ୍ରୀ ମାନଙ୍କର ନୃତ୍ୟଗାନ ବାଦ୍ୟବାଦନ ]

ସବର ଶବରୁଣୀ ଗୀତ :—

ନାଚ ନାଚ ଜୋରସେ ମାଦଲ ବଜାରେ ମାଦଲବଜା
ମାଦଲବଜା
ସ୍ୱରସ୍ୱାର ଦେବେ ହାମାର ଦେଶରେ ରଜା
ହାଣ୍ଡିଆ ଆମାର ଧନ ହାଣ୍ଡିଆ ଅମାର ପ୍ରାନ
ହାଣ୍ଡିଆ ପିଇ ମାତାଲ ହୋଇ ବଜା ଓ ବାଜା ରେ । ୧
ତିତାକ୍ ତିତାକ୍ ଧନ୍ଧାମ୍ ଧନ୍ଧାମ୍
ଦୁମୁତାକ୍ ଟ୍ୟମ୍ ତାକଟାମ ତାକଟାମ୍
ଧିଧାମଟ୍ୟାମ ଦୁମୁତାକଟାମ ଦୁମୁତାକଟାମ ତାକଟାମ
ତାକଟାମ୍ ଧିଧାମଟାମ୍ ।
ନାଚ ନାଚ ହାତପରେ, ମୋହନ ସୁଖ ପ୍ରାଣ ଭରେ •
ହାଣ୍ଡିଆ ପିଇ ମାତାଲ ହୋଇ ବାଜାଓ ବାଜାରେ । ୨
ହନୁ ମୋର ଲଙ୍କାକୁ ଗଲା
ଅଶୋକଗଛ ମୂଳରେ ସୀତାଠାବ କଲା, ସୀତାଠାବକଲା,
ହନୁ ରାମନାମ ଜପିଲା ଲୋ,ସୀତାଠାବକଲା,ସୀତାଠାବକଲା
ନାଚ ନାଚ ହାତପରେ ମୋହନ ସୁଖ ପ୍ରାଣଭରେ ।
ହାଣ୍ଡିଆ ପିଇ ମାତାଲ ହୋଇ ବାଜାଓ ବାଜାରେ । ୩

( ରାଜା ରାଣୀଙ୍କ ଗଳାରେ ଫୁଲହାରଦେଇ
ଓ ନମସ୍କାର କରି ପ୍ରସ୍ଥାନ )

—ଇତି—

କୁଟିଳା—(ସ୍ୱଗତ) ମଲ୍, ମଲ୍, ଏ ସଂସାରରେ କଅଣ କେହି ଲୋକ ନାହାନ୍ତି ? ରାଜପୁରଟାକୁ ଶିରୀ ଛୁଟିଗଲା, ମନ୍ତ୍ରୀ ମଲେ, ରାଜା ବନବାସୀ ହେଲେ, ମନ୍ତ୍ରୀଙ୍କ ଘର ନସତ କେଉଁଣେ ପଳାଇ ଯାଉଛି । ସବୁ ଯାଇ ଯଦି ରମା ସୁନ୍ଦରୀ ଓ ପ୍ରତାପ ବାବୁ ଥିବେ, ତେବେତ ସବୁଅଛି । ମା'ଲୋ ମା, ଟୋକା ଟୋକି ଦୁଇଜଣଙ୍କର ଏମିତି ମନ ମେଳ ଯାଉଛି ଯେ କେହି କାହାକୁ ଦଣ୍ଡେ ଛାଡୁ ନାହାନ୍ତି—ଯେମିତି କ୍ଷୀର ସଙ୍ଗେ ନୀର ।

ନିର—ଧାଇମା' ଧାଇମା' ! ତୋତେ କଣ କାଲି ଢୋଟିଲାଣି ! ତୋର ସେ କଥାରେ ଯାଏ ଆସେ କଣ ? ତୁ ଯେ ଅଛଟେକେ ମରବୁ ।

କୁଟିଳା—ମୋର ମରବାକୁ ଆଉ କେତେଦନ ଅଛି କି ? କିଏ ମାରବ ମୋତେ ?

ନିର—କିଏ ମାରିବ, ପ୍ରତାପ ଯେଉଁ ନମ୍ବର ଜସତ ଅଜ୍ଞାନ 'ହୋଇଛ ସେ ଯଦ ଶୁଣେ ଏକଥା, ତେବେ ସାଥେ ସାଥେ ତୋର ପ୍ରାଣ ଗଲା ।

କୁଟିଳା—ହଉ, ଦେଖିବ, ସେ ରାଜା ଝିଅଟା ଲାଗି ରାଜପୁର ଗଲା ପାତାଳକୁ ; ରମା ଲାଗି ଯଦି ଏତେକାଣ୍ଡ, ତେବେ ରମାକୁ ବାହାହେବାଲାଗି ଏତେ ଜିଦ୍ କାହିଁକି ? ମୁଁ ପରା ତାହାର ଲାଗି ବିଦର୍ଭ ରାଜକନ୍ୟା ବୈଦେହୀକୁ ଯୋଗାଡ଼ କରୁଥିଲି ବୈଦେହୀଠାରୁ ରମା କେଉଁ ଗୁଣରେ ଅଧିକ—ରୂପରେ ନା ଗୁଣରେ ?

ନର—ପଞ୍ଚାନନ ଯହିଁରେ ରହେ, ତାହାପାଖ ଆଉ କେହି ନ ଡରେ।

କୁଟିଳା—ଅଚ୍ଛା, ନର ! ତୁ ଅଛୁ ମୁଁ ଅଛି । ଦେଖିବା ସେ କପରି ରମାକୁ ବଶ୍ୟ ହେବ ।

ନର—ତୁ କଣ କରି ପାରିବୁ ? ତୋ ହାତରେ କି କ୍ଷମତା ଅଛି ? ତୁ କଣ ତାଙ୍କ ଶଭୂପର ବନ୍ଧ କରିଦେବୁ ନା, ତାଙ୍କ କଥାବାର୍ତ୍ତା ବନ୍ଧ କରିଦେବୁ ।

କୁଟିଳା—ହଁ ସେ କ୍ଷମତା ବୁଢ଼ୀର ଅଛି । ଦେଖିବୁ ମୁଁ ଆଜି ପଣକରି ଆସିଛି - ଏମିତ କୌଶଳ କରିବି ଯେ ତା ମୁହଁ ଏଣିକି ସ୍ୱାମୀହିଁ ଦେଖିବ । ଦେଖିବୁ ସେହି ରମା ପ୍ରତାପ କଥା ଶୁଣିଲେ ଛିଅଁ ମାରିବ ।

ନର—ବୋଧହୁଏ ଧାଈମା ! ତୁ କେତେ ଗୁଣି ଠୁଣି ଜାଣୁ । ବୁଢ଼ୀ ତ ହେଲଣି ଏତେ ଗୁଣ କେଉଁଠି ଲୁଚାଇ ରଖିଥିଲୁ । ସେତକ ଯଦି ଆଗରୁ କରିଥାନ୍ତୁ ତେବେ ଏତେକାଣ୍ଡ କାହିଁକି ହୋଇଥାନ୍ତା ।

କୁଟିଳା—ମୁଁ ଯେତେବେଳେ ଦେଖିଲି, ରାଜପୁରଟା କ୍ରମେ କ୍ରମେ ଧ୍ୱଂସ ହେବାକୁ ବସିଛି । ତାହା ନ କଲେ ଚଳିବ ନାହିଁ । ରାଜପୁର ରକ୍ଷା ହେବ କିପରି ?

ନର—ଅଚ୍ଛା, ଯାଅ ଧାଈମାଆ ! ଏ କାମଟି କରନା । କିନ୍ତୁ ଟିକିଏ ସାବଧାନରେ ଥିବୁ । ଯେପରି ଏକଥା ପ୍ରତାପ କାନକୁ ନ ଯାଏ । ଏକଥା ଯଦି ପ୍ରତାପ କାନକୁ ଯାଏ ତାହାହେଲେ ତୋର ରକ୍ଷା ନାହିଁ ।

କୁଟିଳା—ଆରେ ନର ! ଏତେ ଭୟ କଲେ କି ଚଳିବ, ମଣିଷଜନ୍ମ

ହୋଇଛନ୍ତି ଧନେ ହେଲେ ମରିବା । ମୁଁ ନାଉଛି ଏ କଠିଣ କାମଟି କରେ । ଏ କାମଟି କରି ପାରିଲେ ତୋର ମୋର କଥାବାର୍ତ୍ତା ।'                                                    (ପ୍ରସ୍ଥାନ)

ରମାର ପ୍ରବେଶ—ଗୀତ

ଦେଖାଦଅ, ଦେଖାଦଅ ଅହେ ପ୍ରାଣ ରମଣ
ପଡ଼ିଛି ସଂକଟେ ରଖ କରୁଣା ନିଦାନ ।
ଶୁଣିଛି ହେ ବିଶ୍ୱମ୍ଭର, ତୁମ୍ଭେ ଦୁଃଖୀ ଦୁଃଖହର
ଡାକୁଛି ଆକୁଳେ ରଖ କରୁଣା ନିଦାନ । ୧ ।
ଅନାଥୀ ଆତୁର ଜାଣି, ଦେଖାଦଅ ଚିନ୍ତାମଣି
ଦଅ ଶାନ୍ତି ଦଅ ପ୍ରୀତି ଶାନ୍ତ ନିକେତନ । ୨ ।

ପ୍ରତାପ—ରମା ! ତମ ମନରେ କଣ ପରିବର୍ତ୍ତନ ଆସିନାହିଁ । ମୁଁ ଦେଖୁଛି ସଦାବେଳେ କଣ ଗୁଡ଼ାଏ ଭାବୁଛ ।

ରମା—ଭାବୁଛି, ତମର କଥା, ତମେ ଯେ ଅନାଥିନୀ ହୃଦୟର ଅଧିକାରୀ ହେବ—ସେଥିରେ ଯେଉଁ ଭୟଙ୍କର ବିପଦ ଘେରି ରହିଛି—ସେହି ମୋର ଚିନ୍ତାର ବିଷୟ । କେଉଁଦିନ ସେ ବେଳ ଆସିବ ନାଥପଦେ ଏ ଅଧୀନା ତୁମ୍ଭର ପଦ ସେବିକା ହେବ । ତାହା ମୁଁ ଭାବିପାରୁ ନାହିଁ ।

ପ୍ରତାପ—ପଦ ସେବିକା ହେବାକୁ ଆଉ ବିଳମ୍ବ କଣ ? ଆମ୍ଭ ଏ କାର୍ଯ୍ୟରେ ପ୍ରତିବନ୍ଧକ ଥିଲା ମାନୁ । ମାନୁତ ବର୍ତ୍ତମାନ ତାହାର ଦେଶକୁ ପଳାୟନ କରିଛି । ଦେଖିଲ ତାର ଯେତେବେଳେ ସବୁ ଚେଷ୍ଟା ପଣ୍ଡ ହେଲା ସେ ଅପେ ଆପେ

ତାହା ଦେଶକୁ ପଳାୟନ କଲା । ଆଉତ ଲେଶମାତ୍ର ଭୟର କାରଣ ନାହିଁ । (ରଙ୍ଗିଲା ଧାଇଁ ଆସି)

ରଙ୍ଗିଲା—ଅଛି, ଅଛି ତୁମ୍ଭର ପ୍ରତିବନ୍ଧକ ରଙ୍ଗିଲା । ସାବଧାନ ପ୍ରତାପ ରମା ତୋହର ନୁହେଁ ।

ପ୍ରତାପ—ଚୁପ୍ କର ରଙ୍ଗିଲା, ରମା ମୋହର ନୁହେଁ ଆଉ କାହାର ? ପଚାର ରମାକୁ ସେ କାହାକୁ ତାର ହୃଦୟ ଅର୍ପଣ କରିଛି । କିଏ ତାର ମାନସ ବନ୍ଧୁ ।

ରଙ୍ଗିଲା—କୁହ ରମା, ତମେ ତମର ସ୍ୱାମୀରୂପେ କାହାକୁ ବରଣ କରିଛ ?

ରମା—ଭବିଷ୍ୟତ କଥା ମୁଁ କଣ କହିବି ? କିନ୍ତୁ ମନରେ ସ୍ଥାନ ପାଇଛି ପ୍ରତାପ ହେବ ଏ ପିଣ୍ଡରେ ଅଧିକାରୀ । କିନ୍ତୁ ତାହା ସମ୍ଭବ ନାହିଁ କାର୍ଯ୍ୟରେ ତ । ତହିଁର ଦେଉଛି ବାଧା— ପିତାଙ୍କର ସତ୍ୟ ପାଳନଟି । ତୁମେପୁଣି ବାନ୍ଧିଅଛ ଜିଦ୍ ରମାକୁ କରିବ ତୁମେ ପୁଣି ବନ୍ଦୀ । ତହିଁରେ ମୁଁ ନୁହେଁ ଏକମତ । କିନ୍ତୁ ଶେଷକଥା ମୋର—ଯେଉଁ ଦିନ ମାନୁ ସଙ୍ଗେ ହେବ ମୋ ବିବାହ—ସେହିଦିନ ନିଶ୍ଚେ ମୁହିଁ ତେଜିବି ଜୀବନ ।

ସର୍ଦ୍ଦାର—ରାଣୀମା' ! ଆପଣ କଣ ରମା ସହିତ କଥାବାର୍ତ୍ତା କରୁଛନ୍ତି ? ଆସନ୍ତୁ ଆମ୍ଭ ଦେଶକୁ ଯିବା । ତେଣେ ଯେ ମାନୁ ବିଭା ହୋଇ ସାରିଛି ।

ରଙ୍ଗିଲା—ମାନୁ କାହାକୁ ବିଭା ହୋଇଛି ?

ସର୍ଦ୍ଦାର—ମାନୁ ବିଭା ହୋଇଛି—ରାଜକନ୍ୟା ରମାକୁ ।

ରଙ୍ଗିଲ—କେଉଁ ରମା ?

ସର୍ଦ୍ଦାର—ଯେଉଁ ରମା ପାଇଁ ସେ ରାଜପୁରକୁ ଆସିଥିଲେ ।

ରଙ୍ଗିଲ - ବଡ ଆଶ୍ଚର୍ଯ୍ୟ କଥା; ରାଜକନ୍ୟା ରମା ଘର ଏଠି । ତେବେ ଚାଲ, ଦେଖିବା ସେ କେଉଁ ରମାକୁ ବନ୍ଦୀ କରାଇଛି ।

(ବେଗରେ ପ୍ରସ୍ଥାନ)

ପ୍ରତାପ—ଦେଖିଲ ରମା ! ମାନ୍ଧର ଆଶା ଏବେ ପରିତ୍ୟ ଗଳାଣି । ସେ ଗୋଟିଏ କୁତ୍ସିତ ରାଜକନ୍ୟା ରମାକୁ ବନ୍ଦୀ କରିଲାଣି । ଏବେ ନିଶ୍ଚିନ୍ତ ହୁଅ । ରମା ଆଜି ଜାଣିଲି—ତୁମ୍ଭର ଅନ୍ତରର ଭାବ ତୁମ୍ଭେ ରାଜକନ୍ୟା ହୋଇ ସାମାନ୍ୟ ମନ୍ତ୍ରୀପୁତ୍ରକୁ ଦେଉଛ ଜୀବନ ଅର୍ପଣ କରିଛ । କୁଡ଼ି ଅଟଳ ପ୍ରତିଜ୍ଞା କରିଛି— ପ୍ରତାପର ଚିର ସଙ୍ଗିନୀ ହେବ ବୋଲି । ଧନ୍ୟ ହେଲି ରମା ଦେଖି ତୁମ୍ଭ ଅତୁଟ ଆଦର । ପ୍ରେମ ସୁଧା ବର୍ଷା ଏ ତପ୍ତ ଅନ୍ତରେ । ମୁଁ ମଧ୍ୟ କରିଥିଲି ପଣ କହୁଛି ପିଠାଇ ତାହା । ରମା ବିନା ଆନେ ନ ଗୃହିବି, ନ ହୋଇଲେ ହେଉ ମୋତେ ରାଜକନ୍ୟା ରମା—ହାରିବି ଜୀବନ ।

ରମା—ବହୁଦିନ ଗଲା ବନ୍ଧୁ, ଆଜି ଶୁଣି ମାନ୍ଧ ହେଉ କଥା । ହୋଇଲା ଆନନ୍ଦ- ଭରା ମୋ ତପ୍ତ ଅନ୍ତର । ଖେଳିଯାଏ ନୂଆ ନୂଆ ଭାବ ପ୍ରଣୟ ଉଚ୍ଛ୍ୱାସେ । ଅଶାନ୍ତି-ଅନଳ ନିଭିଯିବ ସତେ— ଭାବି ନ ଥିଲି ମୁଁ ସ୍ୱପ୍ନେ । ଥିଲା ଭୟ, ଭାଙ୍ଗିଦେବ ସତେ- ବିଧି ତୁମ୍ଭର ମୋହର ଏ ପ୍ରେମ ବନ୍ଧନକୁ । ଆଜି ଉଭାଙ୍ଗ ଗଲାଣି ସବୁ ବିପଦର ଡେଉ ଶାନ୍ତି ଆସି ଜାଗିଲାଣି ହୃଦେ ।

ସ୍ଥାନେ ସ୍ଥାନେ ଅଙ୍କୁରିବ ପ୍ରଣୟ ଉତ୍ସବର ବିଚାର ଚିନ୍ତା—ବାଜିଯିବ ଘାଟେ ଘାଟେ ଉତ୍ସବ ବାଜଣା, ନାଚିବ ବେଣୀ ଢେଉ ।। ତୁମ୍ଭେ ପ୍ରଭୁ ଯାଅ ରାଜପୁରେ ତାଙ୍କୁ ଜଣାଇ ଦିଅ—ଏସବୁ ବୃତ୍ତାନ୍ତ ପିତାଙ୍କୁ ଆଣିଣ ବନ୍ଧୁ କାଲି ଆଜି ପ୍ରଣୟ ଦିବସ ସ୍ଥିର ।

କୁଟିଳା—ପ୍ରତାପ ! ଶୁଣ ଶୁଣ, ଗୋଟାଏ ଗୁପ୍ତ ରହସ୍ୟ ।

ପ୍ରତାପ—କଣ ଧାଇମା' ।

କୁଟିଳା—କଣ ସେଇଠି କହିବି ? ମୋ ପାଖକୁ ଆ,

ପ୍ରତାପ—(ପାଖକୁ ଯାଇ) କଅଣ କହୁନାହଁ ।

କୁଟିଳା—ଆସ

ପ୍ରତାପ—ରମା ଯେ ମନକଷ୍ଟ କରିବ । କଣ କୁହ ?

କୁଟିଳା—କି ! ଏତେ ମନକଷ୍ଟ କାହିଁକି ?

ପ୍ରତାପ—କାରଣ କଣ ? ଘଟଣା କଣ ହୋଇଛି ।

(ପ୍ରତାପ କାନପାଖରେ ଧାଇମା ମୁହଁ ଲଗାଇ କିଛି ନ କହି ଟିକିବିଲ କହିବା ବାହାନା କରି ପ୍ରସ୍ଥାନ)

ପ୍ରତାପ—କି ଆଶ୍ଚର୍ଯ୍ୟ । କିଛି ନ କହି ପଳାଇଗଲ କାହିଁକି ?
ଧାଇମା' ! ଧାଇମା' ! ଧାଇମା' ! (ଡାକିବା)

ରମା—ଧାଇମା' କଣ କହୁଥିଲେ କି ?

ପ୍ରତାପ—ନା କିଛି ନା ।

ରମା—ବଡ଼ ଆଶ୍ଚର୍ଯ୍ୟ ! ମୁଁ ଚାହିଁଛି— ତୁମକୁ ସେ କଣ ଲୁଚାଇ କହୁଥିଲେ । ତୁମ୍ଭେ ଲୁଚାଉଛ ?

ପ୍ରତାପ— ନା, ରମା ତୁମ ପାଖରେ ମୋର କଣ କପଟ ଅଛି । ଯାଇମା, ମୋତେ କିଛି କହି ନାହାନ୍ତି ।

ରମା— କପଟ ନାହିଁ । ମୁଁ ବୁଝିପାରୁଛି, ମୋ ବିରୁଦ୍ଧରେ କିଛି କଥା ଘଟୁଥିବ । ମୋଠାରେ ଲୁଚାଉଲେ କଣ ମୁଁ ବୁଝି ପାରୁନାହିଁ ; ଯାଅ ଯାଅ ତୁମେ, ଏଠାରୁ ଯାଅ ।

ପ୍ରତାପ— ବଡ଼ ଅଶ୍ଚର୍ଯ୍ୟ ରମା, ତମେ ଏପରି ଅବୁଝା ହେଲେ ଚଳିବ ? ମୁଁ ନିଶ୍ଚୟ କରି କହୁଛି । ଯାଇମା, ମୋ ପାଖରେ କିଛି କହିନାହିଁ ।

ରମା— ଚୁପ୍ କର, ମୋତେ କିଛି କୁହନାହିଁ ।

[ରମାର ପଳାୟନ]

ପ୍ରତାପ— ରମା ! ରମା ! ଏତେ ରାଗିଲେ ଚଳିବ ? ଆସ, ଆସ ।

ରମା— ସତ୍ୟକରି କୁହ ମୋର ନିଶ୍ଚୟ ରହିଲା । ଯାଇମା ତୁମକୁ କଣ କହିଛି ।

ପ୍ରତାପ— ମୁଁ ସତ୍ୟକରି କହୁଛି— ଯାଇମା ମୋତେ କିଛି କହିନାହିଁ ।

ରମା— ଚୁପ୍ କର ଲମ୍ପଟ । ଅଚ୍ଛା ଅଚ୍ଛା ମୁଁ ଯଦି ରାଜକନ୍ୟା ହୋଇଥିବି, ତୋର ଏ କପଟତାର ପ୍ରତିଶୋଧ ନେବି । ତୁ ମୋତେ ମିଠାକଥାରେ ଭୁଲାଇ ମୋର ଘୋର ଅନିଷ୍ଟ କରିବାକୁ ହୃଦୟରେ ପୋଷଣ କରିଛୁ । ମୁଁ ଆଜି ଠିକ୍ ବୁଝି ପାରିଲି । ତୁ ରାଜପୁରର ଯେଉଁ ଭୀଷଣ ଷଡ଼ କରିଛୁ ତାର ପ୍ରତିଶୋଧ ନ ନେବାଯାଏ ରମା ସ୍ଥିର ହୋଇ ରହି ପାରୁନାହିଁ । ଆଜଠାରୁ ରମା ତୋର ଚିର ଶତ୍ରୁ ବୋଲି ଜାଣିରଖ ।

ପ୍ରତାପ—ଅଚ୍ଛା, ରମା ! ମୁଁ ତୁମର କି ଅନିଷ୍ଟ କରୁଛି ?

ରମା—ଅନିଷ୍ଟ କରି ନାହଁ ? ଅନିଷ୍ଟ କରିବାକୁ ବେଶୀ ଦୂରନାହିଁ ଧାଇମାର କଥା ମୁଁ ଠିକ୍ ବୁଝି ପାରିଛି । ସେ ତୋତେ କେତେ ପ୍ରଲୋଭନ ଦେଖାଇ ଭୁଲାଉଛି, ତାହା ମୁଁ ଠିକ୍ ଜାଣେ ତୁ ସେହି କଥାରେ ଭୁଲି ମୋ ଠାରେ କପଟ ବୃତ୍ତି କରୁଛୁ । ଜାଣିରଖ୍ ପ୍ରତାପ, ମୁଁ ତୋପାଇଁ କେତେବଡ଼ କାର୍ଯ୍ୟ ନ କରିଛି । ମୁଁ ରାଜକନ୍ୟା ହୋଇ ତୋର ପାଦତଳେ ମନ ଜୀବନ ଢାଳି ଦେଇଛି । ପିତାଙ୍କର ବାତ୍ସଲ୍ୟ ପ୍ରେମକୁ ମୁଁ ଜଳାଞ୍ଜଳି ଦେଇ ତାଙ୍କର ସତ୍ୟ ଭଙ୍ଗ କରିଛି । ତୁ ଧାଇମା' ବୁଦ୍ଧିରେ ମୋ ଗଳାରେ ଛୁରୀ ଦେବାପାଇଁ ଗୁପ୍ତ ପରାମର୍ଶ କରୁଛୁ ।

ପ୍ରତାପ—ଯାହା ଭାବୁଛୁ ଭାବ ରମା, ମୁଁ ତୋର କିଛି ଅନିଷ୍ଟ ଇଚ୍ଛା କରିନାହିଁ । କୁହନି ରମା; ଧାଇମା' ସଙ୍ଗରେ ମୋର କି ପରାମର୍ଶ ତୁମେ ଅନୁମାନ କରୁଛ ?

ରମା—କାହିଁକି, ଶୁଣିବାକୁ ବାକି ଅଛି ? ଅତପୂର୍ବେ ଶୁଣିଥିଲି ସେ କଥା ଗୋଟି କିନ୍ତୁ ତାହା ବିଶ୍ୱାସ କରୁନ ଥିଲି । ଆଜି ଧରାପଡ଼ିଗଲା ସେ ଗୁପ୍ତ ରହସ୍ୟଟି, ବିଦର୍ଭ ରାଜକନ୍ୟା ହେବ ତୁମ ପ୍ରଣୟିନୀ । ତାହା ସବୁ ଧାଇମା' ଯୋଗାଡ଼ କରୁଛି, ସେହି ସମ୍ବନ୍ଧରେ କଥା ପଡ଼ିଥିଲା । ଧାଇମା ସଙ୍ଗରେ । ସେ କଥା ମୋ ପାଖେ ପିଟାଇ କହିଲେ—ମୁଁ ହେବି ଅଗ୍ନିମୁ 'ତୁମର । ମୋତେ ହତ୍ୟାକରିବା କଥା ହେଉ କିମ୍ବା ବର୍ଜନ କରିବା କଥା ହେଉ—ଧାଇମା'ର ମନ୍ତ୍ରଣା ଏତିକି । (ପଳାୟନ)

ପ୍ରତାପ—ରମା ! ରମା ! ରମା !

କଣ କରିବ, ଅକାଳ କୁଳିଶ ପତିତ ହେଲା । ବୃଥାରେ ରମାର ଯେ ଏ ଅବିଶ୍ୱାସ ଏଥିରୁ ଉଦ୍ଧରିବାର କୌଣସି ଉପାୟ ନାହିଁ । ଆଉ ବି ପ୍ରୀତି ଭଜନ ହେବାର ବିଶ୍ୱାସ ନାହିଁ । ହାୟ ! ବିଧାତା ! ଯେଉଁ ରମାଲାଗି ମୁଁ ରାଜପୁରରେ ମହା ବିଭତ୍ସ କାଣ୍ଡ ସୃଷ୍ଟି କରିଛି । ସ୍ୱହସ୍ତେ ନିଜ ପିତାଙ୍କୁ ହତ୍ୟା କରିଛି । ନିଜର ଭଉଣୀକୁ ବିସର୍ଜନ କରିଛି । ରାଜପୁରବାସୀଙ୍କ ମନରେ ଘୋର ଅଶାନ୍ତି ଜନ୍ମାଇଛି— ସେହି ରମା ମୋତେ ଆଜି ଅନ୍ତର କରୁଛି । ହାୟ ! କିପରି ମୁଁ ଛାଡ଼ି ରହିବି ସେ ଦୁର୍ଲ୍ଲଭ ଧନକୁ । ଭାବିଛି,— ଦୁଇଗୋଟି ପଥ ଦିଶୁଛି ଆଗରେ— ଗୋଟିଏ ହେଉଛି ନିଜର ଆତ୍ମହତ୍ୟା, ଅନ୍ୟଟି ହେଉଛି ରମାର ହତ୍ୟା । ତେବେ କେଉଁ ପଥେ ଯିବି କିଛି ସ୍ଥିରକରି ପାରୁନାହିଁ ।

ନେପଥ୍ୟ ଗାନ— (କେତେଦିନକୁରେ ମନ—ବୃତ୍ତେ)

ବାୟୁ ଶୁଖିଗଲା କିରେ ତୋର ଆଶାଝରଣା,
ଭାଙ୍ଗିଗଲା ତୋର କିରେ ଦମ୍ଭ ପ୍ରେରଣା ।
ଦୁଃଖ ବତାସ ବହିଲା, ଅଚଳ ଗିରି ଟଳିଲା,
ସାଗର ହୋଇଲା ତୋର ଭାଗ୍ୟ ଅଲଣା । ୧ ।
ମାତିଗଲୁ ଯେତେ କାଣ୍ଡେ ଉଲଟିବ ତୋରମୁଣ୍ଡେ,
ଗଲେ ଦଉଡ଼ା ଲଗାଇ ହୋଇବୁ ଝୁଲା । ୨ ।

ଯା'ଗଣ୍ଡେ ଦେବୁ ଚୁମ୍ବନ, କରଥିଲୁ ବଡପଣ,
ସେ ପୁଣି ସର୍ପିଣୀ ହୋଇ ଟେକିଲା ଫଣା ।୩।
ଚେତଜଣି କୁ ବୃଥା ଆଜ, ସାଧୁଙ୍କ ମନ୍ତ୍ରକୁ ଭଜ
ତରିଯିବୁ ଭବଜାଲୁଁ ନ ହେବୁ ବଣା ।୪।

## ସପ୍ତମ ଅଙ୍କ

### — ପ୍ରଥମ ଦୃଶ୍ୟ —

( ରମା ବିରହେ ପ୍ରତାପର ଅନୁଚିନ୍ତା )

ପ୍ରତାପ— ଯେଉଁ ରମା ମୋତେ ଦଣ୍ଡେ ନ ଦେଖିଲେ ସଂସାରଟାକୁ ଶୂନ୍ୟପ୍ରାୟ ମନେ କରୁଥିଲା ସେହି ରମା ଆଜି ମୋର ଶତ୍ରୁ ହୋଇ ଠିଆ ହୋଇଛି । ଯେତେବେଳେ ରମା ମୋତେ ନାନା କଟୁଭାଷାରେ ଧିକ୍କାରିଲା, ସେତେବେଳେ ଚାହିଁ ଦେଲି ମୁଁ ରମାର ମୁଖ ମଣ୍ଡଳକୁ । ଦେଖିଲି ତାର ହାସ୍ୟ ଭରା ବଦନଟି ରାଗରେ ଜଳି ଉଠୁଛି, ଚକ୍ଷୁରୁ ଅଗ୍ନି କଣା ଖସି ପଡୁଛି, ମୁଖରୁ ବିଷାକ୍ତ ବଚନ ନିସୃତ ହେଉଛି । ସଙ୍ଗେ ସଙ୍ଗେ ତାର ସେହି ବିଷାକ୍ତ ବଚନ ଗୁଡ଼ିକ ତୀରପ୍ରାୟ ମୋର ହୃଦୟରେ ଭେଦ କଲା । ଟଳି ଗଲା ଶିରା-ପ୍ରଶିରାରେ

ରକ୍ତ ସଙ୍ଗେ ମିଶି ତାର ମାରାତ୍ମକ ବିଷ । ଧ୍ୱଂସକଲା ମୁହୂର୍ତ୍ତକେ ମୋର ରକ୍ତର ଜ୍ୟୋତି ଜୀବଣ୍ଣ କଲା କଲା ଦେହ ସାରା । ସେହିଦିନ ଠାରୁ ଧିକ୍‌ଦିନ ବଢ଼ିଲା ବ୍ୟାକୁଳତା ମୋ ମନେ । ଶୟନେ ସ୍ୱପନେ ଜାଗରଣେ ଅବସର ଦେଲା ନାହିଁ ମୋତେ, ଦଣ୍ଡେ ଭୁଞ୍ଜିବାକୁ ଖାଦ୍ୟ ଯେଯ୍ଁ ସେ ଅଶାନ୍ତ ଅନଳ । ପୁଣି ରାଗହିଂସା ହୃଦୟକୁ ପୂର୍ଣ୍ଣ ଅଧିକାର କଲେଣି । ଅଚ୍ଛା, ଯାଏଁ ଦେଖେ କାହିଁ ଅଛି ସେ ଶାନ୍ତିସ୍ଥାନ ।"

(ପ୍ରସ୍ଥାନ)

( ସୁମତି ଓ ମାନସିଂହର ପ୍ରବେଶ :— )

ମାନ—ତୁମେ ଏବେ ପ୍ରତି ସେବା ସମିତିରେ ଯୋଗ ଦେବ ।' ଦେଶକୁ ଶିକ୍ଷା ଦେବ ଅହିଂସା ନୀତି । ଏଡ଼ାଇବ ମାନବ ମନରୁ ଭେଦାଭେଦ ଜ୍ଞାନ । ଅସ୍ପୃଶ୍ୟ ନିବାରଣ ନିମନ୍ତେ ଦେଶଦେଶ ବୁଲି ନାରୀ ମଣ୍ଡଳୀକୁ ଆଣିବ ଦେଶ ହିତକର ପଥକୁ ଓଟାରି, ଦୀର୍ଘ ବକ୍ତୃତାବଳରେ-ଧ୍ୱଂସକରି ତାଙ୍କର ମନରୁ ଅସ୍ପୃଶ୍ୟତା ଭାବ ।

ସୁମତି—ସତେ କଣ ଏ ଅଧୀନା ହାତରେ ଏତେବଡ଼ ମହତ୍ କାର୍ଯ୍ୟ ସାଧିତ ହେବ ? ମୁଁ କଣ ଉଚ୍ଚ ହିନ୍ଦୁରମଣୀ ହୋଇ ମୋର ଜାତିରେ ହୃଦୟ ବନ୍ଧନ କରିଛି କି ଉଦ୍ଦେଶ୍ୟରେ ? ଦେଶ ଦେଖେ ବୁଝି ପାରିବ-ମୁଁ ଯେ ଏତକ କାର୍ଯ୍ୟରେ ନାରୀ ଜାତିକୁ ଶିକ୍ଷା ଦେବାପାଇଁ ଅଗ୍ରସର ହେଉଛି ତାହା ସାମାଜିକ କ୍ଷେତ୍ରରେ ଆଦର୍ଶ ହେବ । ଯାଉଛି ଆପଣଙ୍କ ଆଦେଶାନୁଯାୟୀ ଦେଶ ଭ୍ରମଣକୁ ।

ମାନ—ତୁମେ ନିଜକୁ ଏତେ ଛୋଟ ମନେ କର ନାହିଁ ରମା ! ତୁମେ ଯେ ନୀଚ ଜାତିରେ ହୃଦୟ ବିକ୍ରୟ କରିନାହିଁ । ଆଜି ସେ ଗୂଢ଼ ରହସ୍ୟଟି ତୁମ ଆଗେ ପ୍ରକାଶ କରୁଛି ।

ସୁମତି—ଗୂଢ଼ ରହସ୍ୟ ? କି ଗୂଢ଼ରହସ୍ୟ ଶୀଘ୍ର ପ୍ରକାଶ କରନ୍ତୁ ।

ମାନ—ଜାଣିରଖ ରମା ! ମୁଁ ଯେ ଜଣେ ଉଚ୍ଚହିନ୍ଦୁ ବଂଶୀୟ । ଦୁର୍ଭାଗ୍ୟବଶତଃ ଏ ଶାନ୍ତାଳରାଜାଙ୍କ ଦ୍ୱାରା ପ୍ରତିପାଳିତ ହୋଇଅଛି ।

ସୁମତି—କିପରି ?

ମାନ—ଚିତୋରର ରାଜା ଉଦୟସିଂହ ମୋର ଜନ୍ମଦାତା ଅଟନ୍ତି । ସେ ଶତ୍ରୁର ଅନ୍ୟାନ୍ତରେ ଦେଶତ୍ୟାଗ କରିଥିଲେ । ଶତ୍ରୁ ଭୟରେ ମୋର ଧାଈମା' ମୋତେ ରକ୍ଷା କରିବାପାଇଁ ନିବିଡ଼ ବନକୁ ନେଇ ଆସିଥିଲେ ଓ ଏହି ଶାନ୍ତାଲ ପଲ୍ଲୀରେ ଏହି ରାଜମାତା ରଙ୍ଗିଲୀଙ୍କ ତତ୍ତ୍ୱାବଧାନରେ ରହିଗଲେ । କିନ୍ତୁ ଦୁର୍ଭାଗ୍ୟ ବଶତଃ ଏ ଅଭାଗାର ଧାଈମା' ବନପଥରେ ଯାଉଁ ଯାଉଁ ଶାର୍ଦ୍ଦୁଳକବଳରେ ପ୍ରାଣ ହରାଇଲେ । ତତ୍ପରେ ମୁଁ ମାତା ରଙ୍ଗିଲୀଙ୍କ ଲାଳନ ପାଳନରେ ଯୁବକ ଅବସ୍ଥାରେ ଉପସ୍ଥିତ ହେଲି ଓ ଶାନ୍ତାଲ ରାଜାଙ୍କ ଅନ୍ତେ, ତାଙ୍କର ଉତ୍ତରାଧିକାରୀ ହୋଇ ରାଜ ସିଂହାସନ ଅଧିକାର କରିଅଛି ।

ସୁମତି—ମଣିଷର ଦୁଃଖ ସୁଖ ଈଶ୍ୱରଙ୍କ ହାତରେ । ଯାହାର ମଣିଷତ୍ୱ ଥାଏ ସେ ମଣିଷ ଗୋଟିଏ ଜାତବୋଲି ଜାଣେ । ତା ମନରେ ତ ଭେଦାଭେଦ ଜ୍ଞାନ ନଥାଏ, ସେହିପରି ମୋ ମନରେ ମଧ୍ୟ ଜଣଙ୍କର ଭେଦାଭେଦ ବା ଘୃଣା ଖୁବ୍ ପିଲାଦିନୁ ଅନ୍ତର ହୋଇଛି । ମୁଁ ଆପଣଙ୍କ ପଦସେବିକା ହେବାଦ୍ୱାରା ମନରେ ତ ତିଳେମାତ୍ର ଦୁଃଖୀ ନାହିଁ । କିନ୍ତୁ ଆପଣଙ୍କ ଭଳି ମହାପୁରୁଷଙ୍କର ଯୋଗ୍ୟା ମୁଁ ନୁହେଁ ବୋଲି ମୋର ଆଶଙ୍କା

ମ ନା—ଛି, ଛି, ରମା ! ଏପରି ଆଶଙ୍କା କରିବାର କୌଣସି କାରଣ ନାହିଁ । ତୁମେ ଷଡ୍‌ରୂପୀ ପୁଣି ରାଜକନ୍ୟା । ମୋର ଉପଯୁକ୍ତା ସହଧର୍ମିଣୀ । ମୋର ଯେଉଁ ଧର୍ମ, ତୁମେ ମଧ୍ୟ ସେହି ଧର୍ମ-ରେ ଗତି କରିବାକୁ ବ୍ରତ କରିଛ । ପିଲାଦିନୁ କରିଛ ନିଜ ମନକୁ ସଂସ୍କାର, ପାଳିଛ ଜାତିବ୍ରତ କରିବାକୁ ଦେଶସେବା ତୁମେ ଯୋଗ୍ୟ; ଆଦିଛ ପ୍ରଚାରିବାକୁ ଏ ଦେଶରେ ନିର୍ବିକାର ମହାଧର୍ମ, ଅହିଂସା ମହାନୀତି ।

ସୁମତି—ମୁଁ ରାଜକନ୍ୟା ? (ଗୁମାନ)

ମାନ—ଗୁମାନ କାହିଁକି ରମା ! ମୁଖଟି ଶୁଖିଗଲା କାହିଁକି ?

ସୁମତି—ମୁଁ ଦେବୀ ନୁହେଁ ମୁଁ ପିଶାଚିନୀ, ମୁଁ ତୁମପଦେ କରିଛି ଯେ ମହାପାପ, ଜନ୍ମେ ଜନ୍ମେ ତହିଁରୁ ଉଦ୍ଧାର ନାହିଁ । ସ୍ୱାମୀ ଶ୍ରେଷ୍ଠ ଦେବତା ତାର ନାରୀ ହୋଇ ମୁଁ ତାକୁ ଭୁଲାଇଛି କୁଟିଳ ଛଳରେ । ଅମୃତ ବଦଳରେ ଖୁଆଇଛି ବିଷ ।

ମାନ—ମୁଁ ତୁମ କଥାର ମର୍ମ କିଛି ବୁଝିପାରୁନାହିଁ ରମା ! ଅମୃତ ବଦଳରେ ମୋତେ କେଉଁ ବିଷ ଖୁଆଇଛ ?

ସୁମତି—କହିବି, ମୋତେ କ୍ଷମାଦେଲେ କହିବି ।

ମାନ—ନିର୍ଭୟରେ ପ୍ରକାଶକର । ପ୍ରକୃତରେ ତୁମେ କି ପାପ କରିଛ କେଉଁ ପଥରେ ତମେ ମୋତେ ଭୁଲାଇଛ ?

ସୁମତି—ଯେଉଁ ରମା ପ୍ରେମ ସୁଧା ପାନ କରିବା ପାଇଁ ଆପଣ ପିପାସିତ ଥିଲେ, ସେ ରମା ମୁଁ ନୁହେଁ ?

ମାନ—ତମେ ରମା ନୁହଁ ? ଆଉ ତମେ କିଏ ?

ସୁମ—ମୁଁ, ମୁଁ ମନ୍ତ୍ରୀକନ୍ୟା ସୁମତି ।

ମାନ—ତୁମେ କାହିଁକି କୃତ୍ରିମ ରମା ହୋଇ ମୋତେ ବିବାହ କଲ

ସୁମ—ଆପଣଙ୍କ ଛଦ୍ମ ରକ୍ଷାପାଇଁ ଓ ରାଜପୁରକୁ ଆପଣଙ୍କ କ୍ରୋଧ ଦୃଷ୍ଟିରୁ ରକ୍ଷା କରିବାପାଇଁ ମୁଁ ଆପଣଙ୍କୁ ପତି ରୂପେ ବରଣ କରିଛି । ଏହି ଅପରାଧରୁ ମୋତେ ଉଦ୍ଧାରିବା ପାଇଁ ମୋର ଗଳା କର୍ତ୍ତନ କରିବାକୁ ଅନୁରୋଧ କରୁଛି ।

ମାନ—ଧନ୍ୟ ତୁମର ବୁଦ୍ଧି, ତୁମେ ଯେ ବିଶାଳ ସାମ୍ରାଜ୍ୟଟିକୁ ରକ୍ଷା କରିବା ପାଇଁ କୃତ୍ରିମ ରମା ରୂପେ ମୋର ଚରଣ ସେବା କରିଛ ସେଥିରେ ମୁଁ ଖୁବ୍ ଖୁସିଅଛି । କିଛି ଚିନ୍ତା କରନାହିଁ ରମା ! ତୁମେ ପ୍ରକୃତରେ ରମା । ତୁମର କାର୍ଯ୍ୟ କଳାପ ତୁମକୁ ରମା ବୋଲି ଆଖ୍ୟାତ କରୁଛି । ତୁମେ ପ୍ରକୃତରେ ଦେବୀ ରମା । ଆବିର୍ଭୂତ ହୋଇଛ ଉଦ୍ଧରିବା ପାଇଁ ଅଦ୍ଭୁତ ଜାତିକୁ । ପୁଣି ମୋର ହେଲ ସହଧର୍ମିଣୀ । ଦେବାକୁ ପ୍ରେରଣା ସେହିପଥରେ । କିଛି ଚିନ୍ତା କରନାହିଁ, ଯାଅ ତୁମେ ଦେଶ ସେବା କର ପ୍ରାଣପଣେ ।

ରଙ୍ଗିଲ—ମାନୁ ! ମାନୁ ! ଏ କାହା ସହିତ କଥାବାର୍ତ୍ତା କରୁଛୁ । ସେ ତ ରମା ନୁହେଁ । ସେ ତ କପଟ ବେଶଧାରଣୀ ପିଶାଚିନୀ ସୁମତି ! ତମକୁ ରମା ବୋଲି ପରିଚୟ ଦେଇ ବନ୍ଧା ହୋଇଛି । ରମାତ ରାଜପୁରରେ ।

ମାନୁ—ମୁଁ ସବୁକଥା ଜାଣିଛି ମା' ! ରାଜକନ୍ୟା ରମା ନାମ, କିନ୍ତୁ ସେ ପ୍ରକୃତରେ ରମା ନୁହେଁ । ପ୍ରକୃତରେ ରମା ଏହି । ମୁଁ ପ୍ରକୃତରେ ରମାକୁ ପାଇଛି । ଏ ଦେବୀଙ୍କୁ ତମେ ନିନ୍ଦାକର

ନାହିଁ । ଏ ପ୍ରକୃତରେ ତୁମର ପୁତ୍ରବଧୂ । ପତିବ୍ରତା, ପବିତ୍ରା ଦେବୀ । କିନ୍ତୁ ବାଳକନ୍ୟା ତୁମର ପୁତ୍ରବଧୂ ଯୋଗ୍ୟା ନହେ

ସୁମତି—(ରଙ୍ଗିଲିଙ୍କୁ ନମସ୍କାର କରି) ମାଁ ମୁଁ କପଟ କରିଛି, ମୁଁ ଭୁଲାଇଛି ତୁମପୁଣ୍ୟ ଧର୍ମର ମୂର୍ତ୍ତିକୁ ଆସୁରୀ ବୁଦ୍ଧିରେ । ମୁଁ ମାୟାବିନୀ ମାନବୀ ମା’ ମୋତେ ଶାସ୍ତି ଦିଅ ।

ରଙ୍ଗିଲି—ଶାସ୍ତି ନାହିଁରେ ପୁତ୍ରବଧୂ ତୋତେ । ତୁ ଯେଉଁ ମହତ୍ ଗୁଣରେ ଅଳଙ୍କୃତ ହୋଇଛୁ—ସେହି ଗୁଣ ତୋତେ କ୍ଷମା ଦେଉଛି—ତୋର ଦୋଷ ସମୂହକୁ । ଯାଅ ତୁମ୍ଭେ ତୁମ୍ଭ କାର୍ଯ୍ୟକର, ଦେଶର ସେବାକରି ପତିପ୍ରାଣା ହୋଇ ପତି ସେବାରେ ମନ ଲଗାଇଦିଅ ।

( ସମସ୍ତଙ୍କର ପ୍ରସ୍ଥାନ )

— ଦ୍ୱିତୀୟ ଦୃଶ୍ୟ —

ପ୍ରତାପର ଅନୁଚିନ୍ତା

ପ୍ରତାପ—(ସ୍ୱଗତ) ଖୋଜି ଖୋଜି ପାଇଲି ସେ ଗୁପ୍ତ ରହସ୍ୟଟି ! ଧାଇମା’ ନରର ପରାମର୍ଶ କରି କୌଶଳରେ ରମା ମନରେ ମୋର ଅବିଶ୍ୱାସ କରାଇଛନ୍ତି ଏବଂ ମୋତେ ତା ଆଗରେ ଶତ୍ରୁ ଭଳି ଠିଆ କରାଇଛନ୍ତି । ରାଜଜେମା ମୋର ଯେ କି ଅନିଷ୍ଟ କରିବ ତାହାତ ଜଣାନାହିଁ । ହାୟରେ ନର !

ତୁ ସାମାନ୍ୟ ଗୃହର ଝିଅ ହୋଇ କେଡ଼େବଡ଼ କାମ କଲୁ ? ଯେଉଁ ପ୍ରତାପ ନାମ ଶୁଣିଲେ ବସୁଧା ଥରହରେ, ଯାହାର ଅଦ୍ଭୁତ କୌଶଳଦ୍ୱାରା ରାଜପୁରବାସୀ ସମସ୍ତ ନର ନାରୀ ଚିତ୍ରପ୍ରତିମା ପରି ହସ୍ତ ଯୋଡ଼ି ରହିଛନ୍ତି, ତୋର ଏତେ ସାହସ, ତୁ ପୁଣି ତା ବିରୁଦ୍ଧରେ ଧାଈମାକୁ ମତାଇ ମୋ କଳପାଖରେ ଛୁରୀ ଦେଉଛୁ ? ଲୋ ଧାଈମା, ତୁ ଭଲେ ଭାବିଲୁ ନାହିଁ ? ଯେଉଁ ପ୍ରତାପ କାଳଯମ ପରି ସର୍ବଦେ ତୁମର ସର୍ବନାଶ କରିବାରେ ତୁମେ ସେହି ମହାବିକ୍ରମୀ କାଳସର୍ପ ପ୍ରତାପ ବିରୁଦ୍ଧରେ ଠିଆ ହେଲ ? ମୋର ଅନିଷ୍ଟ କରିବା ପାଇଁ ତମେ ଦୁଇଜଣ ହେଲ ଅଗୁଆ—ତମ ପଛରେ ଭଣି ବଶେଷୀପୁ ଦଳଗୋଟି । ଯେଉଁ ବୁଦ୍ଧିରେ ରମାକୁ ମୋଠାରୁ ଅନ୍ତର କରଇ । ମର୍ମନ୍ତୁଦ ବେଦନା ଦେଉଛ,ସେହି ବୁଦ୍ଧିରେ ମୁଁ ତମର ପ୍ରାଣହନ୍ତା ହେବି ।

(ନରର ପ୍ରବେଶ)

ନର—ନମସ୍କାର ମହାଶୟ ।

ପ୍ରତାପ—ଆଜ୍ଞା ଭଲତ ?

ନର—ଆପଣଙ୍କ ମନ ବୋଧହୁଏ ଭଲ ନାହିଁ ।

ପ୍ରତାପ—ରମା ମୋଠାରୁ ଅନ୍ତର ହେବା ଦିନରୁ ମୋମନ ଭଲନାହିଁ ।

ନର—ତାହା ହେବାର କଥା, ଯେଉଁ ରମାଲାଗି ଆପଣ କେତେ ଗୁଡ଼ିଏ ଷଡ଼ଯନ୍ତ୍ର ସୃଷ୍ଟି କରିଛନ୍ତି,ସେହି ରମା ଆପଣଙ୍କର ଶତ୍ରୁ ହୋଇଛି, ତାହା ସହିବାର କଥା ନୁହେଁ ।

ପ୍ରତାପ—ଉମାରତ ମୁଁ କିଛି କ୍ଷତି କରିନାହିଁ । ରମା ତାହାଁକୁ ମୋ

ଉପରେ ବର୍ତ୍ତିଗଲା ?

ନର—ଆପଣ ରମାର କିଛି କ୍ଷତି କରିନାହାନ୍ତି ସତ, କିନ୍ତୁ କୁଙ୍କରାଜା ଧର୍ମସିଂହ ଯେ ଆପଣଙ୍କ ପାଇଁ ବନବାସୀ ।

ପ୍ରତାପ—ମୁଁ କଣ ରାଜାଙ୍କୁ ବନକୁ ପଠାଇ ଦେଇଛି ?

ନର—ଆପଣ ଯେ ରମା ସହିତ ମାନୁର ବିବାହ ପ୍ରସ୍ତାବକୁ ବନ୍ଦ କରିଛନ୍ତି । ରାଜାଙ୍କର ପ୍ରତିଶ୍ରୁତି ରକ୍ଷା ନ ହେବାରୁ ରାଜା ବନବାସୀ ହୋଇଛନ୍ତି ।

ପ୍ରତାପ—ରମା ମାନୁକୁ ବିବାହ କରିବାକୁ ନିଜେତ ରାଜି ନଥିଲା ।

ନର—ରମା ଆପଣଙ୍କ ପ୍ରତାରଣାରେ ଭୁଲି ମାନୁକୁ ବିବାହକରିବାକୁ ଅନିଚ୍ଛା ପ୍ରକାଶ କରିଥିଲା ।

ପ୍ରତାପ—ମାନୁ ଅସ୍ପୃଶ୍ୟ ଜାତିର ଲୋକ ବୋଲି ରାଜପୁତ୍ର ଓ ରାଜକର୍ମଚାରୀ ମାନେ ରମାକୁ ନୀଚ ଜାତିରେ ପ୍ରଦାନ କରିବାକୁ ଇଚ୍ଛା କରି ନ ଥିଲେ । ମୋର ଦୋଷ କଣ ହେଲା ?

ନର—ଆପଣଙ୍କର ଦୋଷ କିଛି ନାହିଁ ? ତେବେ ଆପଣ କାହିଁକି ମାନୁକୁ ଗୁଳି କରିଥିଲେ ? କାହିଁକି ରଙ୍ଗିଲାକୁ ବିବସ୍ତ୍ର କରିଥିଲେ ?

ପ୍ରତାପ—ଅଚ୍ଛା ନର, ତୁଇ ସବୁକଥା ଗୁଡିକ ଜାଣୁ । ବେଶ୍ ଯୁକ୍ତି ତର୍କ କରି ଶିଖିଲୁଣି । ତେବେ କହନା ଧାଇମା' କାହା ପରାମର୍ଶରେ ମୋର ଏତେ ବଡ ଅନିଷ୍ଟ କଲା ?

ନର—ତାହା ମୁଁ କହିପାରିବି ନାହିଁ ।

ପ୍ରତାପ—ସାବଧାନ ନର ! ତୁ ଜଣେ ସାମାନ୍ୟ ଚାକର ହୋଇ

ବଡ଼ ସାହସରେ ରମାକୁ ମୋଠାରୁ ଅଲଗ କରିଥିଲୁ । ଧାଈମାଙ୍କୁ ମରାଇ ଯେଉଁ କୌଶଳ ଭିଆଇଲୁ ତାହାଗଲା ଭଲନୁହେଁ ।

ନର—ରମାତ ଆପଣଙ୍କୁ ଚାହିଁ ନାହିଁ ?

ପ୍ରତାପ—ଖବରଦାର୍, ମୋ ଭାଗ୍ୟଦେବ । ତୁମ ଯୋଗେ ରମା ଶଙ୍କା ନାହିଁ । ନର ! ମୁଁ ଖୁବ୍ ଧୈର୍ଯ୍ୟଧରି ଏତେବେଳଯାଏ ତୋର ମୃତ୍ୟୁକୁ ପ୍ରଶ୍ରୟ ଦେଉଛି । ତୁ ମୋ ବିରୁଦ୍ଧରେ ବହୁତ କାମ କରିଛୁ ଓ କରିବୁ । ଏଥି ତୋ ଯୁକ୍ତି ତର୍କରୁ ଜଣା ପଡୁଛି । ଏ ରାଜପୁରରେ କେହି ଲୋକନାହିଁ ଯେ ମୋ ଆଗରେ ପ୍ରତିବାଦ କରିବ । ତୁ ବଡ ସାହସରେ ବହୁ ପ୍ରତିବାଦ କରିଛୁ । ମୋତେ ଚେତାଇ ଦେଇଛୁ— ମୋର ଦୋଷକୁ । ମୋର ମୁଣ୍ଡକୁ ବିଗାଡ଼ି ଦେଇଛୁ । ଏହି ଶାଣିତ ତରବାରୀକୁ ଚୁହାଁ, ଏହି ତରବାରୀଟି ଧରି ମୁଁ ଆଜି ନିଶ୍ଚୟ କରୁଛି—ଆଜି ତୋତେ ଓ ଧାଈମାଙ୍କୁ ହତ୍ୟା ନ କଲେ ଜଳବୁନ୍ଦା ସ୍ପର୍ଶ କରିବି ନାହିଁ ।

ନର—ମୋ ଜୀବନ ଅତି ମୂଲ୍ୟବାନ ନୁହେଁତ ? ମୁଁ ଯାହା ଶୁଣିଥିଲି ତାହା ଆପଣଙ୍କ ଆଗରେ ପ୍ରକାଶ କଲି । ଆପଣ ନିଜେ ଦେଖିଛନ୍ତି କଣ, ଯେ ମୁଁ ଆପଣଙ୍କ ବିରୁଦ୍ଧରେ କାର୍ଯ୍ୟ କରିଛି

ପ୍ରତାପ—ମନରେ ପକାଅ ଧାଈମା' ସହିତ ତୋର କି ପରାମର୍ଶ ହୋଇଥିଲା । ରମା ସହିତ ମୋର ଯେଉଁ ମନୋମାଳିନ୍ୟ ଘଟିଛି ତାହା କରାଇଛି କିଏ ? ତୋ ପରାମର୍ଶରେ ଧାଈମା'ର ଏ କୌଶଳ । ତାହା ସାମାନ୍ୟ ନୁହେଁ ? ମୋ କାଳିଜାରେ-

ଛୁରୀଘାତ । ମୁଁ ଯେ ମର୍ମନ୍ତୁଦ ବେଦନା ଅନୁଭବ କରୁଛି । ସ୍ଥିର କରିଛି, ନର ଓ ଧାଈମାଙ୍କୁ ଏ ଶାଣିତ ତରବାରୀରେ ହତ୍ୟାକରି ରମାକୁ ଜବରନ୍ ଅଧିକାରକରିବି ।

ନର—ଆପଣଙ୍କୁ ହତ୍ୟା କରିବାକୁ କେହି କଣ ନାହିଁ ?

ପ୍ରତାପ— ତୁ ଯେ ଅଛୁ, ତୋର ଦରକାର କଣ ଥିଲା, ଧାଈମାକୁ ମତାଇ ମୋର ସର୍ବନାଶ କଲୁ । ଶେଷ କରିଛୁ, ପ୍ରତାପକୁ ଚିହ୍ନି ନଥିଲୁ, ଆଜି ଚିହ୍ନିବୁ ।

ନର—ଅତ୍ୟାଚାରୀକୁ ନଚିହ୍ନିଛି କିଏ ? ତୁ ଯେଉଁ ରାକ୍ଷସ ବୃତ୍ତିକର ସାମାନ୍ୟ ଗୋଟିଏ ସ୍ତ୍ରୀ ଲୋଭରେ ଯେଉଁ ହତ୍ୟା ନୀତି ଅବଲମ୍ବନ କରିଛୁ ତାର ଫଳ ହାତେ ଭୋଗିବୁ । ମାନ୍‌କୁ ଗୁଳି କଲୁ ତାହାର ଫଳରେ ନିଜର ବାପକୁ ହରାଇଲୁ, ରଙ୍ଗିଲାକୁ ଉଲଗ୍ନ କରାଇଲୁ ତାର ଫଳରେ ରଙ୍ଗପୁରକୁ ଧ୍ୱଂସ କରାଇଲୁ । ପୁଣି ସେହି ନୃଶଂସ କାଣ୍ଡ ଭିଆଇବାକୁ ଭାବିଛୁ—ତାର ଫଳ ନିଶ୍ଚୟ ପାଇବୁ । ତାହା ଦେଖିବାକୁ ବେଳଥିବନାହିଁ--ତୋର ଏ ଦମ୍ଭ ଅହଂକାର ଏହି ନିଃସ୍ୱ ସାମାନ୍ୟ ଗୃହକର କଥାକୁ ମନେ ରଖିଥା । ମୋତେ ହତ୍ୟା କଲେ, ତୋର ମୃତ୍ୟୁ ପଛେ ପଛେ ।

ପ୍ରତାପ—ତୋର ପଛେ ପଛେ ମୃତ୍ୟୁ ମୋର ? ଆଚ୍ଛା ଏହି ଦେଖ୍ ସଙ୍ଗେ ସଙ୍ଗେ (ନରର ଗଳା କାଟିନ) ଆଚ୍ଛା ଦେଖେ [ଧାଈମା: କେଉଁଠି ।

(ପ୍ରତାପର ପ୍ରସ୍ଥାନବେଳେ ନାସୃତ):

ନିବୃତ୍ତି—ଗୀତ:—　　(ମୋହେତ ଲଗାକାହେର ବୃନ୍ଦେ )

କେତେ ଧନକୁରେ ମନ ବାନ୍ଧୁଛୁ ଏ ଅଣ୍ଟ
ଖସିଯିବ ତୋର ଦିନେ ଏ ବୃଥା କୁହୁକ । ଧ୍ରୁ ।
ନ ଖିଲ୍ଲ ମୁଣ୍ଡେ ଖଣ୍ଡିବ, ପଦାରେ ପଡ଼ି ଗଡ଼ିବ,
ଶୃଗାଳ କରିବ ତୋର ଛାତିପରେ ନାଟ । ୧ ।
ସବୁ ଘଟେ ନାରାୟଣ, ତାହା ତୋର ନାହିଁ ଜ୍ଞାନ,
ତୁଚ୍ଛ ଯୌବନ ଲୋଭରେ (କେତେ) ପ୍ରାଣୀ କରୁ ନଷ୍ଟ।
ଗଳେ ଦଉଡ଼ି ଲଗାଇ, ଟାଣିନେବ ଜମ ସାଇଁ,
ସେ ଦିନ ଦେବ ତୋ ଦେହେଁ କେତେ ଯୋଡ଼ା ଛାଟ।
ପଥ ଅପଥ ନ ମାନୁ, ଅଜ୍ଞାନ ତୁ ଧନ ଧନ,
ନିତେ ସଫା କରୁଛୁ ତୁ ନିଜ ମୁକ୍ତି ବାଟ । ୨ ।

(ପ୍ରସ୍ଥାନ)

— ତୃତୀୟ ଦୃଶ୍ୟ —

( ଧାଇମାର ପ୍ରବେଶ )

ଧାଇମା—(ସ୍ୱଗତ) ମାଲେ ମା, ଯାଉଛି ଏ ଦେଶ ଛାଡ଼ି ପଳାଇବି ।। ଏ ସଙ୍କଟରେ ଏଡ଼ୁ ବାହାର, ଏ ରାଜପୁରଶରେ କେହ୍ନ ମଣିଷ ନାହାନ୍ତି ନା ? କିଏ କଣ କରିବ ? ରାଜା ତ ନାହାନ୍ତି ମନ୍ତ୍ରୀ ପୁଅତ ଏଖଣି ମଣିଷ ପାଲଟି ଗଲାଣି । ସେ କଣ

କରୁଛନ୍ତି ଲୋ ମା, ଶୁଖୁଆ ମାଛ ପରି ମଣିଷ ଗୁଡାଙ୍କୁ କାଟି ପକାଉଛନ୍ତି । ମୁଁ ଶୁଣୁଛି, କାଲି ରାତିରେ ନଗରର ମୁଣ୍ଡ କାଟି ପକାଇଛନ୍ତି । ତାହାର କିଏ କଣ କରିବ ? ଯୁବରାଜ ପିଲା-ଲୋକ ତାଙ୍କୁ ଏଣୁ ତେଣୁ ଧପଧ କହି ଭୁଲାଇ 'ଦେଲେ ଗଲା । ସେ ଏତେ ଗହିରକୁ ଯିବ କାହିଁକି ? ଇଏତ ଏପରି କୌଶଳୀ ନୁହେଁ । ଯା କୌଶଳରେ ଦେବତା ପଶି ପାରିବ ନାହିଁ । ଯୁବରାଜର ବା କେତେ ବୁଦ୍ଧି । ମୁଁ ଶୁଣୁଛି ସେ କାଳେ ତୋତେ ହତ୍ୟା କରିବା ପାଇଁ ଖୋଜୁଛନ୍ତି । ଆଚ୍ଛା । ଆସୁ ।

ପ୍ରତାପ—କିଏ, ଧାଇମା' ନା କିଏ ?

ଧାଇମା—ହେଇ ଆସିଲଣି ଲୋ ମା' କଣ କହିବି କେଉଁ ଆଡେ ଯିବା

ପ୍ରତାପ—ଧାଇମା ! ଶୁଣ୍ ଶୁଣ୍ ।

ଧାଇମା—ମୁଁ ଶୁଣିବି କିପରି ? ମୁଁ ଶୁଣୁଛି ତୁ କାଟେତ ମଣିଷ ଗୁଡାକୁ ହାଣି ପକାଉଛୁ । ମୋତେ କାଳେ ହାଣିପକାଇବୁ ମୁଁ ଶୁଣିବି କିପରି ।

ପ୍ରତାପ— ନା, ନା, ତୋ ପାଖରେ ଗୋଟିଏ ଭଲକାମ ଅଛି । ଶୁଣ୍ ଶୁଣ୍ ?

ଧାଇମା—ହଣା ଖାଇବାକୁ ଧାଇମା ଡରେ ନାହିଁ, କିନ୍ତୁ ତୋ ଭଲ-ରେ ଧାଇମା ଅଛି । ତୁ ଭାବୁଛୁ ଧାଇମା' ତୋର ମନ୍ଦ କରିଛି, ତାହା ନୁହେଁ, ତାହା ବୁଝିପାର ନାହୁଁ ।

ପ୍ରତାପ—ତୁ ମୋର କି ଭଲରେ ଅଛୁ ?

ଧାଇମା—ରମା ସହିତ ତୋର ଅପତ କରାଇ ନଥିଲେ ତୁ ଏତେଦିନ ଯାଏ ଜୀବନରେ ନ ଥାନ୍ତୁ ।

ପ୍ରତାପ—କିଏ ମୋତେ ହତ୍ୟା କରିଥାନ୍ତା ?

ଧାଇମା— ସେ କଥା ଶୁଣିବା ବେଳକୁ ଦେହ ଶିହରି ଉଠୁଛି । ରମା ଯେ ଉଆଁସ କନ୍ୟା, ତୁ ଯେଉଁଦିନ ତା ସହିତ କଥାବାର୍ତ୍ତା କରୁଥିଲୁ, ସେଦିନ ତୋର ଘ ତବାଉ । ତୁ ସେଦିନ ନିଶ୍ଚୟ ତାର ପ୍ରେମ ବନ୍ଧନରେ ପଡ଼ିଥାନ୍ତୁ । ସେ ତୋତେ ପ୍ରେମମଦ ଖୁଆଇ ପାଗଳ କରାଇ ଦେଇଥାନ୍ତା ।

ପ୍ରତାପ—ତା ପରେ ?

ଧାଇମା—ତୁ ମନେ ରଖ୍। ଦିନେ ଗୋଟେ ପାଗଳପିଲା ତୋତେ କହିଥିଲା, ଯେଉଁଦିନ ରମା ଗଣ୍ଡଦେଶରେ ଚୁମ୍ବନ ଦେବୁ ସେହିଦିନ ତୋର ମୃତ୍ୟୁ ହେବ । ତୁ ରମା ଗଣ୍ଡଦେଶରେ ଚୁମ୍ବନ ଦେଇ-ଥାନ୍ତୁ ଅବଶ୍ୟ ତ ଗୋଟିଏ କାଳ ସର୍ପ ଆସି ତୋତେ ଦଂଶନ କରିଥାନ୍ତା । ତୁ ନିଶ୍ଚୟ ସେହିଦିନ ମରିଯାଇଥାନ୍ତୁ ।

ପ୍ରତାପ—ତେବେ ମୋର ସେହି ଘାତଦିନଟି ଚାଲିଯାଇଛି ତ? ଏବେ ରମା ସହିତ ମୋର ମିଳନ ହେଲେ ଭୟ ଅଛି କି ?

ଧାଇମା—ଆଉ ଭୟ ନାହିଁ, କିନ୍ତୁ ମନେ ରଖିଥିବୁ, ଅମାବାସ୍ୟା ଦିନ ତୁ ରମାକୁ ଛୁଇଁବୁ ନାହିଁ ।

ପ୍ରତାପ—ରମାର ମୋର ତ ଅପତ, ତେବେ କିପରି ମୋ ପ୍ରତି ତାର ପୂର୍ବ ଭାବ ଫେରି ଆସିବ ?

ଧାଇମା—ଯିଏ ମାଟର, ସେହି ଭାଗେ। ମୁଁ ତୁମ ଦୁଇଜଣଙ୍କର ଅପଡ଼ ନଶାଇଛି, ପୁଣି ମୁହିଁ ଦୁହିଁଙ୍କର ମିଳନ କରାଇବି। ତୋର ଚିନ୍ତା କଣ? ପ୍ରଭାସ! କହନା କାହିଁକି ନଇଟାକୁ ପାଣି ଘଞ୍ଚାଇଲୁ। ବୃଥାଟାରେ ଗରବଟାକୁ ହତ୍ୟା କଲୁ। ତୁ ଏତେ ଅବୁଝା, ମୋତେ ପଚାରିଲୁନାହିଁ? ମୁଁ ତୋତେ ପିଲଦିନୁ ବଞ୍ଚାଇ ଆଣିଛି। ରାଜପୁରରେ କିଏ କହୁନା ତାର ମୁଁ ଧାଇମା ନୁହେଁ? କାହାକୁ ମୁଁ ଲାଳନ ପାଳନ ନ କରିଛି।

ପ୍ରଭାସ—ବଡ ଭୁଲ କରିଛି, ନରକୁ ହତ୍ୟା କରି। ମୁଁ ତୁହିଁ ନ ଥିଲି ଧାଇମା, ନର ମୋର ଜୀବନ ରକ୍ଷା କରିଛନ୍ତି। ଯାହାହେବାକଥା ହେଲା। ଧାଇମା! ତମେ ଯାଇ ରମାକୁ ଡାକିଦିଅ ସେ ଯେପରି ପୂର୍ବପରି ମୋତେ ସ୍ନେହ ଆଦର କରିବ।

ଧାଇମା—ମୁଁ ଯାଉଛି ତୁରନ୍ତ ତାହା କରିବି। ଅବଳାମନ୍ଦ ରମା ମନକୁ ପରିବର୍ତ୍ତନ କରାଇବି। ପୁଣି ଦେଖିବୁ ରମା ତୋତେ ଦଣ୍ଡେ ନ ଦେଖିଲେ କିଛି ଖାଇବ ନାହିଁ।

ପ୍ରଭାସ—ଧନ୍ୟବାଦ (ହାସ୍ୟ) ଧାଇମା' ଧନ୍ୟ ତୋର ବୁଦ୍ଧି! ଦେଖ ଧାଇମା, ଏହି ଖଣ୍ଡାଟି ଧରି ଆସିଥିଲି—ତୋତେ ହତ୍ୟା କରିବାପାଇଁ। ତୁ ଆଜି ମୋ'ରି ହାତେ ଶେଷ ହୋଇଥାନ୍ତୁ। ମୁଁ ଯାଉଛି ତୁ ରମା ନିକଟକୁ ଯା।

(ପ୍ରଭାସର ପ୍ରସ୍ଥାନ)

ଧାଈମା—(ସ୍ୱଗତ) ଖୁବ୍ ରକ୍ଷା ପାଇଛି । ଏ ବୁଢୀର ବୁଦ୍ଧି କମ ନୁହେଁ । ପ୍ରତାପ କାଲିକା ଅଣ୍ଡା, ତାର କେତେ ବୁଦ୍ଧି । ଏ ବୁଢୀ ସାତଖାଲ ପଙ୍କରେ ଗଳିଯିବା ବାଲି । ଏମିତ ଫିକର ଝାଏ ଲଗାଇ ଦେଲି ଯେ ପ୍ରତାପଙ୍କୁ ଥଣ୍ଡା କରିଦେଲି । ସେ ମୋତେ ହାଣିବ କଣ ? ମୋ କଥାଗୁଡିକ ତା ମନକୁ ପିଇଗଲା । ସେ ମୋ ଉପରେ ଖୁସି ହୋଇଗଲା । ଅଚ୍ଛା, ଦେଖିବୁ ପ୍ରତାପ ! ଏ ବୁଢୀର କେତେ ବୁଦ୍ଧି ଓ କେତେ କୌଶଳ ।

(ପ୍ରସ୍ଥାନ)

(ଜଗବନ୍ଧୁ ଓ ପ୍ରତାପର ପ୍ରବେଶ)

ପ୍ରତାପ—ଜଗବନ୍ଧୁ ! ତମେ ଯାଇଥିଲ କି ରମା ପୁରକୁ ?

ଜଗ—ହଁ ଆସିଲି ସେହିପଥ ଦେଇ, ଦେଖିଲି ସେହିପଥରେ ଯାଉଛି ଧାଈମା

ପ୍ରତାପ—ଧାଈମା କହୁଥିଲା କଣ ?

ଜଗ—କହୁଥିଲା, ଯାହା ଯାହା ଆପଣଙ୍କର ତାର କଥାବାର୍ତ୍ତା ହୋଇ-ଥିଲା । ସେ ଯାଉଛି ରମା ନିକଟକୁ । ତା ସହିତ ଆପଣ-ଙ୍କର ଯେପରି ମିଳାମିଶା ହେବ ତାହା ସେ କରିବ ।

ପ୍ରତାପ—ବୋଧହୁଏ ଧାଈମା ଯୋଗେ ରମାର ମୋର ମିଳାମିଶା ହୋଇଯିବ ।

ଜଗ—ଆପଣ ଏପରି ବୁଦ୍ଧିମାନ ହୋଇ ପୁଣି ଏପରି ନିର୍ବୋଧ ହେଉଛନ୍ତି ? ଧାଈମା କଥାକୁ ଆପଣ କିପରି ବିଶ୍ୱାସ କରୁ-ଛନ୍ତି ? ଧାଈମା ଯେ ଜଗଦେବ ମାଲୁଣୀ, ତାର କପଟ

ଆପଣ ବୁଝିବେ ? ତାହା ସମ୍ଭବ ନୁହେଁ । ସେ ସାମାନ୍ୟ ଲୋକ ନୁହେଁ ।

ପ୍ରତାପ—ସେ ଯାହା ଯାହା ମୋ ଆଗରେ ପଣକରି କହିଗଲା ତାହା ସେ କରିବ ନାହିଁ ?

ଜଗ—ସେ ସଦାବେଳେ ଆପଣଙ୍କ ବିପକ୍ଷ । ରମା ନିକଟକୁ ଯିବାର କାରଣ ତାକୁ ମତାଇବ ଆପଣଙ୍କ ବିପକ୍ଷରେ । କେବଳ ଜୀବନ ଭୟରେ ସେ ଆପଣଙ୍କର ଗୋଡ଼ାଶ୍ରା ହୋଇଗଲା । ତା କଥାକୁ ଆପଣ ବିଶ୍ବାସ କରିବା ଉଚିତ ନୁହେଁ ।

ପ୍ରତାପ—ମୁଁ ଧାଇମାକୁ ଆଜ ହତ୍ୟା କରିଥାନ୍ତି । ତାର କଥାଶୁଣି ମୋର ସବୁ ରାଗ ଶୀତଳ ହୋଇଗଲା ।

ଜଗ—ବର୍ତ୍ତମାନ ଯେଉଁ ଅନର୍ଥ ଘଟୁଛି ତାହା କେବଳ ଧାଇମା ଯୋଗେ । ଆହୁରି ଗୋଟିଏ ବଡ଼ ଅନିଷ୍ଟ ଆପଣଙ୍କର ସେ କରିଛି ତାହା ଆପଣ ଜାଣିଥିବେ ।

ପ୍ରତାପ—କି ଅନିଷ୍ଟ? କାହିଁ ମୁଁ ତ ଜାଣେନାହିଁ । କିନ୍ତୁ ରମା ସହିତ ମୋର ବିଚ୍ଛେଦଯୋଗ ଘଟାଇଥିଲା ଧାଇମା । ପୁଣି ସେ ସଜାଡ଼ି ଦେବାକୁ କହୁଛି ।

ଜଗ—ଅଚ୍ଛା, କୁହନ୍ତୁନା ଆପଣଙ୍କ ଭଉଣୀ ସୁମତି କେଉଁଣେ ଯାଇଛି ?

ପ୍ରତାପ—ମୁଁ ଶୁଣୁଛି, ସୁମତି ମୋ ଭୟରେ ବନକୁ ପଳାଇଛି । ବୃଦ୍ଧ ରାଜାଙ୍କ ଆଶ୍ରମରେ ଅଛି ।

ଜଗ—ଏ କଥା ମିଥ୍ୟା, ସୁମତି ବର୍ତ୍ତମାନ ବନରାଜ୍ୟର ଅଧିଶ୍ବରୀ । ମାନକୁ ବିଭାହୋଇ ମହାଆନନ୍ଦରେ ଅଛି । ସେ ସଜାଡ଼ୁଛି ତମ ବିରୁଦ୍ଧରେ ସେନାଦଳ । ଧ୍ବଂସକର ଏ ସଙ୍ଗଭଙ୍ଗନକୁ 'ନେବ ରମା ରାଜକନ୍ୟାକୁ' ।

ପ୍ରତାପ—ମାନ୍ ଆଉଁ ଆଉଁ ସୁମନ୍ତ କିପରି ସେନା ଗୁଡ଼ିକର ଭାର ଗ୍ରହଣ କରିଛି ? ମାନ୍ ତାଠାରୁ ସୁମନ୍ତ ନୁହେଁ ଯୁଦ୍ଧ ପ୍ରବୀଣ। ସେତ ଯୁଦ୍ଧ ବିଦ୍ୟା ଶିଖି ନଥିଲା ।

ଜଗ—ମାନ୍ ତାକୁ ତଯ୍ୟାର କରି ଦେଲେଣି । ମହାପ୍ରବୀଣ, ବୀର ଶିରୋମଣି, ସେନାନାୟିକା ଉପାଧି ଦେଇଛନ୍ତି ତାଙ୍କୁ ।

ପ୍ରତାପ—ମାନ୍ ମହାବୀର ହୋଇ ନିଜେ ଯୁଦ୍ଧକୁ ନ ଆସି ତାହାଙ୍କ ସୁମକୁ ସେନାପତିଭାବେ ଯୁଦ୍ଧକୁ ପଠାଉଛି ?

ଜଗ—ମାନ୍ ପରା ଅହିଂସାଧର୍ମ ଅବଲମ୍ବନ କରିଛି । ସେ ଯୁଦ୍ଧ କରିବ କିପରି ? ସେ ସୁମନ୍ତ ଦ୍ୱାରା ସବୁକାମ ହାସଲ କରିବ । ଆପଣ ପରା କହୁଥିଲେ ଅଛୁବଜାତରେ ଅମ୍ଭ କନ୍ୟା ଦେବୁନାହିଁ । ସେହି ଛଳରେ ସେ ଅଛୁବଜାତ ହୋଇ ଆପଣଙ୍କ ଭଉଣୀ ସୁମକୁ ଆଗେ ବିବାହ କଲେ । ପରେ ରାଜକନ୍ୟାକୁ ନେବେ । ଅଛୁବଜାତର ଠେକ ବାଜାଏ ରଖିବେ । ଆପଣ ଯେଉଁ ମୁଖରେ ତାଙ୍କୁ ଘୃଣା କରୁଥିଲେ ସେହି ମୁଖରେ ତାଙ୍କୁ ଡାକିବେ ଭଗ୍ନୀପତି । ଏହାଠାରୁ ଲଜ୍ଜାର କଥା କଣ ଅଛି ?

ପ୍ରତାପ— ଏ ଅସହ୍ୟ ଘଟଣା ଶୁଣି ମର୍ମ ବିଦାରି ହେଉଛି, କି ଉପାୟ କରିବି ? ସାମାନ୍ୟ ବର୍ଣ୍ଣଅଜାତ ମାନ୍ ଟବ ଏତେ ବଢ଼ି ପଡ଼ୁଛି । ଜଗ ! ଆଜ ସହ୍ୟକାର କଥା ନୁହେଁ, ତମେ ଯାଅ ମୁଁ ଯୁବରାଜଙ୍କ ସହିତ ପରାମର୍ଶ କରେ ।

ଜଗ—ପରାମର୍ଶ କରିବେ, ସମୟ ଅଛି । କିନ୍ତୁ ଦୁର୍ଲଶନ ଦମନ ପୂର୍ବରୁ ଘରଭିତର ଶତ୍ରୁକୁ ଆଗେ ମୂଳପୋଛ କରନ୍ତୁ ।

ସୁମନ୍ତଙ୍କୁ ଏଠାରୁ ପଠାଇଲା କିଏ ? କାହାର ପରାମର୍ଶରେ ସେ ମାନ୍ ଗଳାରେ ବରଣମାଳା ଦେଲା ? ମାନ୍ କାହିଁକି ସୁମନ୍ତଙ୍କୁ ବିଭା ହୋଇଥାନ୍ତା ?

ପ୍ରତାପ—କୁହ ଶୀଘ୍ର ଜଗ ! କିଏ ସୁମନ୍ତଙ୍କୁ ପଠାଇଦେଇଛି ମାନ୍ ନିକଟକୁ । କିଏ ମୋର ସମସ୍ତ ଚେଷ୍ଟା ଅଙ୍କୁର ଜାତ ପଦତଳେ ଲୋଟାଇଦେଇଛି ? ସାରା କ୍ଷତ୍ରୀୟ ଜାତିର ମଥାକୁ ତଳକୁ କରାଇଛି, ସେ ଅଜ୍ଞାନ ରାକ୍ଷସ କିଏ ?

ଜଗ—ଭେଦ ନ ଥିଲେ ବିଦେଶୀ ଲୋକ କେହୁ ରାଜଗଡ଼େ ପଶି ପାରନ୍ତେ ନାହିଁ, ରାଜକର୍ମଚାରୀ ମାନଙ୍କର ବୁଦ୍ଧି କିଣି ପାରନ୍ତେ ନାହିଁ, ତାର ଭେଦ ଅଛନ୍ତି ଆମ ରାଜପୁରରେ ସେହି ଭେଦର ପରାମର୍ଶରେ ମାନ୍ ନେଇଛି ସୁମନ୍ତଙ୍କୁ । ଆପଣ ରାମାୟଣ ଶୁଣିନାହାନ୍ତି ? ରାବଣ ମହାବଳିଷ୍ଠ ହୋଇ ସାମାନ୍ୟ ମର୍କଟ ସେନାଙ୍କ ଦ୍ୱାରା ପରାସ୍ତ ହେଲା । ସ୍ୱର୍ଣ୍ଣମୟ ଲଙ୍କାଗଡ଼ ସହ ନିଜ ଜୀବନ ହରାଇଲା, ତାହା କାହାଯୋଗେ ହେଲା ? ବିଭୀଷଣ ଯୋଗେ ରାମଚନ୍ଦ୍ର ଜୟୀ ହେଲେ । ତୁମେତ ରାବଣଠାରୁ ବଳିଷ୍ଠ ନୁହଁ, ତୁମେ ଅନାୟାସେ ପରାସ୍ତ ହେବ । ଆଗେ ନିଜ ଘରଭିତରେ ଶତ୍ରୁଙ୍କୁ ମୂଳ ପୋଛ କଲେ ସବୁ ଗୋଳମାଳ ମେଣ୍ଟିଯିବ ।

ପ୍ରତାପ—ସେ କିଏ ? ରାଜପୁରର ଯାବତୀୟ ଛିଦ୍ର ଶତ୍ରୁ କାନରେ କହୁଛି ?

ଜଗ—ସେ ହେଉଛି "ବୁଢ଼ୀ ଧାଈମା" ଆପଣ ବିଶ୍ୱାସ କରନ୍ତୁ ବା ନ କରନ୍ତୁ ।

ପ୍ରତାପ—ଜଗ ! ତୁମେ ଯାଅ ଶଙ୍କରପୁରକୁ, ମୁଁ ଯାଉଛି ସୁମନ୍ତକୁ
ହତ୍ୟା କରି ନିଜର ମାନ ବଞ୍ଚାଇ ରଖେ, ଲୋକର ଦେଖ
ଅନ୍ତଃପୁରରେ ଥିବୁ ପରେ ଧାଇମା କଥା ଜଣାଇ ହେବ ॥

ଜଗ—ଆଗେ ଧାଇମାକୁ ହତ୍ୟା କରନ୍ତୁ । କାରଣ ବୃଷର ମୂଳ
ହେଉଛି ଧାଇମା, ତାହାର ଗଳା ଆଗେ କର୍ତ୍ତନ କରିବା
ଆବଶ୍ୟକ ।

ପ୍ରତାପ—ତେବେ ଜଗ ! ତୋର ବାକ୍ୟ ମାନି ଆଗେ ଯାଉଛି
ଧାଇମାକୁ ହତ୍ୟା କରିବା । ପରେ ଯିବ ସୁମନ୍ତପୁରକୁ ॥

( ପ୍ରସ୍ଥାନ )

( ଧାଇମା ଓ ରମାର ପ୍ରବେଶ )

ଧାଇମା—ରମା ! ତମେ ଶାନ୍ତିରେ ଅଛ ? ଆଉ ପ୍ରତାପ ପାଇଁ
ମନରେ କିଛି ଦୁଃଖ ହେଉଛି କି ?

ରମା—ଅଚ୍ଛା ମା' କୁହନି ସେ ଦିନ ପ୍ରତାପ କାନରେ କଣ କହୁଥିଲ

ଧାଇମା—ପ୍ରତାପ ମୋତେ ପଠାଇଥିଲା ବିଦର୍ଭ ଦେଶ ରାଜକନ୍ୟା
ନିକଟକୁ । ଦିନପଟେ ହୋଇଥିଲା ତାହାର, ବିଦର୍ଭ ରାଜକନ୍ୟା
କହୁଥିଲେ ଗୋଟିଏ ଗୁପ୍ତକଥା । ତାହା ମୁଁ ପ୍ରତାପକୁ
କହିଲି ।

ରମା—ସେ ଗୁପ୍ତକଥାଟି କଣ ?

ଧାଇମା—ତାହା କହିଲେ ବଡ଼ ଖରାପ ହେବ, ତାହା କହିବିନାହିଁ

ରମା—ମୋ ଉପରେ ତମର ସ୍ନେହ ନାହିଁ ଧାଇମା ?

ଧାଇମା—ସ୍ନେହ ନାହିଁ ଯଦି ମୁଁ ଏଠାକୁ ଆସିଲି କାହିଁକି ?

ରମା—ସେ ଗୁପ୍ତ କଥାଟି କିନ୍ତୁ ମୁଁ କାହାକୁ କହିବ ନାହିଁ ।

ଧାଇମା—ତେବେ କହୁଛି, ବିଦର୍ଭର ରାଜକନ୍ୟା ଭାନୁମତି କହିଲା ପ୍ରତାପର ଅଯୋଧ୍ୟା ରାଜକନ୍ୟା ରମା ସହିତ ଗୁପ୍ତ ପ୍ରେମ ଅଛି, ସେ ଯଦି ରମାକୁ ହତ୍ୟା କରିବ ତେବେ ମୁଁ ତାଙ୍କୁ ବାଛିନେବି । ତାହା ନ ହେଲେ ରମା ମୋହର ସପତ୍ନୀ ହୋଇ ରହିବ ।

ରମା—ଅଚ୍ଛା ଅଚ୍ଛା ଧାଇମା ! ମୁଁ ଏଇକଥା ଭାବିଥିଲି । ପ୍ରତାପ ଯେ ମୋ ପ୍ରତି ଏତେ ସ୍ନେହ ଦେଖାଉଥିଲା ମୋତେ ହତ୍ୟା କରିବାକୁ ? ତେବେ ତୁମେ ଯାଅ, ମୁଁ ତାର ପ୍ରତିଶୋଧ ନେଉଛି ।

ଧାଇମା—ମାଲୋ ମା, କହିତ ଦେଲି, ଏକଥା ଯଦି ପ୍ରତାପ ଶୁଣିବ ମୋ ଦଶା କଣ ନ ହେବ । ଅଛଟକେ ମୋର ଜୀବନ ନେବ ।

ରମା—ଭୟ ନାହିଁ ଧାଇମା ! ତୋର ସେ କିଛି କରିପାରିବ ନାହିଁ, ମୁଁ ଅଛି ତୋତେ ରକ୍ଷା କରିବାକୁ । ମୁଁ ତାକୁ କି ଉପାୟରେ ହତ୍ୟା କରିବି କହନା ?

ଧାଇମା—ତୁ ପୂର୍ବପରି ସରଳ ହୋଇପିବୁ । ଛଳେମାନ୍ୟ ରାଗ ତୋ ଦେହରେ ରଖିବୁ ନାହିଁ । ପୂର୍ବପରି ସ୍ନେହ ମମତା ଢାଳି ପକାଇବୁ ତା ଉପରେ । ସେ ଯେତେବେଳେ ହେଉ ତୋର ଅଯୁତ ହତ୍ୟା କରିବୁ ନିର୍ଭୟରେ । କଦାପି ଭୟ କରିବୁନାହିଁ । ମୋ କଥାଟି ଖୁବ୍ ମନେ ରଖିଥିବୁ ।

ରମା—ତେବେ ଯା ଧାଇମା ! ପରେ କଥାବାର୍ତ୍ତା । ପ୍ରତାପକୁ ମୋ ନିକଟକୁ ପଠାଇଦେବୁ । (ପ୍ରସ୍ଥାନ)

## — ଚତୁର୍ଥ ଦୃଶ୍ୟ —

( ପ୍ରତାପର ପ୍ରବେଶ )

ପ୍ରତାପ—ଯାଉଛି, ଆଗେ ଧାଈମାକୁ ହତ୍ୟା କରେଁ । ଏହିଠି ଧାଈମା ନା କିଏ ଅଛନ୍ତି । (ଖଣ୍ଡାଉଠାଇ)

ଧାଈମା—ଏ କଣ ? ପାଗଳ ହେଲୁକି ପ୍ରତାପ !

ପ୍ରତାପ—ଆଉ ତୋକଥା ଶୁଣିବି ନାହିଁ । ଧାଈମା ତୁ ବଡ କୁଟିଳା ମୋର ସର୍ବନାଶ କରିଛୁ ।

ଧାଈମା—ହଁ ମୁଁ ଯେ ରମାକୁ ବହୁକଷ୍ଟରେ ତୋର ସପକ୍ଷକୁ ଆଣିଛି ତୋ ପ୍ରତି ଯେତେବେଳେ ସେ ତା ମନରୁ ଉଭେଇ ଯାଇଛି ତେବେ ତୁ ମୋତେ ହତ୍ୟା ନ କଲେ ଚଳିବ କିପରି ? ଅଚ୍ଛା ହେଉ ପ୍ରତାପ, ତୁ ଯେଉଁଥିପାଇଁ ପାଗଳ ହୋଇ ମୋତେ ହତ୍ୟା କରିବାକୁ ଧାଇଁଛୁ; ଏତେ ବ୍ୟସ୍ତ କାହିଁକି ? ତୁ ରମାକୁ ପାଇପାର । ରମାର ତୋର ମିଳନ ହୋଇଯାଉ, ତାପରେ ମୋତେ ହତ୍ୟା କରିବୁ । ତୁ ତାର ହେବୁ, ସେ ତୋର ହେବ । ତାପରେ ବୃଦ୍ଧୀଟା ମରିଗଲେ କ୍ଷତି ନାହିଁ ।

ପ୍ରତାପ—ବଡ ଆଶ୍ଚର୍ଯ୍ୟ କଥା କହୁଛୁ ଧାଈମା, ତୁ କଣ ମୋର ହିତରେ ଅଛୁ ?

ଧାଈମା—ତାହାକୁ ଜାଣିବୁ କିପରି ? ଯେତେବେଳେ ରମାର ତୋର ପୁନର୍ମିଳନ ହେବ ସେତେବେଳେ ଜାଣିବୁ ଧାଈମା ତୋର ହିତରେ ଅଛି କି ଅହିତରେ ଅଛି ।

ପ୍ରତାପ—ଆଚ୍ଛା ଧୀରମା, ସତ କୁମାର ସୁରଥଙ୍କୁ କିଏ ପଠାଇଥିଲା ମାନଙ୍କୁ ଲକ୍ଷ୍ୟଭେଦିବା ପାଇଁ ?

ଧୀରମା—ସୁମନ୍ତ ନିଜେ ଯାଇଥିଲେ । ସେ ମୋର ମତ ନେଇଥିଲେ, ମୁଁ ତାଙ୍କୁ ମାନଙ୍କୁ ବିବାହ କରିବା ସମ୍ପର୍କରେ ମତ ଦେଇଥିଲି ତୋ'ଲାଗି ?

ପ୍ରତାପ—ମୋ'ଲାଗି କାହିଁକି ?

ଧୀରମା—ରମା ମନର ଗତି ବୁଝିଅଛେ ଥିଲା । ମୁଖ୍ୟଗତଥିଲା ମାନଙ୍କୁ ବରଣମାଳା ଦେବାପାଇଁ—ଅନ୍ୟ ଗତିଟି ତୋ ପ୍ରତି । ତେଣୁ ସେ ସମ୍ପୂର୍ଣ୍ଣ ତୋର ଅଧିକାରକୁ ଅସୁନଥିଲା । ତୁ ଭଲ ଦେଖ, ଏମାନ କଥାବାର୍ତ୍ତାରୁ ବୁଝିଥିବୁ । ସେ ପିତାଙ୍କର ସତ୍ୟଭଙ୍ଗ ସମ୍ପର୍କରେ କେତେ ଅନୁତାପ କରୁଥିଲା ମାନଙ୍କର ସୁନ୍ଦର ରୂପ, ଅଶ୍ରୁ ଭଗ୍ନ ଓ ବୀରପଣିଆ ଟାଣି ନେଉଥିଲା ରମା ମନକୁ ଆହୁରି । ଗୋଟିଏ କଥା ଥିଲା । ଅଟଳ ପ୍ରତିଜ୍ଞା ଥିଲା ମାନଙ୍କର ଓ ତା ମା ରଙ୍ଗ ଲ ମନରେ ରମାକୁ ନେବେ ଅଧିକାରକୁ । ଏହିସବୁ ଘଟଣା ଗତି-କରୁଥିଲା ପ୍ରତ୍ୟେକଙ୍କ ମନରେ । ବିଜୟ ନଗରରେ ନିଜ ଉଦ୍ଦେଶ୍ୟ ସାଧନ ପାଇଁକୁ । ତାହା ସବୁ ଗୋଟିଏ ସାମାନ୍ୟ କୌଶଳରେ ଶେଷ ହେଲା । ସୁମନ୍ତ ଚାଲିଲା ମାନଙ୍କ ରମା ହେଲା ପ୍ରତାପର । ସବୁପୂରରୁ ସବୁ ଆନ୍ଦୋଳନ ଲିଭିଗଲା । ତାଙ୍କ ର ସ୍ପ୍ରାଙ୍କୁ ଲ : କୁ କଦାପି ତୋମାକୁ ଆବଶ୍ୟକ ନ ଥାଉ । ସବୁ ନେଇ ନକୁଆ ନେଉଥିଲା ଅସି ଚୁଲ୍ଲିରେ ବ୍ୟାପାର ଲଗାଇ ଥାନ୍ତେ ।

ପ୍ରତାପ—କେତେ ଜାଣାର କଥା ହେଲା । ମୋର ଭଉଣୀ ସୁମନ୍ତ ସାଥ ଜାଉଁକୁ ଗଲା ।

ଧାଇମା—ସେ ତ ନିଜ ଇଚ୍ଛାରେ ଗଲା । ତୁ ସିନା ସୁମନ୍ତକୁ ବାନ୍ଧି ଥାନ୍ତୁ, ତା'ର ମନକୁ ବାନ୍ଧି ପାରନ୍ତୁ ନାହିଁ । ତା ଭାଗ୍ୟରେ ଯାହାଥିଲା ତାହା ସେ ପାଇଲା ।

ପ୍ରତାପ—ମୋର ବର୍ତ୍ତମାନ କର୍ତ୍ତବ୍ୟ ହେଲାଣି ସୁମନ୍ତକୁ ହତ୍ୟାକରିବା ସୁମନ୍ତ ହତ୍ୟାହେଲେ ମୋତେ ଆଉ ଦୁର୍ନାମ ଭୋଗିବାକୁ ପଡ଼ିବନାହିଁ । ଦେଶରେ ଅତ ଜାଣାରଟନା ହେବନାହିଁ ।

ଧାଇମା—ଆଗେ ରମାକୁ ନିଜ ଅଧିକାରକୁ ଆଣି ପରେ ସୁମନ୍ତକୁ ଦଣ୍ଡ ଦେବୁ ।

ପ୍ରତାପ—ଆଜ ମୁଁ ରମା ପୁରକୁ ଗଲେ ରମା ମୋତେ ପୂର୍ବପର ଆଦର କରିବତ ?

ଧାଇମା—ଠିକଏମାନ ସନ୍ଦେହ ନାହିଁ । ତା' ମନରେ ନାହିଁ ସେ ରାଗର ଚିହ୍ନମାନ ।

ପ୍ରତାପ—ଅରେ ମୁଁ ଯାଇ ବଡ ଅପଦସ୍ତ ହୋଇଛି ଧାଇମା ! ରମାଙ୍କୁ ପୁରକୁ ପୁଣି ଯିବି କପରି ? ପ୍ରହରୀମାନେ ଗୁହପଟେ ଜଗିଥିବେ ।

ଧାଇମା—ଅଚ୍ଛା, କାଲି ଯିବାକଥା ସାରକର । ମୁଁ ରମାପାଖକୁ ଯାଇ ସମସ୍ତ ସୁବିଧା ବ୍ୟବସ୍ଥା କରି ତମକୁ କହିବି ।

(ପ୍ରତାପର ପ୍ରସ୍ଥାନ ପରେ ଧାଇମା'ର ପ୍ରସ୍ଥାନ)

ଧାଇମା—(ଧାଇମାଫେରିଆସି) ରୋଟିଏ କଥାଅଛି— "ଅସିଥିଲାବଣ ଡେଙ୍ଗରେ ପଡିଗଲା ବଉଳଜରେ" । 'ସତକୁ ସତ ପ୍ରତାପ ଅଙ୍କ ମୋତେ ହାଣି ପକାଇଥାଅନ୍ତା । ମୋର କୌଶଳତ

କିନ୍ତୁ ତମେନୁହେଁ ? ନିଜକୁ ରକ୍ଷା କରିବାକୁ ମୁଁ ଯେଉଁ କୌଶଳ କରୁଛି ତହିଁରେ ପ୍ରତାପ ମାରିବାକଣ ? ନିଜେ ମରିବ ।

— ପଞ୍ଚମ ଦୃଶ୍ୟ —

( ମାନୁ ଓ ସୁମନ୍ତ ପ୍ରବେଶ )

ମାନସିଂହ—ସୁମ, ତମ ରାଜପୁରକଥା ତମର ମନେ ପଡୁଛିନା ? କୁହନି, ରାଜପୁର ଠାରୁ ଅଧିକ ଶାନ୍ତି ଲାଭ କରୁଛ କି ଦୁଃଖ ଭୋଗ କରୁଛ ?

ସୁମନ୍ତ—ରାଜପୁରେ ଥାଏ ନାହିଁ ଏ ସୁଖ ଶାନ୍ତି । ବନର ଦୃଶ୍ୟ କି ମନୋହର, ସୁଶୀତଳ ଧୀର ପବନ ହରିନିଏ ସବୁ କଷ୍ଟ. ଭରିଦିଏ କିଅନନ୍ଦ ହୃଦୟରେ । ପୁଷ୍ପଗନ୍ଧ ବହିଆଣି ଅଯାଚିତେ ଦେଉଅଛି ବାଣ୍ଟି ।

ମାନସିଂହ—ସେଥିପାଇଁ ବୋଧହୁଏ ରାଜପୁରକଥା ମନେପଡୁନାହିଁ

ସୁମନ୍ତ—ମନେ ପଡୁଛି କେବଳ ରମା କଥା । ରମାର ବିବାହ ସମ୍ବନ୍ଧେ କଣହେଲା ତାହା ଜଣାଗଲା ନାହିଁ ।

ମାନସିଂହ—ରମା ପ୍ରତାପକୁ ବିଭା ହୋଇନାହିଁ ବୋଲି ମୋତେ ବୋଧ ହେଉଛି । ତାହା ହୋଇଥିଲେ ଜଣା ପାରନ୍ତାନି ।

ସୁମନ୍ତ—ଆପଣ ଜାଣିବେ କିପରି ? ବହୁଦିନ ହେଲା ଆମେତ ରାଜ-ପୁର ଛାଡି ଚାଲିଆସିଲେ ରାଜପୁରରୁ ବି କିଛି ଖବର ମିଳିଲା ନାହିଁ । ପୁଣି ଅନ୍ୟ ଗୋଟିଏ କଥା ମନେ ପଡୁଛି,

ଲକ୍ଷ୍ମୀନାରାୟଣଙ୍କ ପ୍ରାଣାନ୍ତ ଉତ୍ପାଦନ ହେଉଛି କି କଣ ତାହାର ମଧ୍ୟ ସମ୍ବାଦ ମିଳିଲା ନାହିଁ ।

ମାନସିଂହ—ଗାଜପୁର ଆନ୍ଦୋଳନ ଲଭିନାହିଁ । ପ୍ରତାପ ଉପୃଙ୍କର ଅତ୍ୟାଚାର ହୋଇ ଗାଜପୁର ନରନାରୀଙ୍କ ମନରେ ଘୋର ଆଶଙ୍କା ଦେଇଛନ୍ତି । ସ୍ୱାଧୀନତା ଲୁଣ୍ଠିଯାଉନାହିଁ ! ତାର ମନରୁ ।

ସୁମତି—କାହିଁକି ଏପରି ଅତ୍ୟାଚାର ଦଗଡେ ଗଢିକରୁଛନ୍ତି ସେ ?

ମାନସିଂହ—ରମାର ତାର ଉପୃଙ୍କର ଭୁଟେ ମନୋମାଳିନ୍ୟ ଘଟିଛି । ରମା ତାର ଜୀବନ ପର୍ଯ୍ୟନ୍ତ ନେବାକୁ ବସିଛି ।

ସୁମତି—ଆପଣ କିପରି ଏ ସମସ୍ତ ବିଷୟରେ ସମ୍ବାଦ ପାଇଲେ ?

ମାନସିଂହ—କାଲି ରାତିରେ ଶ୍ରୀ ଲକ୍ଷ୍ମୀନାରାୟଣ ମୋତେ ସ୍ୱପ୍ନରେ ସବୁ କହିଦେଇଛନ୍ତି ।

( ପ୍ରତାପ ପ୍ରବେଶ )

ପ୍ରତାପ—ନମସ୍କାର ଭାଇ,

ମାନ୍—ଆପଣ କିପରି ଏ ଅଭାଗା ସାନ୍ତାଳ ପଲ୍ଲୀକୁ ଆସିଲେ ?

ପ୍ରତାପ—ଆସିଲି ତୁମକୁ ସାକ୍ଷାତ କରିବାକୁ ।

ସୁମତି—ଭାଇ ନମସ୍କାର

ପ୍ରତାପ—ଖୁସିହୋଇଛି ସୁମ, ଦେଖି ତୁମର ସୁସଜ୍ଜିତ ପୁରପଲ୍ଲୀ ଗୋଟି ଖେଳୁଛି ତୁମ ମନରେ ଅପୂର୍ବ ପୁଲକ । ଶାନ୍ତି ମୟୂଖମ ଏ ତୁମର ସ୍ୱର୍ଗପୁର ପରି ବହୁଛି ଏ ସ୍ଥାନରେ ସୁଖ ମନ୍ଦାକିନୀ ଶାନ୍ତିନୀରେ ଭସି ଇନ୍ଦ୍ର ଇନ୍ଦ୍ରାଣୀ ପରିସ୍ତୁ ଭୋଗୁଛ ଆନନ୍ଦ ତୁମେ ଦୁଇଜଣ କାନନ ବକ୍ଷରେ । ଅଭିପୂର୍ଣ୍ଣ ପକ୍ଷୀବାଲା

ମାନେ ଢାଳୁଛନ୍ତି ଭକ୍ତିଶୂନ୍ୟ ତମ ପଦ ଦେବେଶ । ସବୁ ଶୋଭା ଠୁଳ ଏ ସ୍ଥାନରେ ।

ମାନ୍—ଉମା ତମେ ତମ ଭାଇଙ୍କର ଖାଦ୍ୟ ପେୟ ବନ୍ଦୋବସ୍ତ କର ମୁଁ ଫେରି ଆସୁଛି ।

ସୁମତି—ରାଜପୁରର ଖବର କଅଣ ?

ପ୍ରତାପ—ଖବରଟା ସେତେ ଭଲ ନୁହେଁ ।

ସୁମତି—ରାଜାବନ୍ୟାଶ୍ରମରୁ ଫେରିଲେଣି ନା ?

ପ୍ରତାପ—ନା ଫେରିନାହାନ୍ତି ।

ସୁମତି—ରାଜଜେମାଙ୍କର ବିବାହ ଖବର କଅଣ ?

ପ୍ରତାପ—ବିବାହ ହୋଇନାହିଁ ।

ସୁମତି—ଶ୍ରୀ ଲକ୍ଷ୍ମୀନାରାୟଣଙ୍କର ନୀତି ଚାଲିଛି ନା ?

ପ୍ରତାପ—ଚାଲିଛି

ସୁମତି—ଉମା ଶାନ୍ତିରେ ଅଛି ?

ପ୍ରତାପ—ଉମା ସହିତ ମୋର ଅଭାବ ଜାଣିଛି ।

ସୁମତି—ଆପଣ କେଉଁ ଉଦ୍ଦେଶ୍ୟରେ ଏ ଭାତୃଦ୍ରୋହିଣୀ ନିକଟକୁ ଆସିଛନ୍ତି ।

ପ୍ରତାପ—ଆସିଛି ମୁଁ ତୋତେ ହତ୍ୟା କରିବାକୁ । ମୁଁ ତୋହର ଭାଇ ନୁହେ ତୋର ଶତ୍ରୁ । ଭାରତର କ୍ଷତ୍ରିୟ ଜାତିର ଟେକ ରଖିବାପାଇଁ ମୁଁ ଆଜି ତୋତେ ବଳିଦେବି ବନଚଣ୍ଡୀ ଆଗେ ଉଦ୍ଧାରିବାକୁ ଅଶୁଭ ଗାଧିର କବଳରୁ ମୋର ଜାତିଜାତିର ମାନ ମହତକୁ ।

ସୁମତି—ମୋ ପାଇଁ ତମର ଜାତିର ଗୌରବ ରକ୍ଷା ହେବାର ଆଶା ତେବେ ଅବାଧରେ ମୋର ପ୍ରାଣ ବିନାଶ କରନ୍ତୁ ଭାଇ ।

ପ୍ରତାପ—ରେ କଳଙ୍କିନୀ ଗୋଟାଏ ଜାତକାତର ଟେକ ସାମାନ୍ୟ ଅସବର୍ଣ୍ଣ ଜାତର ପଦଦଳିତ କରାଇଲୁ । ଏପରି କଳଙ୍କିନୀ ଶୀଘ୍ର ଏ ପୃଥିବୀରୁ ବିଦାୟ ନେ ।

(ଗଳାକଟିବା ସମୟରେ ଖଣ୍ଡା ଅସ୍ଫାଳନବେଳେ ବୃହତ ସାର୍ଦ୍ଦୂଳର ଗର୍ଜନ ପ୍ରତାପଭୟ ବେଗେ ପଳାୟନ ସୁମତିର ଅଚେତନ ଅବସ୍ଥା ମାନୁ ଧାଇଁ ଆସେ )

ମାନୁ—ରମା, ରମା, ରମାର ଅଚେତନ ଅବସ୍ଥା କାହିଁକି ?

ରଙ୍ଗେଇ—ମାନୁ, ମାନୁ, ମୋର ରମା କାହିଁ । କିଏ ମାରିଲା ମୋର ରମାକୁ । ଛାଡଦେ ମୋତେ ଯାଏ ସେହି ରାଜପୁରକୁ ମନ୍ତ୍ରୀପୁଅ ପ୍ରତାପର ପ୍ରାଣ ନେବି ତାର ରକ୍ତ ପିଇବି । ଆସିଥିଲା ସେହି ଅବିଶ୍ୱାସ ଘାତକ ହତ୍ୟା କରିବାକୁ ମୋର ରମାକୁ । ଖଣ୍ଡା ପଡ଼ିଛି ଦେଖ ତାର ନିକଟେ । କେଜାଣେ କି ଅଦ୍ଭୁତ, କାହିଁ ହତ୍ୟା ନ କରି ପଳାଇଛି । ତାର ଛୁରିଘାତରେ ମୋର ରମା ଅଚେତନ ହୋଇଛି ।

ମାନୁ—ଦେବୀପ୍ରଭାଏ ନାରାୟଣ ତାକୁ ରକ୍ଷା ଦେଇଛନ୍ତି । ରମା ମରିନାହିଁ, ନିଶ୍ଚୟ ବଞ୍ଚିବ ମା ବ୍ୟସ୍ତହୁଅନାହିଁ । ଚାଲ ଏହାର ସୁଚିକିତ୍ସା କରିବା ।

## —ଅଷ୍ଟମ ଅଙ୍କ—

### ପ୍ରଥମ ଦୃଶ୍ୟ

( ଧାଇମା ଓ ପ୍ରତାପର ପ୍ରବେଶ )

ପ୍ରତାପ—ରମାପୁରକୁ ଯାଇଥିଲ ଧାଇମା'

ଧାଇମା—ତୋମ୍ଭରିପାଇଁ ମୋର ସବୁଟିବଳେ ଚିନ୍ତା ରମା ଯେ ତୋହର ପଥ ଚାହିଁରହିଛି । ସେ ରାଗ ତା ମନରୁ ଉଭାଇ ଯାଇଛି । ପୂର୍ବସ୍ନେହ ପୂର୍ବ ମମତା ଫେର ଆସିଛି ତାର ମନକୁ ।

ପ୍ରତାପ—ସତେ କଅଣ ରମା ମୋତେ ପୂର୍ବପର ଆଦର ଦେଖାଇବ ତେବେ କେଉଁଦିନ ରମାପୁରକୁ ଯିବା କଥା ସ୍ଥିରହେଲା ।

ଧାଇମା—ଆଉ କଅଣ ଦିନ ଗଣାଇବାକୁ ବେଳଅଛି । ତୋ ପାଇଁ ରମାକୁ ପଲ ନିଦ ନାହିଁ । ଆଜ ଯିବାକଥା ସ୍ଥିର ହୋଇଅଛି । ତୁ ଆଜ ରାତରେ ରମାପୁରକୁ ଯାଇ ରମା ସହିତ ମଧୁର ସମ୍ଭାଷଣରେ ତୋର କାମନା ତୃପ୍ତି କର ।

ପ୍ରତାପ—ତେବେ ଧାଇମା ମୋର ବିଦାୟ ମୁଁ ଯାଉଛି ।

[ଉଭୟ ଚାଲିଗଲେ]

### ଦ୍ୱିତୀୟ ଦୃଶ୍ୟ

( ଧାଇମା ଯୁବରାଜ ପ୍ରବେଶ )

ଯୁବରାଜ—ଖବର କଣ ଧାଇମା ।

ଧାଇମା—ଧାଇମାର ସବୁ ଭଲଥିବ । ଧାଇମା କପରକୁ ଯେତେ-

ବେଳେ ବିପଦାଶଙ୍କା ଆସିବ ସେତେବେଳେ ତୁମେ ସବୁ ଅଲଗା ।

ଯୁବରାଜ—ଭୟନାହିଁ ଧାଇମା ତୁମର ବିପଦ କଅଣ ? ମୁଁ ଖୁବ୍ ଅଭୟ ଦେଉଅଛି ତୁମର କିଛି କ୍ଷତି ହେବନାହିଁ ।

ଧାଇମା—ଆଗରୁ ମୁଁ ରମା କଥା କହିଥିଲି । ଆଜି ପ୍ରତାପ ରମା ପୁରକୁ ଯିବ । ତମ ସଜାଳରେ ରୁହ ରମା ଇସିରା ଦେଲାକ୍ଷଣି ତମେ ପ୍ରତାପକୁ ଦେଇ ଯିବ ଏବଂ ଚାହିଁ ରହିବ । ରମା ଅନିଚ୍ଛାରେ ପ୍ରତାପ ଯେ ତାର ସତୀତ୍ୱ ଧନକୁ ନଷ୍ଟ କରିବାକୁ ବସିଛି ତହିଁରେ ତୁମର ପ୍ରତିକାର ଦରକାର । ତାହାବିଯୋଗେ ଯେ ତୁମର ରାଜପୁର ଧ୍ୱଂସ ଅବସ୍ଥାକୁ ଗଲାଣି । ଦେଖିବ ପ୍ରତାପ ବଳାତ୍କାରରେ ରମାର ପ୍ରେମ ସୁଧା ଭୋଜନ କରିବାକୁ ଉଦ୍ୟତ ହେବ । ତୁମ୍ଭେ ମୁହୂର୍ତ୍ତେ ବିଳମ୍ବ ନକରି ସେଠାରେ ରମାର ଇସିରା ମାତ୍ରକେ ଉପସ୍ଥିତ ହେବ । ସେତକ ନକଲେ ରମାର ସର୍ବନାଶ ଘଟିବ ।

ଯୁବରାଜ—ଅଚ୍ଛା ଧାଇମା ତୁମେ ବିଶ୍ରାମ ନିଅ ମୁଁ ଯାଉଛି ରାଜ ଫୌଜମାନଙ୍କୁ ନେଇ ରମା ପୁର ନିକଟରେ ଗୁପ୍ତଭାବେ ରହିଥିବି ।

ଧାଇମା—ହଁ ଆଉ ଗୋଟିଏ କଥା ତୁମକୁ ନଦେଖିଲେ ଯେ ପ୍ରତାପ ରମା ପୁରକୁ ଯିବନାହିଁ । ସେ ରମା ପୁରରେ ପ୍ରବେଶପରେ ଏ କଥା ?

[ସର୍ଦ୍ଦାର ପ୍ରବେଶ]

ସର୍ଦ୍ଦାର—ନମସ୍କାର ଯୁବରାଜ

ଯୁବରାଜ—ତୁମେ କେଉଁଠାରୁ ଆସିଲ ?

ସର୍ଦ୍ଦାର—ମୁଁ ଆସିଲି ମାନସିଂହ ରାଜ୍ୟ "ନୀଳକନ୍ଦରରୁ" ।

ଯୁବରାଜ—ତୁମକୁ କଣ ମାନସିଂହ ପଠାଇଛନ୍ତି ?

ସର୍ଦ୍ଦାର—ହଁ ମୋତେ ମାନସିଂହ ପଠାଇଛନ୍ତି ।

ଯୁବରାଜ—ଖବର କଅଣ ?

ସର୍ଦ୍ଦାର—ଖବର କିଛି ଭଲନୁହେଁ । ବଡଦୁର୍ଘଟଣା ଘଟିଛି ମାନସିଂହ ପଲ୍ଲୀରେ ।

ଯୁବରାଜ—ଦୁର୍ଘଟଣା କଅଣ ?

ସର୍ଦ୍ଦାର—ଆପଣଙ୍କର ମନ୍ତ୍ରୀ ପୁତ୍ର ପ୍ରତାପ ମାନସିଂହ ପୁରକୁ ମନ୍ତ୍ରୀ-କନ୍ୟା ସୁମତିକୁ ଦେଖା କରିବାକୁ ଯାଇଥିଲେ । ବହୁ ଆରାଧନା ଓ ସମ୍ମାନିତ ହୋଇ ବହୁ ଘଣ୍ଟେ ରହିଲେ ଦିନେ ମାନସିଂହ ଗଲେ ଗ୍ରାମସଂଗଠନ କର୍ମରେ । ଏହି ଅବସରରେ ପ୍ରତାପ ହତ୍ୟା କଲେ ନିଜ ଭଗ୍ନି ସୁମତିକୁ ସେତେବେଳରେ ଥିଲେ ନାହିଁ ଯେ ଏକାଧିପ୍ର ଚାମ ଶେଷ ଭବ ପଳା-ୟନ କରିଛନ୍ତି ।

ଯୁବରାଜ—ସୁମତି କଅଣ ହତ୍ୟା ହୋଇଛି ?

ସର୍ଦ୍ଦାର—ହତ୍ୟା ଜନ୍ତଣାଠାରୁ ଅଧିକ ଦୁଃଖ ଭୋଗୁଛି ସୁମତି । ପ୍ରତାପର ଖଣ୍ଡା—ଅଘାତଟି ଭେଦଅଛି ତାଙ୍କ ବାହୁଦେଶ-ରେ ।ଭାଗ୍ୟବଶତଃ ସୁମତି ଜୀବନରେ ଅଛି ।ଆଜକୁ ଦୁଇ ଦିନ ହେଲା ଅଚେତନ ଅବସ୍ଥାରେ ପଡି ରହିଅଛି ।

ଯୁବରାଜ—ପ୍ରତାପର ଖଣ୍ଡାଟି ତାର ଗଳାରେ ନଭେଦି ବାହୁଦେଶରେ ଭେଦିବାର କାରଣ କଣ ହେଲା ।

ସର୍ଦ୍ଦାର—ଈଶ୍ବରଙ୍କ ଲୀଳା ବଡ ବିଚିତ୍ର ।ପ୍ରତାପ ସୁମତୀର ଗଳା ଦେଶ ନିର୍ଦ୍ଦେଶ କରି ଖଣ୍ଡା ପ୍ରହାର ବେଳେ ଶୁଭିଲା ଭୟଙ୍କର ସାର୍ଦ୍ଦୁ-

ଲ ଗର୍ଜନ । ଠିକ ସେତିକ ବେଳେ ଅଗ୍ନିର ମହାବଳ ଦୋଷ ଉପ୍ପରେ ଚମକ୍କ ଉଠନ୍ତି ନାରକୀ । ଲକ୍ଷ ଭୀଷ୍ମ ନହେଲ ଖଣ୍ଡ ପ୍ରାଣ ଭୟରେ ପଳାୟନ କଲ ସ୍ୱସ୍ତହେ ।

ଯୁବରାଜ—ଜଣାପଡୁଛି ତାର ସବୁ କୁନୀତି । ସେ କେତେ ଷଡ଼ଯନ୍ତ୍ରମାନ ଅଙ୍କନ କୋଉଛି । ତାର ପ୍ରତିକାର ମୁଁ କରୁଛି । ମାନସିଂହଙ୍କୁ କୁହ ସେ ସୁମତିଙ୍କୁ ଯତ୍ନରେ ଆରୋଗ୍ୟ କରନ୍ତୁ ।

ସର୍ଦ୍ଦାର—ତେବେ ମୋର ବଦାୟୁ କନ୍ତୁ ଅପଣ ଖୁବ୍ ସର୍ତ୍ତକରେ ଥିବେ ପ୍ରତାପଙ୍କୁ କଦାପି ବିଶ୍ୱାସ କରିବେ ନାହିଁ । ସେରମାଙ୍କୁ ଅଧିକାର କରିବା ଉଦ୍ଦେଶ୍ୟରେ କେତେ ଜଘନ୍ୟ କାମ କରିଯାଉଛି । ଆପଣଙ୍କର କଣ୍ଟକ ହେବ । କଣ୍ଟା ବୃକ୍ଷକୁ ଛେଦନ କରିବା ଆବଶ୍ୟକ ସେତିକି ସର୍ତ୍ତକ ପାଇଁ । ଓ ପ୍ରତାପର ମନଗତ କେଉଁ ଦଗକୁ ଏହା ଜଣାଇବା ପାଇଁ ମାନସିଂହ ପଠାଇଥିଲେ ।

ଯୁବରାଜ—ମୁଁ ତାହା କେଶ ବୁଝି ପାରୁଛି । ସେ ପ୍ରତାପକ ମୋର ଜୀବନ କଣ୍ଟକ ହେବ । ସେ ଯେଉଁ ହତ୍ୟା ନୀତି ଅନୁସରଣ କରୁଛି । ସେ ଯେଉଁ ଅଭିବ୍ୟୁହ ସର୍ଜନା କରୁଛି ସେ ନିଜେ ସେହି ବ୍ୟୁହରେ ପଡ଼ି ନିଜେ ହତ୍ୟା ହେବ ।

ସର୍ଦ୍ଦାର—ମୁଁ ଶୁଣୁଛି ସେ କଅଣ ଅପଣଙ୍କ ରାଜଫୌଜ ମାନଙ୍କୁ ନିଜହାତରେ ରଖି ନେଲେଣି । ବୋଧହୁଏ ଏ ରାଜ୍ୟରୁ ଅପଣଙ୍କୁ ତଡ଼ିଦେବେ ରମାକୁ ଯବରାଜ ଅଧିକାର କରିବେ

ଯୁବରାଜ—ତାହା ହେବନାହିଁ ଯୁବରାଜ ଥିବଯାଏ

ସର୍ଦ୍ଦାର—ମୋର ଏ ବେ ବଦାୟ ନମସ୍କାର ।

(ସର୍ଦ୍ଦାର ଗୁଲିଗଲା)

ଯୁବରାଜ—ଧାଇମା, ଏହିରୁ ସବୁକଥା ଶୁଣି ମୋର ଦେହ ଥରି ଉଠୁଛି । ସେ ରାକ୍ଷସ କଅଣ ନକରୁଛି । ନିଜ ପିତାକୁ ହତ୍ୟା କଲା । ନିଜଭଉଣୀକୁ ହତ୍ୟାକଲା, ଆଉ ତାହା ଉପରେ ଦୟା ଅସ୍ତବ୍ୟବହାର । ବୋଧହୁଏ ତାର ରମାପାଇବା ରାସ୍ତାରେ ଯେବାଧା ଦେବ ସେ ତାକୁ ହତ୍ୟା କରିବ ।

ଧାଇମା—ସାବଧାନ ହୋଇ ଯିବୁ ତା ନିକଟକୁ । ସେ ସେନାଗୁଡ଼ାଙ୍କୁ ଆନ୍ତୁତ କରି ରଖିଛି ଯେ

ଯୁବରାଜ—ଅଚ୍ଛା ମୁ ଯାଉଛି ଧାଇମା 'ପରେ କଥାବାର୍ତ୍ତା ।

( ସମସ୍ତେ ଚାଲିଗଲେ )

ତୃତୀୟଦୃଶ୍ୟ—

( ମାନୁ, ସୁମନ୍ତ ସର୍ଦ୍ଦାର ପ୍ରବେଶ )

ମାନସିଂହ—ସୁମନ୍ତ ତମକୁ ବର୍ତ୍ତମାନ ଅମ ଜଙ୍ଗଲୀ ସେନାନେଇ ରାଜପୁର ଯିବାକୁ ହେବ । ସେଠାରେ ଯୁବରାଜ ଓ ପ୍ରତାପର ଘୋର ସଂଘର୍ଷଣ ଚାଲିବ । ପ୍ରତାପ ବର୍ତ୍ତମାନ ରାଜଗାଦୀ ଅଧିକାର କରିବାକୁ ବସିଲଣି । ରାଜଫୌଜ ମାନଙ୍କୁ ଆୟତ୍ତ କରି ନେଲଣି । ଯୁବରାଜଙ୍କର ଭୟଙ୍କର ଅନିଷ୍ଟ କରିବ । ସର୍ଦ୍ଦାର ତମେ ସୈନ୍ୟମାନଙ୍କୁ ନେଇ ସୁମ ସଙ୍ଗରେ ଯାଅ ।

(ସମସ୍ତଙ୍କର ପ୍ରସ୍ଥାନ)

## ୪ର୍ଥ ଦୃଶ୍ୟ—

### (ପ୍ରତାପ ପ୍ରବେଶ)

ପ୍ରତାପ—(ସ୍ୱଗତ) ଯାଉଛି ଆଜ ରମା ପୁରକୁ । ଧାଇମା କଥା କେତେଦୂର ସତ୍ୟ ଜାଣିହେବ ( ରମାପୁରେ ଜଞ୍ଜିର ହଲାଇ ) ରମା, ରମା, ।

ରମା—ଆସନ୍ତୁ (କବାଟଖୋଲି) ଏହି ଆସନ ଗ୍ରହଣ କରନ୍ତୁ ।

ପ୍ରତାପ—ଆଜିତ ପୂରଟି ବେଶଭୂବେ ସାଜସଜା ହୋଇଛି ।

ରମା—ଆପଣ ଆସିବେ ବୋଲି ଯା ।

ପ୍ରତାପ—ବୋଧହୁଏ ଧାଇମା ତମକୁ ସବୁ କଥାରେ ତୟାର କରି ଦେଇଛି । ତେବେ ବୁଝିଲନା ଧାଇମା ସେ ଦିନ ମୋ ପାଖରେ କଅଣ କହୁଥିଲା ତମେ ଯେ କୁଆଡାରେ ମୋ ଉପରେ ଖସିଲେ ।

ରମା—ତାହା ମୁଁ ବୁଝି ନ ଥିଲି ସେଦିନଟା ମୋର ଭୁଲ ।

ପ୍ରତାପ—ତେବେ ରମା କୁହନି ତମରତ ମୋଉପରେ ଅଉ ରାଗନାହିଁ

ରମା—ନା ଆଉ ସେ ରାଗ ଅଛିନା ।

ପ୍ରତାପ—ତେବେ ତମେତ ଖୁବ୍ ନୂତନା ତମର ଆଜ ଯୁବକ ସଙ୍ଗରେ ପ୍ରଥମ ଦିବସ । ତମ ମନରେ ଉଦ୍‌ବେଗ ଜନ୍ମୁଥିବ ପୁରୁଷ ସଙ୍ଗକୁ ।

ପ୍ରତାପ—ତେବେ ଚାଲ ପଲଙ୍କ ଉପରକୁ, ପ୍ରଥମ ମିଳନ ପରେ ସମ୍ଭାଷଣାଦି କାର୍ଯ୍ୟ ଚାଲିବ ।

ରମା—ଆଜି କେବଳ ସମ୍ଭାଷଣ । ମିଳନତ ସୁବିଧାନୁହେଁ ?

ପ୍ରତାପ—ଅଉ ଅସୁବିଧା କଅଣ ?

ରମା—ମୁଁ ପରା ଅବିବାହିତା ।

ପ୍ରତାପ—ସେତ କଅଣ ?

ରମା—ଭାଇ ଶୁଣିଲେ କଅଣ କହିବେ ?

ପ୍ରତାପ—ଭାଇ ଟପ ମୋର ବର୍ତ୍ତମାନ ହାତମୁଠାରେ । ରାଜ୍ୟର ଫୌଜମାନେ ମୋର ହାତରେ । ଶେଷରେ ଦେଖିବ ତମେ ଏ ଅଯୋଧ୍ୟା ଦେଶର ରାଣୀହେବ ମୁଁ ରାଜା ହେବି ।

ରମା—ଭାଇ ସିନା ହତ୍ୟା ହେଲେ ସବୁ କଥା ହେବ ?

ପ୍ରତାପ—ତମ ଭାଇ ହତ୍ୟାଟା ଖୁବ୍ ସହଜ କିନ୍ତୁ ତମ ମନରେ କଷ୍ଟ ଆସିବ ବୋଲି ମୁଁ ସେ ଆଡ଼କୁ ମନ ବଳାଉନାହିଁ । ତମେ ଆଦେଶ ଦେଲେ ମୁଁ ଅକ୍ଲେଶରେ ତମ ଭାଇକୁ ହତ୍ୟା କରି ପାରିବି ।

ରମା—ବାପାତ ଜୀବିତ ଅଛନ୍ତି ସେ ଶୁଣିଲେ କଅଣ କହିବେ ?

ପ୍ରତାପ—ସେତ ବନ ମଧ୍ୟରେ ଅଛନ୍ତି ଶୁଣିବେ କିପରି ?

ରମା—ଯଦି ଜାଣିଲେ ହେଲେ ଶୁଣିବେ ?

ପ୍ରତାପ—ସେ ଶୁଣିବା ବେଳକୁ କିଛିତ ବାକି ଥିବନାହିଁ । ଯୁବରାଜ ହତ୍ୟା ହୋଇଥିବ । ରାଜଗାଦୀ ଆମ ହାତରେ ଥିବ । ସେ ପୁଣି କଅଣ କରିବେ । ଯଦି ସେ କିଛି ଅନିଷ୍ଟ କରନ୍ତି ତାଙ୍କୁ ଇହଧାମରୁ ବିଦାୟ ଦେବା ।

ରମା—ବିବାହପରେ ମିଳନ ହେବ । ଆଜି କେବଳ ମଧୁର ସମ୍ଭାଷଣରେ ରାତ୍ର ପୁହାଇବା ।

ପ୍ରତାପ—ନା ରମା ଆସ ପଲଙ୍କ ଉପରକୁ । ଷୁଧାର୍ତ୍ତ ଆଗରେ ବଢ଼ା ମିଷ୍ଟାନ୍ନ କି ରହିପାରେ ? (ହାତଧରି ଟାଣିବା)

ରମା—ଛାଡ଼ ମୋ ହାତ ଛାଡ଼ ।

ପ୍ରତାପ—ରମା, ଆଜି ଜୀବନର ଚରମ ତୃପ୍ତି ସୁଖ ଭୋଗ କରିବି ଆଜି ତମର ମନୋରଥ ହେବନାହିଁ । ତୁମେ ମୋତେ ବାରଣ କରନାହିଁ (ପୁଣି ହାତଧରି ଟାଣିବା ସମୟରେ ରମା ହୁଇସିଲ ବଜାଇଦେଲା, ହଠାତ୍ ରାଜସୈନ୍ୟମାନେ ବାହାରି ତାଙ୍କ ମଧ୍ୟରେ ଯୁବରାଜ ଯୋଦ୍ଧବେଶରେ ଠିଆ ହୋଇ ଛନ୍ତି । ପ୍ରତାପ ଚାରିପଟରେ ସୈନିକମାନେ ଘେରି-ଗଲେ

ଯୁବରାଜ—ସିପାହୀମାନେ ଶୀଘ୍ର ପ୍ରତାପକୁ ବନ୍ଦୀକର

(ସିପାହୀମାନେ ବନ୍ଦୀ କରିବାକୁ ଉଦ୍ୟତ ସମୟରେ)

ପ୍ରତାପ—ସାବଧାନ ଯୁବରାଜ ଏହିକ୍ଷଣି ତୁମ୍ଭର ପ୍ରାଣନେବାକୁ ମୁଁ ପ୍ରସ୍ତୁତ ଅଛି (ଭୟଙ୍କର ଯୁଦ୍ଧ)

(ସିପାହୀମାନେ ପ୍ରତାପର ପୂର୍ବ ମନ୍ତ୍ରଣାନୁସାରେ ଯୁବରାଜଙ୍କୁ ଘେରାଉ କଲେ ଏବଂ ସଙ୍ଗେ ସଙ୍ଗେ ଯୁବରାଜ ସିପାହୀମାନଙ୍କ କଣ୍ଠିକ ବନ୍ଦୀ ହେଲେ)

ରମା, ମୁଁ ତୁମର ସବୁ କୌଶଳ ବୁଝି ପାରୁଛି । ଅଚ୍ଛା ଆଗେ ତୋତେ ହତ୍ୟା କରି ପରେ ଯୁବରାଜଙ୍କୁ ହତ୍ୟା କରିବ । ଦେଖିବ ପିଶାଚିନୀ କେ ତୋତେ ରକ୍ଷାକରିବ ।

ସର୍ଦ୍ଦାର—ଉଚିତ୍ କାମ କରିଛି ରମା ତୁ ରମାର କିଛି କରିପାରିବୁ ନାହିଁ ସର୍ଦ୍ଦାର ଅଛି ରମାକୁ ରକ୍ଷା କରିବାକୁ

ପ୍ରତାପ—(ଚମକି ପଡ଼ି) ଏ ସର୍ଦ୍ଦାର ତୋର ମୃତ୍ୟୁ ନିକଟରେ ? ତୁ ପ୍ରତାପର ରକ୍ତ ଚକ୍ଷୁ ଆଗରେ ଠିଆ ହେବାକୁ ଶକ୍ତି ସଞ୍ଚିଚୁ ?

ରଙ୍ଗିଲା—ସଞ୍ଚିତ ଶକ୍ତି ବହୁତ ସର୍ଦ୍ଦାର, ସର୍ଦ୍ଦାର ଏକଲା ନୁହେଁ ଅତ୍ୟାଗ୍ରହୀଙ୍କୁ ଦମନ କରିବା ପାଇଁ ଦୁନିଆ ସାରା ଶକ୍ତି ଠୁଳ ହୋଇଯିବ ।

ମାନୁ—ତୁ ରାବଣଠାରୁ ଶକ୍ତିବାନ ନୁହେଁ ପ୍ରତାପ ?

ସୁମନ୍ତ—ଭାଇ ମୁଁ ଆଜି ସେନାପତି ହୋଇ ଆସିଛି ତୋ ନିକଟକୁ ମୋର ଏହି ଜଙ୍ଗଲୀ ସେନାଙ୍କ ସଙ୍ଗରେ ଯୁଦ୍ଧ କର ତୋର ବୀରତ୍ୱ ଦେଖା ତା ନହେଲେ ଯୁବରାଜକୁ ହତ୍ୟା କରିବା ପୂର୍ବରୁ ତୋତେ ହତ୍ୟା କରିବାକୁ ମୁଁ ଠିଆ ହୋଇଅଛି (ହଠାତ୍ ଜଙ୍ଗଲୀ ସେନାମାନେ ପ୍ରତାପକୁ ଘେରିଯାଇ ହତ୍ୟା କଲେ)

ସମସ୍ତେ ଚାଲିଗଲେ

—o—

ଶେଷଦୃଶ୍ୟ:—

(ବୃଦ୍ଧରାଜା ,ମାନୁ, ସୁମନ୍ତ ଯୁବରାଜ, ରମା ସମସ୍ତେ ଆସି ପହଞ୍ଚିଲେ)

ରାଜା—ମାନୁ ତୁମରକଥା ଏବେ ଫଳିଲା । ତେବେ ରମାକୁ ଗ୍ରହଣ କରି ମୋର ସତ୍ୟ ବଜାୟ ରଖ ।

ମାନୁ—ଆଉରମା କଥା କହନ୍ତୁ ନାହିଁ । ମୁଁ ମୋ ରମାକୁ ପାଇଛି ମନ୍ତ୍ରୀ କନ୍ୟା ସୁମନ୍ତ ଯେ ମୋର ରମାର୍ ପରେ ପତ୍ନୀ ହୋଇଅଛି ଆପଣଙ୍କ କନ୍ୟାକୁ ଏବେ ଅନ୍ୟତ୍ର ପ୍ରଦାନ କରନ୍ତୁ ମୁଁ ଦ୍ୱିତୀୟ ରମା ଗ୍ରହଣ କରିବନାହିଁ ।

ଯୁବରାଜ—ଭାଇ ଆମର ସବୁଦୋଷ ନିଜଗୁଣରେ କ୍ଷମାଦେଇ ରମାକୁ ଗ୍ରହଣ କରନ୍ତୁ ।

ମାନୁ—ମୁଁ ଆଉ ଦ୍ୱିତୀୟ ନାରୀ ଗ୍ରହଣ କରିବିନାହିଁ

(କୁସୁମ ମାଳାଦେଇ ରମା ପହଞ୍ଚିଲା)

ରମା—ସ୍ୱାମୀ, ସବୁଦୋଷ କ୍ଷମାଦେଇ ଏ କୁସୁମ ମାଳା ଗ୍ରହଣକରନ୍ତୁ

ମାନୁ—ନା ରମା ତାହା ହେବ ନାହିଁ । ମୁଁ ତ ସୁମକୁ ରମାରୂପରେ ଗ୍ରହଣକରିଛି ଦ୍ୱିତୀୟ ରମା ଗ୍ରହଣ କରିବିନାହିଁ ।

ସୁମତୀ—ପ୍ରଭୁ, ରମାକୁ ଗ୍ରହଣ ନକଲେ କେତେ ଲୋକଙ୍କ ମନରେ ଦୁଃଖ ଲାଗିବ । ମୁ ଅନୁରୋଧ କରୁଛି ପିତାଙ୍କ ସତ୍ୟ ରକ୍ଷା ହେଉ ଆପଣ ସମାଦରରେ ରମାକୁ ଗ୍ରହଣ କରନ୍ତୁ ।

ମାନୁ—ସୁମ, ତୁମକଥା ଅନ୍ୟଥା କରିବାର ମୋର ଶକ୍ତିନାହିଁ ମୁଁ ରମାର ବରଣମାଳା ଗ୍ରହଣ କରୁଛି ।

(ମାନୁ ରମାଠାରୁ ବରଣମାଳା ଗ୍ରହଣ କଲେ ସଙ୍ଗେ ୨ ଜୟ-ଧ୍ୱନି, ଶୁଭବାଦ୍ୟ ବାଜିଉଠିଲା)

ରାଜା—ଉଦୟ, କାଲି ମାନୁ ସହିତ ବିବାହ କାର୍ଯ୍ୟ ସମାଧାନକର

( ସମସ୍ତେ ଚାଲି ଗଲେ )

( ସମାପ୍ତ )



ଅନ୍ନପୂର୍ଣ୍ଣେଶ୍ୱରୀ ପ୍ରେସ, ପୁରୁଣାବଜାର, ଭଦ୍ରକରେ, ଶ୍ରୀ ଗୋପାଳ ଚରଣସାହୁଙ୍କ ଦ୍ୱାରା ପ୍ରଥମବାର ମୁଦ୍ରିତ ।